# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 3/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 128 | ମୂଲ୍ୟ₹୭/-



DSPL-11



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ୨୦୨୫

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

**ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ, ଆମ ସମୃଦ୍ଧ ହସ୍ତତନ୍ତ ବସ୍ତ୍ର ପରିଧାନ କରି ସ୍ୱାଭିମାନୀ ଓଡ଼ିଆ ଅସ୍ମିତାର ଅଂଶ ହୁଅନ୍ତୁ**

**୩ ଅପ୍ରେଲ ୨୦୨୫**



## ଆମ ପୋଷାକ ଆମ ପରିଚୟ

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31047/13/0002/2425

# ଜଙ୍ଗଲ ଜମି ସଫାକୁ ବିରୋଧ

## ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିଚାର୍ଜ

**ହାଇଦ୍ରାବାଦ, ୨।୪**

ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦ(ୟୁଓଏଚ୍) ନିକଟସ୍ଥ କାଞ୍ଚା ଗଚିବ୍ୱୋଲି ଅଞ୍ଚଳରେ ଥିବା ୪୦୦ ଏକର ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। କାଞ୍ଚା ଗଚିବ୍ୱୋଲିରେ ତେଲଙ୍ଗାନା ଶିଳ୍ପ ଭିତ୍ତିଭୂମି ନିଗମ (ଟିଜିଆଇଆଇସି) ମାଧ୍ୟମରେ ଏକ ଆଇଟି ପାର୍କ ନିର୍ମାଣ କରାଯିବା ସହ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି। ତେବେ ବିକାଶମୂଳକ ପ୍ରକଳ୍ପ ନାଁରେ ସବୁଜ ଆବରଣ ନଷ୍ଟ କରାଯିବା ଘଟଣାକୁ ବିରୋଧ କରି ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ସୋମବାରଠାରୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ କ୍ଲାସ ବୟକଟ



କାଞ୍ଚା ଗଚିବ୍ୱୋଲିସ୍ଥିତ ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ଲାକାର୍ଡ ଧରି ବିରୋଧ କରୁଛନ୍ତି।

କରିବା ସହ ଧାରଣାରେ ବସି ରହିଛନ୍ତି।

ଧାରଣାର ନେତୃତ୍ୱ ନେଉଥିବା ୟୁଓଏଚ୍ ଛାତ୍ର ସଂସଦର ଉପ ସଭାପତି ଆକାଶ କୁମାର କହିଛନ୍ତି, କାଞ୍ଚା ଗଚିବ୍ୱୋଲି ହେଉଛି ଶତାଧିକ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ବାସସ୍ଥଳ। ଯେପର୍ଯ୍ୟନ୍ତ କାଞ୍ଚା ଗଚିବ୍ୱୋଲି ଜଙ୍ଗଲ ଜମି ସଫା କାର୍ଯ୍ୟକୁ ବନ୍ଦ କରା ନ ଯିବ, ସେଯାଏଁ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଜାରି ରହିବ ବୋଲି ଆକାଶ କହିଛନ୍ତି। ଗତ ୩୦ରେ କାଞ୍ଚା ଗଚିବ୍ୱୋଲିରେ ଥିବା ଜଙ୍ଗଲ ଜମିରେ ପୋଲିସ ମୁତୟନ ହେବା ସହ ଏବଂ ମାଟି ହଟାଇବାର ବିଭିନ୍ନ ଉପକରଣକୁ ଦେଖି କେତେଜଣ ଛାତ୍ରୀଛାତ୍ର ଏବଂ ପରିବେଶ କାର୍ଯ୍ୟକର୍ତ୍ତା ବିରୋଧ କରିଥିଲେ। ସେମାନେ ଏହି ବିକାଶମୂଳକ ପ୍ରୋଜେକ୍ଟକୁ ବନ୍ଦ କରିବା ପାଇଁ ପ୍ରୟାସ କରିଥିଲେ। ଫଳରେ ସେଠାରେ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର ଏବଂ ପରିବେଶ କର୍ମୀଙ୍କ ମଧ୍ୟରେ ହାତାହାତି ସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ସହ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ଅଟକ ରଖି କିଛି ସମୟ ପରେ ଛାଡ଼ି ଦେଇଥିଲା।

ବିଭିନ୍ନ ଛାତ୍ର ସଙ୍ଗଠନ ଓ ପରିବେଶ କର୍ମୀଙ୍କ ଅନୁଯାୟୀ, କାଞ୍ଚା ଗଚିବ୍ୱୋଲିରେ ଜଙ୍ଗଲ ଜମିକୁ ସଫା କରିବା, ପରିବେଶ ଉପରେ ଗମ୍ଭୀର ପ୍ରଭାବ ପକାଇବ। ସ୍ଥାନୀୟ ଜଳବାୟୁ ଗବେଷକ ଅରୁଣ ଭାଷିରେଡ୍ଡୀ କହିଛନ୍ତି, କାଞ୍ଚା ଗଚିବ୍ୱୋଲିରେ ସବୁଜ ଆବରଣକୁ ନଷ୍ଟ କରାଯିବା ଦ୍ୱାରା ସ୍ଥାନୀୟ ତାପମାତ୍ରା ୧ରୁ ୪ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ୟୁଓଏଚ୍ ଓ ଏହାର ଆଖପାଖ ଅଞ୍ଚଳରେ ପରିବେଶଗତ ସନ୍ତୁଳନ ନଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ କାଞ୍ଚା ଗଚିବ୍ୱୋଲିରେ ଜଙ୍ଗଲ ଜମିର ମାଲିକାନା ରାଜ୍ୟ ସରକାରଙ୍କ ପାଖରେ ରହିଛି। ତେଣୁ ବିକାଶମୂଳକ ପ୍ରକଳ୍ପ ମାଧ୍ୟମରେ ଏହି ଅଞ୍ଚଳକୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ପରିପୂର୍ଣ୍ଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ୟୁଓଏଚ୍ ନିକଟରେ ଆଇଟି ପାର୍କ ନିର୍ମାଣ କରାଯିବା ସହ ଉକ୍ତ ଅଞ୍ଚଳରେ ସହରାଞ୍ଚଳ ସଂଯୋଗୀକରଣକୁ ମଜଭୁତ କରାଯିବ ବୋଲି ତେଲଙ୍ଗାନା ସରକାର କହିଛନ୍ତି।

ବୁଧବାର ଏହି ପ୍ରୋଜେକ୍ଟ ବିରୋଧରେ ୟୁଓଏଚ୍‌ର ଛାତ୍ରୀଛାତ୍ରମାନେ ଏକ ରାଲି ବାହାର କରିଥିଲେ। ଏହି ଅବସରରେ ଏକଜୁଟତା ଦେଖାଇବା ପାଇଁ ୟୁଓଏଚ୍‌ର ଶିକ୍ଷକ ସଂଘ ମଧ୍ୟ ଛାତ୍ରୀଛାତ୍ରଙ୍କ ସହ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଆମ୍ବେଡକର ଅଡିଟୋରିଅମରୁ ପୂର୍ବ କ୍ୟାମ୍ପସ୍ ପର୍ଯ୍ୟନ୍ତ ପ୍ରଦର୍ଶନକାରୀଙ୍କ ଏକ ରାଲି ବାହାରିଥିଲା। ତେବେ ଏହାପୂର୍ବରୁ ପୂର୍ବ କ୍ୟାମ୍ପସ୍‌ରେ ବ୍ୟାରିକେଡ୍ ଲଗାଯିବା ସହ ବହୁ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲା। ପୋଲିସ ପ୍ରଦର୍ଶନକାରୀଙ୍କୁ ଅଟକାଇ ଲାଠିଚାର୍ଜ କରିଥିଲା।


ବିବାଦୀୟ ୪୦୦ ଏକରର ଜଙ୍ଗଲ ଜମି।

### ୪୦୦ ଏକର ଜଙ୍ଗଲ ଜମି ସଫା ଉପରେ ରୋକ

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲା କାଞ୍ଚା ଗଚିବ୍ୱୋଲିରେ ଜଙ୍ଗଲ ଜମି ସଫା କରାଯିବା ପ୍ରକ୍ରିୟା ଉପରେ ରୋକ ଲଗାଇବାକୁ ବୁଧବାର ତେଲଙ୍ଗାନା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଜମି ସଫା କରାଯିବା ବିରୋଧରେ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ପିଟିଶନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସୁଜୟ ପାଲ ଏବଂ ଜଷ୍ଟିସ୍ ରେଣୁକା ୟାରାଙ୍କୁ ନେଇ ଗଠିତ ଡିଭିଜନ ଖଣ୍ଡପୀଠ ଜଙ୍ଗଲ ଜମି ସଫା କାର୍ଯ୍ୟକଳାପକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ,

**ତେଲଙ୍ଗାନା ସରକାରଙ୍କୁ ହାଇକୋର୍ଟଙ୍କ ଝଟକା**

କାଞ୍ଚା ଗଚିବ୍ୱୋଲିର ୪୦୦ ଏକର ଜଙ୍ଗଲରେ ଗଛ କଟାଯିବାକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଧବାର କେନ୍ଦ୍ର ସରକାର ତେଲଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶଗତ ଆଇନ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଉ ବୋଲି ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ଏସ୍. ସୁନ୍ଦରଙ୍କ ପକ୍ଷରୁ ତେଲଙ୍ଗାନା ସରକାରଙ୍କୁ ଏକ ଚିଠି ଜାରି କରାଯାଇ ନିର୍ଦ୍ଦେଶ ଦିଆଯାଇଛି।

## ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

**ଜମ୍ମୁ, ୨।୪(ପି.ଟି.)**

ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲା ନିୟନ୍ତ୍ରଣରେଖା (ଏଲ୍‌ଓସି) ସଂଲଗ୍ନ ଅଞ୍ଚଳରେ ଏକ ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଭାରତୀୟ ସେନା ପ୍ରଭାବଶାଳୀ ଢଙ୍ଗରେ ଏହାର ଜବାବ ଦେଇଥିବା ବୁଧବାର ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାର କ୍ରିଷ୍ଣାଘାଟି ସେକ୍ଟରରେ ପାକିସ୍ତାନୀ ସେନା ପାଟ୍ରୋଲିଂ କରୁଥିବାବେଳେ ଏକ ମାଇନ୍ ବିସ୍ଫୋରଣ ହୋଇଥିଲା। ଏହା ପରେ ମଙ୍ଗଳବାର ଅପରାହ୍ନ ୧ଟା ୧୦ରେ ପାକିସ୍ତାନୀ ସୈନ୍ୟ ଏଲ୍‌ଓସି ଅତିକ୍ରମ କରି ଯବାନମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳି ଚଳାଇଥିଲେ। ତେବେ ଏହି ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ଭାରତୀୟ ସୁରକ୍ଷା ବଳର କେହି ମୃତାହତ ହୋଇ ନାହାନ୍ତି। ଅନ୍ୟପକ୍ଷେ ମାଇନ୍ ବିସ୍ଫୋରଣ ଏବଂ ଯବାନଙ୍କ ଗୁଳିମାଡ଼ରେ ୫ ପାକିସ୍ତାନୀ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୨୧ ଫେବୃଆରୀ ୨୫ରେ ଭାରତ ଓ ପାକିସ୍ତାନ ଦୁଇଦେଶର ସୀମାରେ ଅସ୍ତ୍ରବିରତି ପାଇଁ ପୁନଃ ଚୁକ୍ତିବଦ୍ଧ ହୋଇଥିଲେ। ଏହା ସତ୍ତ୍ୱେ ଗତ ଫେବୃଆରୀରେ ପୁଞ୍ଛ-ରୋଜୌରି ସେକ୍ଟରରେ ପାକିସ୍ତାନ ଅନେକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଫେବୃଆରୀ ୧୧ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ ଭାରତୀୟ ଯବାନ ଶହୀଦ ହୋଇଥିଲେ।

## ପୁନମ ଗୁପ୍ତା ଆର୍‌ବିଆଇର ନୂତନ ଡେପୁଟି ଗଭର୍ନର

**ନୂଆଦିଲ୍ଲୀ, ୨।୪**


ପୁନମ ଗୁପ୍ତା

କେନ୍ଦ୍ର ସରକାର ବୁଧବାର ପୁନମ ଗୁପ୍ତାଙ୍କୁ ୩ ବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ଭାବେ ନିଯୁକ୍ତି ଦେଇଛନ୍ତି। ପୁନମ ବର୍ତ୍ତମାନ ଇକୋନୋମିକ ପଲିସି ଥିଙ୍କ୍ ଟାଙ୍କ୍ 'ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ସ ରିସର୍ଚ୍ଚ (ଏନ୍‌ସିଏଇଆର୍)'ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ପୁନମ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଅଛନ୍ତି ଓ ସେ ୧୬ଶ ଅର୍ଥ ଆୟୋଗ ପାଇଁ ପରାମର୍ଶ ପରିଷଦର ସଂଯୋଜକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ୨୦୨୧ରେ ଏନ୍‌ସିଏଇଆର୍‌ରେ ଯୋଗ ଦେଇଥିଲେ। ପୁନମ ଏହାପୂର୍ବରୁ ୨ ଦଶନ୍ଧି ଧରି ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ (ଆଇଏମ୍ଏଫ୍) ଏବଂ ୱାର୍ଲ୍ଡ ବ୍ୟାଙ୍କ ପାଇଁ ୱାଶିଂଟନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ।

## ଜର୍ମାନ ପର୍ଯ୍ୟଟକଙ୍କୁ କାର୍‌ରେ ବଳାତ୍କାର

**ହାଇଦ୍ରାବାଦ, ୨।୪**

ହାଇଦ୍ରାବାଦରେ ଜଣେ ମହିଳା ଟୁରିଷ୍ଟ (୨୨)ଙ୍କୁ କାର୍‌ରେ ବଳାତ୍କାର କରାଯାଇଥିବାର ଘଟଣା ସାମ୍ନାକୁ ଆସିଛି। ଜଣେ କ୍ୟାବ୍ ଡ୍ରାଇଭର (୨୪) ଉକ୍ତ ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ। ମଙ୍ଗଳବାର ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ମାସ ୪ ତାରିଖରେ ପୀଡ଼ିତା ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ହାଇଦ୍ରାବାଦକୁ ଭ୍ରମଣ ପାଇଁ ଆସିଥିଲେ। ସୋମବାର ଇଦ୍ ଉପଲକ୍ଷେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ସହରର ମିର୍‌ପେଟ ଅଞ୍ଚଳକୁ ଯାଇଥିବାବେଳେ ସେଠାରେ ଅଭିଯୁକ୍ତ କ୍ୟାବ୍ ଡ୍ରାଇଭର ଉଭୟଙ୍କୁ ସହର ଭ୍ରମଣ କରାଇବାକୁ ଅଫର ଦେଇଥିଲେ। ଉକ୍ତ କ୍ୟାବ୍‌ରେ ପୂର୍ବରୁ ୪ରୁ ୫ ନାବାଳକ ଥିଲେ ବୋଲି ପୀଡ଼ିତା କହିଛନ୍ତି। କ୍ୟାବ୍ ଡ୍ରାଇଭରଙ୍କ କଥାରେ ବିଶ୍ୱାସ କରି ପୀଡ଼ିତା ତାଙ୍କ ପୁରୁଷ ବନ୍ଧୁଙ୍କ ସହ କ୍ୟାବ୍‌ରେ ବସି ଯାଇଥିଲେ। ଉଭୟଙ୍କୁ ସହରର ଅନେକ ସ୍ଥାନ ଭ୍ରମଣ କରାଇବା ପରେ ସନ୍ଧ୍ୟାରେ କ୍ୟାବ୍ ଡ୍ରାଇଭର ନିଜ ନାବାଳକ ସହଯୋଗୀଙ୍କ ସହାୟତାରେ ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ଜବରଦସ୍ତି କ୍ୟାବ୍‌ରୁ ଓହ୍ଲାଇ ଦେଇଥିଲେ। ଏହାପରେ ସେ ତାଙ୍କ କ୍ୟାବ୍‌କୁ ହାଇଦ୍ରାବାଦ ଉପକଣ୍ଠ ମମିଡିପଲ୍ଲୀ ଅଞ୍ଚଳକୁ ନେଇ ଯାଇଥିଲେ। ସେଠାରେ ସେ କ୍ୟାବ୍‌ର ପଛ ସିଟ୍‌ରେ ଉକ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ।

## ଭାରତ-ଚାଇନା ସମ୍ପର୍କ ବଢ଼ାଇବାକୁ ଜିନ୍‌ପିଙ୍ଗ୍‌ଙ୍କ ଆହ୍ୱାନ

**ବେଜିଂ, ୨।୪**

ଭାରତ-ଚାଇନା କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏକ ସ୍ଥିର ଏବଂ ବହୁଧ୍ରୁବୀୟ ବିଶ୍ୱ ପାଇଁ ଭାରତ ଓ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ସହାୟକ ହୋଇଥିଲା। ସେହିପରି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଭାରତ ପ୍ରତିପକ୍ଷ ଦ୍ରୌପଦୀ ମୁର୍ମୁଙ୍କୁ ବାର୍ତ୍ତା ପଠାଇ ଉଭୟ ଦେଶର ମୌଳିକ ସ୍ୱାର୍ଥ ନିମନ୍ତେ 'ହାତୀ-ଡ୍ରାଗନ୍ ଯୁଗଳବନ୍ଦୀ' ପାଇଁ ଆହ୍ୱାନ ଦେଇଛନ୍ତି। ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି, ଏକ ସ୍ଥିର, ପୂର୍ବାନୁମେୟ ଏବଂ ମୈତ୍ରୀପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ଉଭୟ ଦେଶ ଏବଂ ବିଶ୍ୱ ପାଇଁ ଲାଭଦାୟକ ହେବ। ସେହିପରି ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ତାଙ୍କ ଭାରତ ପ୍ରତିପକ୍ଷ ମୋଦି ଏବଂ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କର ପରସ୍ପରକୁ ଅଭିନନ୍ଦନ ବାର୍ତ୍ତା ପଠାଇଛନ୍ତି।

**ପୁରୁଷ ବନ୍ଧୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ...**

## ଯୁବତୀଙ୍କୁ ପୀଡ଼ିତା ମନେକରିବା ଭୁଲ୍

**ନୂଆଦିଲ୍ଲୀ, ୨।୪**

ଶାରୀରିକ ସମ୍ପର୍କ ସ୍ଥାପନ ପରେ ଯୋଡ଼ିଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣୁଥିବା ଧାରାକୁ ଦେଖି ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ନିଜ ବିରୋଧରେ ବଳାତ୍କାର ମାମଲା ଖାରଜ ସକାଶେ ଜଣେ ପୁରୁଷଙ୍କ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ରାଜେଶ ବିନ୍ଦାଲଙ୍କ ଖଣ୍ଡପୀଠ କହିଛନ୍ତି, ରୋମାନ୍ସ ବିଫଳ ହୋଇଗଲେ କିମ୍ବା ଯୋଡ଼ି ଭାଙ୍ଗିଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିଶେଷକରି ସମାଜରେ ପରିବର୍ତ୍ତନଶୀଳ ନୈତିକ ମୂଲ୍ୟବୋଧ



ଦୃଷ୍ଟିକୋଣରୁ ବ୍ରେକ୍‌ଅପ୍ ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦ୍ୱାହି ଦେଇ ଏପରି ଅଭିଯୋଗ ଅଣାଯିବା ଅନୁଚିତ।

ଆଲୋଚ୍ୟ ମାମଲାରେ ମହିଳା ଜଣକ ନିଜ ପିଟିଶନରେ ତାଙ୍କ ପୂର୍ବତନ ପୁରୁଷ ବନ୍ଧୁଙ୍କ ବିରୋଧରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ଆଣିଥିଲେ। ଏହାକୁ ତାଙ୍କ ପୁରୁଷ ବନ୍ଧୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୀର୍ଷ ଅଦାଲତ ଏହା ଉପରେ ଆହୁରି କହିଛନ୍ତି, ଅଧିକାଂଶ ସମୟରେ ଏକ ରୁଢ଼ିବାଦୀ ମାନସିକତାର ପରିଣାମରୁ ଏଭଳି ଅଭିଯୋଗ ଆସିଥାଏ। ଆମ ବ୍ୟବସ୍ଥାରେ ଅଭାବ ଥିବାରୁ ମହିଳାମାନେ ପୁରୁଷଙ୍କୁ ଦୋଷ ଦେଇଥାନ୍ତି। ସମ୍ପୃକ୍ତ ମହିଳା ତାଙ୍କ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ୫ଟି ମାମଲା ଦାଏର କରିଛନ୍ତି। ମହିଳା ଜଣକ ଯଦି ଏତେ ନୀରିହା ତେବେ ସେ ସୁପ୍ରିମକୋର୍ଟକୁ ଆସି ନ ଥାଆନ୍ତେ। ସେ ଜଣେ ସାବାଳିକା। ତେଣୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଯୋଗୁ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ବୋଲି କହିବା ଅନୁଚିତ। ଏଠି ମହିଳାଙ୍କ ଯୁକ୍ତିକୁ ସତ ବୋଲି ଧରିନେଲେ କଲେଜରେ ଝିଅ ଓ ପୁଅଙ୍କ ମଧ୍ୟରେ ଯେକୌଣସି ସମ୍ପର୍କ ଦଣ୍ଡନୀୟ ହୋଇପାରିବ। ଧରାଯାଉ, ଉଭୟେ ପରସ୍ପରକୁ ଭଲ ପାଉଥିଲେ। ସମ୍ବନ୍ଧକୁ ଝିଅ ବିରୋଧ କଲେ ଏବଂ ପୁଅ କହିଲେ, ମୁଁ ଆସନ୍ତା ସପ୍ତାହରେ ତୁମକୁ ବିବାହ କରିବି। କିନ୍ତୁ ପରେ କୌଣସି କାରଣବଶତଃ ବିବାହ ସମ୍ପନ୍ନ ହୋଇ ନ ପାରିଲେ ତାହା ମଧ୍ୟ ଅପରାଧର ପଦବାଚ୍ୟ ହେବ। ତେଣୁ ଏଭଳି ମାମଲାରେ ଝିଅଙ୍କୁ ପୀଡ଼ିତା ଭାବେ ଦେଖାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

**ଫୁର୍‌ସତ୍**

## ୧୦ ସେ.ମି.ର ସବୁଠୁ ଲମ୍ବା ଜିଭ

**ନ୍ୟୁୟର୍କ**

ସମ୍ପ୍ରତି ବିଭିନ୍ନ ଶ୍ରେଣୀରେ ରେକର୍ଡ ସୃଷ୍ଟି କରି ଚର୍ଚ୍ଚାକୁ ଆସୁଥିବା ଲୋକଙ୍କର କୌଣସି ଅଭାବ ନାହିଁ। ନିକଟରେ ଆମେରିକାର କାଲିଫର୍ନିଆରେ ରହୁଥିବା ଜଣେ ମହିଳା ଚାନେଲ ଟାପର ମଧ୍ୟ ଠିକ୍ ଏହିପରି ଏକ ରେକର୍ଡ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ୯.୭୫ ସେଣ୍ଟିମିଟର (୩.୮୪ ଇଞ୍ଚ) ଲମ୍ବା ଜିଭ ସହ ଟାପର ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ପଞ୍ଜୀକୃତ କରିଛନ୍ତି। ସବୁଠାରୁ ଲମ୍ବା ଜିଭ ଥିବା ମହିଳା ଭାବେ



ଟାପର ଏହି ରେକର୍ଡ କରିଛନ୍ତି। ଫଳରେ ତାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୋସିଆଲ ମିଡିଆରେ ଟାପରଙ୍କ ଏତେ ଲମ୍ବା ଜିଭକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ଆଉ କେତେଜଣ ୟୁଜର୍ସ ଟାପରଙ୍କ ପୋଷ୍ଟରେ ମଜାଦାର ମିମ୍ସ ଓ କମେଣ୍ଟ ମଧ୍ୟ କରିଛନ୍ତି। ତେବେ ଜିଭକୁ ନେଇ ପୂର୍ବରୁ ମଧ୍ୟ ଜିଡବ୍ଲ୍ୟୁଆର୍‌ରେ ଅନେକ ରେକର୍ଡ ସ୍ଥାନ ପାଇଛି। ୧୦.୧ ସେ.ମି. ଜିଭ ସହ ଷ୍ଟୋଏବର୍ଲ ନାମକ ଜଣେ ବ୍ୟକ୍ତି ସବୁଠାରୁ ଲମ୍ବା ଜିଭ ରଖିଥିବା ପୁରୁଷ ଭାବେ ପୂର୍ବରୁ ରେକର୍ଡ ସୃଷ୍ଟି କରି ଜିଡବ୍ଲ୍ୟୁଆର୍‌ରେ ସ୍ଥାନ ପାଇଥିଲେ।

ବୈଜ୍ଞାନିକଙ୍କ ଅନୁଯାୟୀ, ବିଭିନ୍ନ ଜେନେଟିକ୍ ଏବଂ ଜୈବିକ କାରଣ ଯୋଗୁ ଲୋକମାନଙ୍କ ଜିଭର ଲମ୍ବ ଭିନ୍ନ ଭିନ୍ନ ହୋଇଥାଏ। ଏହି କାରଣରୁ କିଛି ଲୋକଙ୍କ ଶରୀରର କେତେକ ଅଙ୍ଗ ସ୍ୱାଭାବିକଠାରୁ ବଡ଼ ହୋଇଯାଇଥାଏ। ଠିକ୍ ଏହିପରି ଭାବେ ଟାପରଙ୍କ ଜିଭ ବହୁତ ଲମ୍ବା ହୋଇଯାଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେବେ ଏହି ଅନନ୍ୟ ରେକର୍ଡ ହାସଲ ପରେ ସୋସିଆଲ ମିଡିଆରେ ଟାପରଙ୍କ ଲୋକପ୍ରିୟତା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଲୋକମାନେ ତାଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ରଖୁଛନ୍ତି।

## ଶିମଲାରେ ଏସିଆର ସବୁଠୁ ଲମ୍ବା ରୋପ୍‌ୱେ

**ଶିମ୍‌ଲା**

ହିମାଚଳପ୍ରଦେଶର ରାଜଧାନୀ ଶିମଲାରେ ବିଶ୍ୱର ସବୁଠାରୁ ଲମ୍ବା ରୋପ୍‌ୱେ ନିର୍ମାଣ ହେବାକୁ ଯାଉଛି। ୧୩.୭୯ କି.ମି. ଲମ୍ବର ଏହି ରୋପ୍‌ୱେ ବିଶ୍ୱର ଦ୍ୱିତୀୟ ସବୁଠାରୁ ଲମ୍ବା ରୋପ୍‌ୱେ ହେବ। ଏହାର ନାମ ତାରାଦେବୀ ଶିମ୍‌ଲା ରୋପ୍‌ୱେ ରହିବ। ଏହି ରୋପ୍‌ୱେରେ ୬୬୦ କ୍ୟାବିନ ରହିବ। ପ୍ରତି କ୍ୟାବିନରେ ୮ରୁ ୧୦ ଯାତ୍ରୀ ଯିବାଆସିବା କରିପାରିବେ। ଏହି ରୋପୱେ ମା' ତାରାଦେବୀ ମନ୍ଦିରଠାରୁ ସଞ୍ଜୌଲି ମଧ୍ୟରେ ଚାଲିବ ଏବଂ ପ୍ରାୟ ୭୦ କିଲୋମିଟର କ୍ଷେତ୍ର ଅତିକ୍ରମ କରିବ। ଶିମ୍‌ଲା ଓ ଆଖପାଖ ଅଞ୍ଚଳର ୧୫ଟି ଷ୍ଟେଶନକୁ ଯୋଡୁଥିବା ଏହି ରୋପ୍‌ୱେ ପାଇଁ ୯୦ଟି ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯିବ। ପ୍ରତି ଘଣ୍ଟାରେ ଉଭୟ ଦିଗରୁ ପ୍ରାୟ ୨ ହଜାର ଲୋକ ଏହି ରୋପ୍‌ୱେରେ ଯାତ୍ରା କରିପାରିବେ। ଟ୍ରାଫିକ ଜାମ୍‌ରୁ ଶିମଲାବାସୀଙ୍କୁ ମୁକ୍ତ କରିବା ଉଦ୍ଦେଶ୍ୟରେ ହିମାଚଳ ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ରୋପ୍‌ୱେର ନିର୍ମାଣ କରାଯିବ।

## କହ୍ନେୟା ଲାଲ୍ ହତ୍ୟାକାଣ୍ଡକୁ ନେଇ 'ଜ୍ଞାନବାପି ଫାଇଲ୍ସ'

**ମୁମ୍ବାଇ**

୨୦୨୨ ଜୁନ ୨୮ରେ ଦରଜି କହ୍ନେୟା ଲାଲ୍‌ଙ୍କ ନିର୍ମମ ହତ୍ୟାକୁ ନେଇ ଖୁବ୍‌ଶୀଘ୍ର 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରେ ବଲିଉଡ୍ ଅଭିନେତା ବିଜୟ ରାଜ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବୁଧବାର ଫିଲ୍ମର ପ୍ରଥମ ଅଫିସିଆଲ ପୋଷ୍ଟର ରିଲିଜ୍ ହେବା ସହ ଫିଲ୍ମରେ ବିଜୟଙ୍କ ଲୁକ୍ ଉପରୁ ପରଦା ହଟିଛି। ସେହିପରି ଏହି ଫିଲ୍ମର ରିଲିଜ୍ ତାରିଖକୁ ମଧ୍ୟ ଘୋଷଣା କରାଯାଇଛି।

ଆସନ୍ତା ଜୁନ୍ ୨୭ରେ 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ମାତା କମ୍ପାନୀ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ଏହି ସୂଚନା ଦିଆଯାଇଛି। ସେହିପରି ଉକ୍ତ ପୋଷ୍ଟରେ ଫିଲ୍ମର ପ୍ରଥମ ପୋଷ୍ଟରକୁ ମଧ୍ୟ ଶେୟାର କରାଯାଇଛି। କ୍ୟାପ୍‌ଶନରେ ଲେଖାଯାଇଛି, ଏପରି ଏକ କାହାଣୀର ସାକ୍ଷୀ ହୁଅନ୍ତୁ, ଯାହାର ସତ୍ୟତା ପ୍ରଥମଥର ପାଇଁ ସାମ୍ନାକୁ ଆସିବ।

କହ୍ନେୟା ଲାଲ୍ ହତ୍ୟାକାଣ୍ଡର



ସମ୍ବେଦନଶୀଳ ପ୍ରକୃତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ନିର୍ମାତାଙ୍କ ପକ୍ଷରୁ ଫିଲ୍ମର କାହାଣୀ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରକାଶ କରାଯାଇନାହିଁ। ତେବେ ଏହି ଫିଲ୍ମରେ କହ୍ନେୟା ଲାଲ୍ ହତ୍ୟାକାଣ୍ଡ ଏବଂ ଏହା ସହ ଜଡ଼ିତ ଥିବା ପରବର୍ତ୍ତୀ ଘଟଣାଗୁଡ଼ିକୁ ବିସ୍ତୃତଭାବେ ଦେଖାଯିବ ବୋଲି ସିନେ ସମୀକ୍ଷକମାନେ ଆଶା କରିଛନ୍ତି। ପ୍ରକାଶ ଯେ, ୨୦୨୨ ଜୁନ୍ ୨୮ରେ ରାଜସ୍ଥାନର ଉଦୟପୁରରେ ୨ ଜଣ ଆକ୍ରମଣକାରୀ କହ୍ନେୟା ଲାଲ୍‌ଙ୍କ ମୁଣ୍ଡ କାଟି ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଭାଜପାର ପୂର୍ବତନ ମୁଖପାତ୍ର ନୁପୁର ଶର୍ମାଙ୍କ ପେଗମ୍ବର ମହମ୍ମଦଙ୍କୁ ନେଇ ବିବାଦୀୟ ମନ୍ତବ୍ୟକୁ କହ୍ନେୟା ତାଙ୍କ ସୋସିଆଲ ମିଡିଆରେ ସମର୍ଥନ କରିଥିଲେ। ତେଣୁ ତାଙ୍କ ମୁଣ୍ଡକାଟ କରାଯାଇ ପେଗମ୍ବର ମହମ୍ମଦଙ୍କୁ କରାଯାଇଥିବା ଅପମାନର ପ୍ରତିଶୋଧ ନିଆଯାଇଛି ବୋଲି ଉଭୟ ଆକ୍ରମଣକାରୀ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି କହିଥିଲେ।


ଧରିତ୍ରୀ
DHARITRI
ଧରିତ୍ରୀ 51 Years



# ଓଡ଼ିଶା ଆଧାର କାର୍ଡରେ ତେଲୁଗୁ ଭାଷା

**କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଲଗାତର ଉଦ୍ୟମ କରିଆସୁଛି। ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତବାସୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ସେମାନଙ୍କୁ କରାୟତ୍ତ ପାଇଁ ଆନ୍ଧ୍ର ଅଧିକାରୀମାନେ ଚେଷ୍ଟା ଚଳାଇଛନ୍ତି। ସେଥିପାଇଁ ସେମାନେ ବିଭିନ୍ନ ସରକାରୀ ଯୋଜନାରେ କୋଟିଆବାସୀଙ୍କୁ ଲାଭାନ୍ୱିତ କରିବାକୁ ଯାଇ ଓଡ଼ିଆ ବଦଳରେ ତେଲୁଗୁ ଭାଷା ବ୍ୟବହାର ପାଇଁ ଚାପ ପକାଉଛନ୍ତି। ଏପରି କି ଆଧାର କାର୍ଡର ତଥ୍ୟ ତେଲୁଗୁରେ ଉଲ୍ଲେଖ କରିବାକୁ ସେମାନେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଏଭଳିସ୍ଥଳେ ଓଡ଼ିଶା ଅଧିକାରୀଙ୍କ ଅବହେଳା ଓ ତ୍ରୁଟି ଆନ୍ଧ୍ର ଅଧିକାରୀଙ୍କ ଉଦ୍ଦେଶ୍ୟକୁ ଅନେକାଂଶରେ ସଫଳ କରୁଛି। କାରଣ କୋଟିଆର ଅନେକ ଲୋକଙ୍କ ଆଧାର କାର୍ଡରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଓଡ଼ିଆ ପରିବର୍ତ୍ତେ ତେଲୁଗୁ ଭାଷାରେ ଉଲ୍ଲେଖ ହୋଇଥିବାବେଳେ ନାମ, ବୟସ, ଠିକଣା ଆଦି କେତେକ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳସ୍ୱରୂପ କୋଟିଆ ଅଧିବାସୀ ଓଡ଼ିଶା ସରକାରଙ୍କ ଜନକଲ୍ୟାଣକାରୀ ସୁବିଧାରୁ ବଞ୍ଚିତ ହୋଇ ଆନ୍ଧ୍ର ଆଡ଼କୁ ଢଳିବା ଭଳି ସ୍ଥିତି ଉପୁଜିଛି।**

## କାର୍ଡରେ ତଥ୍ୟଗତ ତ୍ରୁଟି, ଲାଭ ଉଠାଉଛି ଆନ୍ଧ୍ର









ଆଧାର କାର୍ଡରେ କୋରାପୁଟ ଜିଲା କୋଟିଆର ଖରା ଝିପାଇଙ୍କ ତଥ୍ୟ ତେଲୁଗୁ ଭାଷାରେ ଉଲ୍ଲେଖ ରହିଛି।

**ପଟ୍ଟାଙ୍ଗି,୨।୪**
**(ଶରତ କୁମାର ଧଳ)**

ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷିତ ରହିବା ନେଇ ସରକାରୀ ସ୍ତରରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ଥିବାବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମଙ୍ଗଳବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସୀମାନ୍ତ କୋଟିଆ ଅଞ୍ଚଳରେ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନବେଳେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜଣେ ବୃଦ୍ଧା ଆର୍ଜୁବାଲସା ଗ୍ରାମର ଖରା ଝିପାଇଙ୍କ ପାଖରେ ଥିବା ଓଡ଼ିଶାର ଆଧାର କାର୍ଡରେ ଅନେକ ତଥ୍ୟ ତେଲୁଗୁ ଭାଷାରେ ରହିଛି। ଆଧାର କାର୍ଡ ଯଦି ଓଡ଼ିଶାର ତା'ହେଲେ ଏଥିରେ ତେଲୁଗୁ ଭାଷା ରହିବା ନେଇ ପ୍ରଶ୍ନ ଉଠିଛି। ଖରାଙ୍କ ଆଧାର କାର୍ଡରେ ଉଲ୍ଲେଖ ଥିବା ଜନ୍ମ ତାରିଖ ସମ୍ପୂର୍ଣ୍ଣ ଭୁଲ୍ ରହିଛି। ତାଙ୍କ ବୟସ ପ୍ରାୟ ୭୦ ବର୍ଷ ହୋଇଥିବା ବେଳେ କାର୍ଡରେ ୪୫ ବର୍ଷ ଉଲ୍ଲେଖ ରହିଛି। ଏହିପରି ଭୁଲ୍ ତଥ୍ୟ ପାଇଁ ବର୍ତ୍ତମାନ ସୁଦ୍ଧା ଅନେକ ସୀମାନ୍ତବାସୀ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଥିବାବେଳେ ପଡ଼ୋଶୀ ଆନ୍ଧ୍ର ଏହାର ସୁଯୋଗ ନେବାରେ ସଫଳ ହେଉଛି। ଏହିପରି ବ୍ୟତିକ୍ରମ ଯୋଗୁ ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷାର ସୁରକ୍ଷା ନେଇ ବାଧା ରହିଥିବା ଉକ୍ତ ବୃଦ୍ଧାଙ୍କ ଆଧାର କାର୍ଡରୁ ସ୍ପଷ୍ଟ ହେଉଛି। କାର୍ଯ୍ୟକ୍ରମକୁ କାହିଁକି ଆଧାର କାର୍ଡ ନେଇଆସିଛ ବୋଲି ଖରାଙ୍କୁ ପ୍ରଶ୍ନ କରିବାରୁ, ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା କହିଛନ୍ତି। ତେଣୁ ତାଙ୍କୁ ଆଧାର କାର୍ଡ ନେଇ ଆସିବାକୁ କୁହାଯାଇଥିବାରୁ ସେ ଆସିଥିବା କହିଛନ୍ତି।

ଏ ସମ୍ପର୍କରେ ପଟ୍ଟାଙ୍ଗି ବ୍ଲକ୍ ଅଧୀନରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗର ବିଏସ୍ଏସ୍ଓ ସୁଧୀର ସାହୁଙ୍କୁ ପଚାରିବାରୁ ବୃଦ୍ଧାଙ୍କ ଆଧାର କାର୍ଡ ଅନ୍‌ଲାଇନ୍‌ରେ ଦେଖାଉନାହିଁ। କିନ୍ତୁ ଉକ୍ତ ପଞ୍ଚାୟତର ଅନେକ ସୀମାନ୍ତ ଗ୍ରାମବାସୀ ଦୁଇ ରାଜ୍ୟରୁ ଲାଭ ଉଠାଇବା ପାଇଁ ଆଧାର କାର୍ଡରେ ଏଡିଟିଂ କରି ନିଜ ପାଇଁ ବିପଦ ଆଣିବା ସହ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ରାମକୃଷ୍ଣା ନାୟକଙ୍କୁ ପଚାରିବାରୁ ଏହିପରି ବ୍ୟତିକ୍ରମ ତାଙ୍କ ☞ପୃଷ୍ଠା-୨

# ୮୬୪.୪୫ କୋଟିର ଖଣିଜ ରାଜସ୍ୱ ବାଟମାରଣା

**ରାଜ୍ୟରେ ଗତ ୨୨ ବର୍ଷରେ ଖଣି ଅଞ୍ଚଳରେ ଲିଜ୍‌ଧାରୀମାନେ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିଛନ୍ତି। ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ତାଙ୍କ ରିପୋର୍ଟରେ ରାଜ୍ୟର ଖଣିଜ ଦୁର୍ନୀତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ବେଆଇନ ଉତ୍ତୋଳନ ପାଇଁ ସୁପ୍ରିମ୍‌କୋର୍ଟ ଧାର୍ଯ୍ୟ କରିଥିବା ଜରିମାନା ରାଶି ମଧ୍ୟରୁ ୩,୯୬୬.୩୪ କୋଟି ଟଙ୍କା (ସୁଧ ସହ) ଲିଜ୍‌ଧାରୀମାନଙ୍କଠାରୁ ଆଦାୟ କରିବାରେ ରାଜ୍ୟ ସରକାର ଉଦ୍ୟମ କରିନାହାନ୍ତି। ସେହିପରି ପ୍ରାଧିକୃତ ସଂସ୍ଥା ଦ୍ୱାରା ଲଘୁ ଖଣିଜ କ୍ରୟ ଟ୍ରାନ୍‌ଜିଟ ପାସ୍ ନ ଦେବା ଯୋଗୁ ୨୦୧୫ରୁ ୨୦୨୨ ମଧ୍ୟରେ ୮୬୪.୪୫ କୋଟି ଟଙ୍କାର ଖଣିଜ ରାଜସ୍ୱ ବାଟମାରଣା ହୋଇଛି ବୋଲି ବୁଧବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଦର୍ଶାଯାଇଛି।**

## ସିଏଜି ରିପୋର୍ଟ

### ବେଆଇନ ଉତ୍ତୋଳନ: ଖଣି ଲିଜ୍‌ଧାରୀଙ୍କଠାରୁ ୩,୯୬୬ କୋଟି ଟଙ୍କା ଆଦାୟ ହୋଇପାରିନି

**ଭୁବନେଶ୍ୱର,୨।୪**
**(ରବିନାରାୟଣ ଜେନା)**

ନିୟମ ଉଲ୍ଲଂଘନ କରି ଖଣିଜ ପଦାର୍ଥ ଉତ୍ତୋଳନ କରିଥିଲେ ୧୦୦% ଜରିମାନା ହେବ ବୋଲି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଏହି କ୍ରମରେ ୧୩୧ ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ୧୯,୧୭୪.୩୮ କୋଟି ଆଦାୟ କରାଯିବାକୁ ରାଜ୍ୟ ସରକାରଙ୍କୁ ୨୦୧୭ ଅଗଷ୍ଟରେ ନିର୍ଦ୍ଦେଶ ହୋଇଥିଲା। ହେଲେ ଗତ ୬ ବର୍ଷ ମଧ୍ୟରେ ଜରିମାନା ବାବଦ ୧୯,୧୭୮.୩୮ କୋଟି ଟଙ୍କା ମଧ୍ୟ ୩,୯୬୬.୩୪ କୋଟି ଟଙ୍କା ଆଦାୟ ହୋଇପାରିନାହିଁ। ଏପରି କି ଜରିମାନା ଅନାଦେୟ କ୍ଷେତ୍ରରେ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଅନୁପାଳନ କରାଯାଇନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହାଲେଖାକାର (ଏଜି) ଅତୁଲ୍ୟ ପ୍ରକାଶ କହିଛନ୍ତି, ୨୦୧୭ ଅଗଷ୍ଟ ୩୧ରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଖଣିଜ ଲୁହାପଥର ଓ ମାଙ୍ଗାନିଜ, ପରିବେଶ ଅନୁମତି(ଇସି) କିମ୍ବା ବିନା ଜଙ୍ଗଲ ଅନୁମତି(ଏଫ୍‌ସି) କିମ୍ବା ଉଭୟ ଅନୁମତି ବିନା ଉତ୍ତୋଳନ କରାଯାଇଥିଲେ, ଏମ୍‌ଏମ୍‌ଡିଆର ନିୟମ ୧୯୫୭ ଏବଂ ଧାରା ୨୧ ଅନୁଯାୟୀ ଖଣିଜ ମୂଲ୍ୟର ଶତକଡ଼ା ୧୦୦ଭାଗ ଲିଜଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ଆଦାୟ କରାଯାଇପାରିବ। ଏହାକୁ ନେଇ ସମସ୍ତ ଖଣି ଲିଜଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ମଧ୍ୟରେ କ୍ଷତିପୂରଣ ରାଶି ଆଦାୟ କରାଯିବାକୁ କୁହାଯାଇଥିଲା। ଏସଂକ୍ରାନ୍ତରେ ଏକ କେନ୍ଦ୍ରୀୟ ସଶକ୍ତୀକରଣ କମିଟି ୨୦୧୮ ଜାନୁଆରୀ ୧୭ରେ ହୋଇଥିଲା। କମିଟି ରିପୋର୍ଟରେ ଦର୍ଶାଇଥିଲା ଯେ, ୧୯ହଜାର ୧୭୪.୩୮କୋଟି ଟଙ୍କା ଦାବି ମଧ୍ୟରୁ ୮ହଜାର ୨୮୯.୮୭କୋଟି ଟଙ୍କା ଆଦାୟ ହୋଇଛି ଏବଂ ୧୦ହଜାର ୮୮୪.୫୧କୋଟି ଟଙ୍କା ଆଦାୟ ହୋଇପାରି ନାହିଁ। ସୁପ୍ରିମକୋର୍ଟ ଏନେଇ ବାଧ୍ୟତାମୂଳକ ପଦକ୍ଷେପ ନେବାକୁ ଇସ୍ପାତ ଓ ଖଣି ନିର୍ଦ୍ଦେଶକ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜଙ୍କୁ କହିଥିଲେ। ସମ୍ପୃକ୍ତ ଲିଜଧାରୀଙ୍କ ନାମରେ ସାର୍ଟିଫିକେଟ କେସ୍ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମାମଲା ପରେ ୭୩୭୧.୧୨ କୋଟି ଟଙ୍କା ସୁଧ ସହିତ ଆଦାୟ ହୋଇଛି। ତଥାପି ୬ବର୍ଷ ବିତିଯାଇଥିଲେ ବି ବିଭାଗ ଖଣି ଖିଲାପକାରୀ ତଥା ଖଣି ଲିଜଧାରୀଙ୍କଠାରୁ ୩୯୬୬.୩୪କୋଟି ଟଙ୍କା ଆଦାୟ କରିବାପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ନ ଥିଲେ ବୋଲି ଅତୁଲ୍ୟ କହିଛନ୍ତି।

ସେହିପରି ସମୀକ୍ଷା ବେଳେ ଲଘୁ ଖଣିଜ ପଦାର୍ଥ ନିଲାମରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ଏନେଇ ଅତୁଲ୍ୟ କହିଛନ୍ତି, ରାଜ୍ୟର ଅଣଟିକସ ରାଜସ୍ୱର ମୁଖ୍ୟ ଉତ୍ସ ହେଲା ଲଘୁ ☞ପୃଷ୍ଠା-୨

# ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା

### ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୪ (ସୁଚିସ୍ମିତା ସାହୁ)**

ରାଜ୍ୟରେ ବୁଧବାର ଆରମ୍ଭ ହୋଇଯାଇଛି ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା। ଏହି ଅବସରରେ ଭୁବନେଶ୍ୱରର ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ କୁନି କୁନି ପିଲାମାନେ ସିଲଟ୍ ଓ ଖଡ଼ି ଧରି ଉପସ୍ଥିତ ଥିଲେ। ସେମାନଙ୍କ ☞ପୃଷ୍ଠା-୨



ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଜଣେ ଛାତ୍ରଙ୍କ ଖଡ଼ିଛୁଆଁ କରୁଛନ୍ତି।

## ଯୁଦ୍ଧବିରତି ପାଇଁ ମାଓବାଦୀଙ୍କ ଆହ୍ୱାନ

**ମାଲକାନଗିରି,୨।୪**
**(ଦୁର୍ଯ୍ୟୋଧନ ପାତ୍ର)**

କେନ୍ଦ୍ରୀୟ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ବୁଧବାର ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ସଙ୍ଗଠନ ଶାନ୍ତିବାର୍ତ୍ତା ପାଇଁ ପ୍ରସ୍ତୁତ ସହ ଯୁଦ୍ଧବିରତି ଆହ୍ୱାନ ଦେଇଛି। ଗତ ୨୪ ତାରିଖରେ ହାଇଦ୍ରାବାଦରେ ଏକ ବୈଠକ ହୋଇଥିଲା, ଏଥିରେ ମାଓବାଦୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ କେନ୍ଦ୍ରୀୟ ସଙ୍ଗଠନର ବଡ଼ ବଡ଼ କ୍ୟାଡରମାନେ ନିହତ ହୋଇଥିବାରୁ ତାହା ଦୁର୍ବଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନ ତରଫରୁ ଯୁଦ୍ଧ ବିରତି ଓ ଶାନ୍ତି ବାର୍ତ୍ତା ନିମନ୍ତେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ଛତିଶଗଡ଼ରେ ପୋଲିସ -ମାଓବାଦୀଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଛତିଶଗଡ଼ ସରକାର ସବୁ ସମୟରେ କୋମ୍ବିଂ, ସର୍ଚ୍ଚ ଅପରେଶନ କରିବାରୁ ବହୁ ମାଓବାଦୀ ଗିରଫ ହୋଇଥିବା ବେଳେ ବହୁ ଲୋକ ନିହତ ମଧ୍ୟ ହୋଇଛନ୍ତି। କେବଳ ଏତିକି ନୁହେଁ, ପୋଲିସ-ମାଓବାଦୀଙ୍କ ଯୁଦ୍ଧରେ ନିରୀହ ଆଦିବାସୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସାତ ଶତାବ୍ଦୀର କଥା**

# ୱାକ୍‌ଫ ବିତର୍କ: ଲୋକ ସଭାରେ ଶାସକ- ବିରୋଧୀ ମୁହାଁମୁହିଁ

## ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ ଉଦ୍ୟମ କରିଛନ୍ତି ବିରୋଧୀ: କେନ୍ଦ୍ର

**ନୂଆଦିଲ୍ଲୀ,୨।୪**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଏପ୍ରିଲ ୪ରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଏକ ବଡ଼ ସଫଳତା ହାସଲ ପାଇଁ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସଂସଦରେ ଉଦ୍ୟମ ଚଳାଇଛନ୍ତି। ସରକାରଙ୍କ ପକ୍ଷରୁ ଆଗତ ୱାକ୍‌ଫ ସଂଶୋଧନ ବିଲ୍ ଉପରେ ଗୃହରେ ବୁଧବାର ରାତିରେ ଜୋର୍‌ଦାର ଆଲୋଚନା ଜାରି ରହିଛି। ନିମ୍ନ ସଦନରେ ପାରିତ ହେବା ପରେ ଏହା ରାଜ୍ୟ ସଭାକୁ ଯିବ। ରାଜ୍ୟ ସଭାରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ମୋହର କ୍ରମେ ଆଇନରେ ପରିଣତ ହେବ। ଅନ୍ୟପକ୍ଷେ ଉକ୍ତ ବିବାଦୀୟ ବିଧେୟକ ଲୋକ ସଭାରେ ପାରିତ ହେଲେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇପିଏମ୍‌ଏଲ୍) ଅଦାଲତରେ ଏହାକୁ ଚ୍ୟାଲେଞ୍ଜ ସହ ଦେଶବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି 'କଳା ଆଇନ' ମୁସଲମାନ ସମ୍ପ୍ରଦାୟର ଅଧିକାରଗୁଡ଼ିକୁ ଛଡ଼ାଇନେବା ଆଶଙ୍କା ଥିବାରୁ ଲଢ଼େଇ ଜାରି ରହିବ ବୋଲି ବୋର୍ଡ କହିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅପରାହ୍ନ ୧୨ଟାରେ ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫କୁ ଆଲୋଚନା ଓ ଗୃହର ଅନୁମୋଦନ ନିମନ୍ତେ ଆଗତ କରିଥିଲେ। ଯୁଗ୍ମ ସଂସଦୀୟ କମିଟି (ଜେପିସି) ପକ୍ଷରୁ କରାଯାଇଥିବା ସୁପାରିସ ଆଧାରରେ ପ୍ରସ୍ତୁତ ଉକ୍ତ ବିଧେୟକରେ ୱାକ୍‌ଫ ସମ୍ପତ୍ତିଗୁଡ଼ିକର ପ୍ରଶାସନକୁ ତ୍ୱରାନ୍ୱିତ କରିବା ସହ ଟେକ୍ନୋଲୋଜି ଜରିଆରେ ଏହାର ପରିଚାଳନା ଏବଂ ସ୍ୱଚ୍ଛତା ଆଣିବା ନେଇ ଲକ୍ଷ୍ୟ ରଖାଯାଇଛି। ଲୋକ ସଭାରେ ବିଧେୟକ ଆଗତ କରାଯିବା ମାତ୍ରେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଦି ଲ' ଏକାଡେମୀ ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଶ୍ରୀରାମ ଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନ ଯଜ୍ଞ ଓ ଆଧାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ୭ଟା ୩୦।
- ମା'ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗା ପୂଜା ଓ ଚୈତ୍ର ନବରାତ୍ରୀ ଅବସରରେ ମା'କାର୍ତ୍ତ୍ୟିନୀ ବେଶରେ ଦର୍ଶନ, ସ୍ଥାନ: କୁଦିଆରୀସ୍ଥ ମା'ଙ୍କ ମନ୍ଦିର, ସମୟ: ରାତି ୮ଟା।

## ଭଦ୍ରକ
- ବାଇକ୍ ଶୋଭାଯାତ୍ରା,ସ୍ଥାନ: ଶ୍ରୀରାମ ମନ୍ଦିର, ରାମନବମୀ ପଡ଼ିଆ, ଲକ୍ଷ୍ମୀଦାସପୁର, ବାସୁଦେବପୁର,ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ,ସମୟ: ସନ୍ଧ୍ୟା ୬ଟା।
- ନବଗ୍ରହ ମନ୍ଦିର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ:ଲକ୍ଷ୍ମୀପ୍ରସାଦ, ରାଜଘରପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ମା' ବାସନ୍ତୀ ପୂଜା ଉପଲକ୍ଷେ ବିଲ୍ୱବରଣ, ସ୍ଥାନ:ଭୀମଦା, ବଡ଼ସାହି,ସମୟ: ରାତି ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଚିତ୍ରଡ଼ା କାକୁଡିହା ଗ୍ରାମ, ମୋରଡ଼ା, ସମୟ:ସକାଳ ୯ଟା।
- ୧୩ ତମ ବାସନ୍ତୀ ପୂଜାର ବିଲ୍ୱବରଣ ଓ ଷଷ୍ଠୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର ବାଘଡାରୋଡ୍ . ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ପୂଜା ଉପଲକ୍ଷେ ମହା ସପ୍ତମୀ ପୂଜା, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ୭୨ତମ ବାସନ୍ତୀ ପୂଜାର ବିଲ୍ୱବରଣ, ସ୍ଥାନ:ଶୁନଗଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- କର୍ପୋରେଟ ସଂସ୍ଥା, ପୋଲିସ ଓ ପାରାଦୀପ ବନ୍ଦର ମଧ୍ୟରେ ଚତୁର୍ଥ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡ଼ିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ:ସଂସାରଫଳ, ରାଜନଗର, ସମୟ:ସନ୍ଧ୍ୟା ୬ଟା।

ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ:ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଜୟ ମା' ସିଘାରଶୁଣୀଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ସିଘାରସାହି, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ୍, ସ୍ଥାନ : ଯାଜପୁର ଜିଲାର ସମସ୍ତ ଅଞ୍ଚଳ,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ସପ୍ତମ ଦିବସରେ ଷଷ୍ଠୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ:ସକାଳ ୮ଟା।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଶ୍ରୀରାମ ଓ ଭରତଙ୍କ ମିଳନ, ଜାନକୀ ହରଣ,ଜଟାୟୁ ମୋକ୍ଷ , ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଡ଼ୋଳମରା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା
- ଓଡ଼ିଆ ପକ୍ଷ ପାଳନ ଅବସରରେ ବୈଠକ, ସ୍ଥାନ: ଚିନ୍ତନ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୪୫ ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ପୋଷାକ ପରିଧାନ ସହ ଫଟୋ ସେସନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଝରିଗାଁ ବ୍ଲକ କଲେଗାଁ, ସମୟ: ସକାଳ ୭ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଚା ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ସମମୟ: ସନ୍ଧ୍ୟା ୫ଟା।

## ମାଲକାନଗିରି
- ମାଲକାନଗିରି ବନାଞ୍ଚଳ ପକ୍ଷରୁ ପ୍ରକୃତି ପରିବେଶ କର୍ମଶାଳା, ସ୍ଥାନ:ସତୀଗୁଡା ପର୍ଯ୍ୟଟନସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ମା' ମଙ୍ଗଳା ମନ୍ଦିର କମିଟି ଆୟୋଜନରେ ଚଣ୍ଡିପାଠ ନବ ପତ୍ରିକା ଆନୟନ କାର୍ଯ୍ୟକ୍ରମ, ସ୍ଥାନ : ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ ସକାଳ ୮ଟା।
- ବାସନ୍ତିକ ରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସମଲେଇ ମନ୍ଦିର, ସମୟ : ସକାଳ ୮ଟା।
- ଡିଜିପିଙ୍କ ସମୀକ୍ଷା ବୈଠକ, ସ୍ଥାନ : ଆଇଜି କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମ ଆର୍ମିର ପକ୍ଷରୁ ଆମ୍ବେଡକର ଜୟନ୍ତୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୫ଟା।

## ରାଉରକେଲା
- ଚୈତ୍ର ନବରାତ୍ର ପୂଜା, ଷଷ୍ଠୀ ପୂଜା, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିନଗର, ଓରାମପଡା, ସମୟ: ସକାଳ ୮ଟା ।
- ଶାନ୍ତି ବନାମ ସମୃଦ୍ଧି ଶୀର୍ଷକ କର୍ମଶାଳା, ସ୍ଥାନ:ସେକ୍ଟର-୪, ରାଉରକେଲା କଲେଜ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ,ସ୍ଥାନ: ରାଧାନାଥ ନଗର, ସେକ୍ଟର-୧୬ ଦୁର୍ଗାପୂଜା ପଡିଆ, ସମୟ: ସକାଳ ୧୦ଟା।
- ଆରଏମ୍‌ସି ପ୍ରେକ୍ଷାଳୟରେ ଖବରଦାତା ସମ୍ମିଳନୀ,ସ୍ଥାନ: ଉଦିତନଗର, ଆରଏମ୍‌ସି କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଆର୍‌ଏମ୍‌ସି କମିଶନର ଆହୁତ ଖବରଦାତା ସମ୍ମିଳନୀ, ସ୍ଥାନ:ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୪୫ ।
- ଅପରାଧ ନିୟନ୍ତ୍ରଣ ପାଇଁ ଥାନାଧିକାରୀଙ୍କ ସହ ଆଲୋଚନା, ସ୍ଥାନ: ଝିରପାଣି ଥାନା, ସମୟ: ଅପରାହ୍ନ ୫ଟା।
- ଚଇତି ଛଟ୍ ପୂଜା, ସନ୍ଧ୍ୟା ଆରତୀ, ସ୍ଥାନ: କୋଏଲନଦୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା।

## କଳାହାଣ୍ଡି
- ହସ୍ତତନ୍ତ ପାରମ୍ପରିକ ବସ୍ତ୍ର ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ଚୈତ୍ର୍ୟ ନବରାତ୍ର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବିନିକାରେ ବାସନ୍ତିକ ପୂଜା ଅବସରରେ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟନପଡା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ତରବୋଡ ପ୍ରିମିୟର ଲିଗ ଫ୍ଲଡ୍‌ଲାଇଟ କ୍ରିକେଟ ମ୍ୟାଚ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ରାଣିପୁର ଗାଁ, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୪୦।
- ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ବୌଦ୍ଧିକ ଚର୍ଚ୍ଚା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡା ମହୋତ୍ସବ ଅବସରରେ ସସ୍ମିତା ଦାସଙ୍କ ଦ୍ୱାରା ଷ୍ଟାର ନାଇଟ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ରାତି ୯ଟା ୩୦।
- ଆମ ପୋଷାକ ଆମ ପରିଚୟ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ଅଂଶୁଘାତ ଜନିତ ସଚେତନତା ସଭା, ସ୍ଥାନ: ଘିଚାମୁରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭ୍ରାତୃସମ୍ପର୍କ, ଯୋଜନାରମ୍ଭ, ବାଣିଜ୍ୟ ଏବଂ ବିବାଦରେ ବ୍ୟତିକ୍ରମର ଆଶଙ୍କା ରହିଛି। କେତେକ ଅସହିଷ୍ଣୁ ମନୋଭାବର ବନ୍ଧୁଙ୍କ ଅସମ୍ମାନଜନକ କଥାରୁ କଳହ ଲାଗିପାରେ। କର୍ମକ୍ଷେତ୍ରରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ବୃଷ** ଆଜି ଶାରିରୀକ, ମାନସିକ ଏବଂ ଆର୍ଥିକ ଦିଗରେ ବାଧା ବିଘ୍ନ ଉପୁଜିପାରେ। ସୁଯୋଗ ଛାଏଁ ଆସିଲେ ମଧ୍ୟ ଠିକ୍ ଉପଯୋଗ ଅଭାବରୁ ବିଗିଡିଯାଇପାରେ। ଅବଶ୍ୟ ସମାଧାନର ରାସ୍ତା ପାଇବେ, ସାହାଯ୍ୟ, ସହଯୋଗ ମଧ୍ୟ କିଛି କମ୍ ହେବନାହିଁ। କର୍ମାରମ୍ଭ, ଯାତ୍ରା, ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ଅସୁବିଧା ନ ହୋଇପାରେ।

**ମିଥୁନ** ଆପଣଙ୍କ ଯୁକ୍ତିଯୁକ୍ତ ଓ ନିରପେକ୍ଷ ବିଚାରଧାରା ବହୁଜନ ପ୍ରଶଂସିତ ହେବ। ଶିକ୍ଷା, ପରୀକ୍ଷା, ସନ୍ତାନ, ଅର୍ଥନୈତିକ ସ୍ଥିତିର ସମୀକ୍ଷା ମନ୍ଦ ହେବନି। ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ନ ରହିଲେ ଅଶାନ୍ତ ପରିସ୍ଥିତି ଘଟିପାରେ। କଳା, ସାହିତ୍ୟ ଓ ସଙ୍ଗୀତ, ଆଧାତ୍ମିକ ପ୍ରବଚନ, ଯୋଗ ପ୍ରଭୃତିରେ ସୁନାମ ଅର୍ଜନ କରିବେ।

**କର୍କଟ** ଅନୁକୂଳ ଗ୍ରହ ସମ୍ପର୍କରୁ ଯାହା ଚାହୁଁଛନ୍ତି କରି ଚାଲନ୍ତୁ ସଫଳତାର ସମ୍ଭାବନା ପୂର୍ଣ୍ଣମାତ୍ରାରେ ରହିଛି। ପାରସ୍ପରିକ ଉତ୍ତମ ବୁଝାମଣାଜନିତ ସହକର୍ମୀମାନଙ୍କ ସହ ସୁସମ୍ପର୍କ ରହିବ। ତର୍କବିତର୍କ କାରଣରୁ ପଡ଼ୋଶୀଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ।

**ସିଂହ** ସହଜରେ ମୁଣ୍ଡ ନୁଆଁଇବାର ଗୁଣର ଅଭାବ ଯୋଗୁ ପଦସ୍ଥବ୍ୟକ୍ତିଙ୍କ ରୋଷର କାରଣ ହେବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ସହ ପରାମର୍ଶ କଲେ ସାହାଯ୍ୟ ପାଇପାରିବେ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ। ଜମିଜମା, ଆଲୋଚନା, ସଭାସମିତିରେ ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା** କେତୁଙ୍କ କୁପ୍ରଭାବରେ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ ଗତି କରିପାରନ୍ତି। ଅର୍ଥର ଅଭାବକୁ ଭଲ ସମ୍ପର୍କ ରହିଥିବା ପଡ଼ୋଶିନୀ ଦୂର କରିପାରନ୍ତି। ଯାହା କରିବା କଥା ଶୀଘ୍ର ଶେଷ ନ କଲେ ପରକ୍ଷଣରେ ସମସ୍ତ ପରିସ୍ଥିତି ବଦଳିଯାଇପାରେ। ଆମଦାନୀ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ।

**ତୁଳା** ଆଜି ଯାହା କରନ୍ତୁନା କାହିଁକି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଯାହାକୁ ଯାହା କହିଲେ ସେହି ବ୍ୟକ୍ତି ଆପଣଙ୍କ କଥା ରକ୍ଷା କରିବାର ପ୍ରତିଶ୍ରୁତି ନିଶ୍ଚିତ ଦେବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ବିଛା** ଅର୍ଥର ସଦ୍‌ବିନିଯୋଗ କରି କର୍ମାରମ୍ଭ ପାଇଁ ଯୋଜନା କରିପାରନ୍ତି। ଅନୁକୂଳଗ୍ରହ ସ୍ଥିତିରୁ ପାରିବାରିକ ସ୍ଥିତିରେ ଉନ୍ନତି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତ ହେବେ। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆର୍ଥିକ ଉନ୍ନତି, ଆଧାତ୍ମିକତା, ତୀର୍ଥାଟନର ସୁଯୋଗ ପାଇପାରନ୍ତି।

**ଧନୁ** ଟିକିଏ ଟିକିଏ କଥାରେ ରାଗିଯିବାର ବିଲକ୍ଷଣ ମାନସିକ ଅଶାନ୍ତିର କାରଣ ସାଜିପାରେ। ଯେତିକି ପାଉଛନ୍ତି, ସେତିକିରେ ସନ୍ତୁଷ୍ଟ ରହିବା ଭଲ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ସଫଳତା ପାଇବେ। ସଂଗଠନ, ରାଜନୀତି ଓ ଆଲୋଚନା ପରିସରରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** ଅତୀତର କୌଣସି ଘଟଣାକୁ ନେଇ ଆନମନା ହେବାର ସୂଚନା ରହିଛି। ପଡ଼ୋଶୀ କିମ୍ବା ସହକର୍ମୀ ଫାଇଦା ହାସଲ ସକଶେ ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପ୍ରତ୍ୟେକ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ।

**କୁମ୍ଭ** ଅପ୍ରିୟସତ୍ୟ କଥା କହି କେତେକ କ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିପାରେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାର ସମ୍ଭାବନା ରହିଛି। ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** ଦୈହିକ ଅସୁସ୍ଥତା ସାଙ୍ଗକୁ ବାରମ୍ବାର ବିଫଳତାରୁ ମନରେ କ୍ଷୋଭ ଉତ୍ପନ୍ନ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇପାରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାହିତ୍ୟ, କ୍ରୀଡ଼ା ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଏପ୍ରିଲ ୩ ତାରିଖ, ଚୈତ୍ର ଶୁକ୍ଳ ଷଷ୍ଠୀ ଗୁରୁବାର। ଶ୍ରୀମନ୍ଦିର ବେଢ଼ା ସ୍ଥିତ ଶ୍ରୀସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚା ଯାତ୍ରା, ରାଶିନକ୍ଷତ୍ର-ସକାଳ ଘ.୦୭.୦୨ ମି. ଗତେ ମୃଗଶିରା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୨ ଗତେ ଘ.୦୭.୨୦ମଧ୍ୟେ, ଘ.୧୦.୩୬ ଗତେ ଘ.୦୧.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୨.୫୩ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ୱକ୍‌ଫ ବିତର୍କ ...
ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଥିଲା। ରିଜିଜୁ ନିଜ ଯୁକ୍ତିରେ ଦର୍ଶାଇଥିଲେ, ୱକ୍‌ଫ ବିଲ୍‌କୁ ୟୁନିଫାଏଡ୍ ୱକ୍‌ଫ ମ୍ୟାନେଜମେଣ୍ଟ, ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ ଡେଭେଲପମେଣ୍ଟ (ୟୁଏମ୍‌ଇଇଡି) ବିଲ୍ ରୂପେ ନାମକରଣ କରାଯାଇଛି। ଗତବର୍ଷ ଆଗତ କରାଯାଇଥିବା ମୂଳ ବିଲ୍‌ରେ ଜେପିସିର ସମୀକ୍ଷା ତଥା ଯାଞ୍ଚ ପରେ ପୁନଃ ପ୍ରସ୍ତୁତ କରାଯାଇ ଉପସ୍ଥାପନ କରାଯାଇଛି। ଏହି ବିଲ୍‌ରେ ଧର୍ମର କୌଣସି ସମ୍ପର୍କ ନାହିଁ। ବିଧେୟକ କେବଳ ସମ୍ପତ୍ତିର ପରିଚାଳନା ସମ୍ପର୍କିତ। ରିଜିଜୁ ଆହୁରି କହିଥିଲେ, ସରକାର କୌଣସି ଧର୍ମୀୟ ଅନୁଷ୍ଠାନରେ ହସ୍ତକ୍ଷେପ କରିବାକୁ ଯାଉନାହାନ୍ତି। ଉପା ସରକାର ୱକ୍‌ଫ ଆଇନରେ ଆଣିଥିବା ସଂଶୋଧନ ଏହାକୁ ଅନ୍ୟ ଆଇନଗୁଡ଼ିକ ଉପରେ ଆଧିପତ୍ୟ ବିସ୍ତାର ସକାଶେ ପ୍ରଭାବଶାଳୀ କରିଦେଇଥିଲା। ତେଣୁ ନୂଆ ସଂଶୋଧନର ଆବଶ୍ୟକତା ପଡ଼ିଥିବା ସେ କହିଥିଲେ। ବିରୋଧୀ ସଦସ୍ୟମାନେ ହୋହାଲ୍ଲା କରୁଥିବାବେଳେ ରିଜିଜୁ କହିଥିଲେ, ଆପଣମାନେ ଏହି ପ୍ରସଙ୍ଗରେ ଲୋକଙ୍କୁ ବିଲ୍‌ରେ ଯେଉଁ ବିଷୟଗୁଡ଼ିକ ନାହିଁ, ସେକଥା କହି ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ଜେପିସିର ବିଚାରବିମର୍ଶ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ କୌଣସି ସଂସଦୀୟ ପ୍ୟାନେଲ ଦ୍ୱାରା କରାଯାଇଥିବା ସବୁଠୁ ବଡ଼ ପ୍ରକ୍ରିୟା। ୯୭.୨୭ ଲକ୍ଷ ପିଟିଶନ ଓ ସ୍ମାରକପତ୍ର ଜେପିସିର ହସ୍ତଗତ ହୋଇଥିଲା। ହାତକୁହାତ ଓ ଅନ୍‌ଲାଇନ୍ ମାଧ୍ୟମରେ ଗୃହୀତ ଏହି ଦସ୍ତାବିଜଗୁଡ଼ିକୁ ଗ୍ରହଣ କରିବା ପରେ ଜେପିସି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସେସବୁକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲା। ୨୮୪ ପ୍ରତିନିଧି ଦଳ ବିଲ୍ ଉପରେ ନିଜ ମତାମତ ଦାଖଲ କରିଥିଲେ। ଏତଦ୍‌ବ୍ୟତୀତ ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୱକ୍‌ଫ ବୋର୍ଡ ମଧ୍ୟ ଏହା ଉପରେ ମତ ରଖିଥିଲେ। ଆଇନଜ୍ଞ, ଦାତବ୍ୟ ସଂସ୍ଥା, ଶିକ୍ଷାବିତ୍ ଓ ଆଧାତ୍ମିକ ଗୁରୁଙ୍କ ମତାମତ ମଧ୍ୟ ବିଚାରକୁ ନିଆଯାଇଥିଲା।

ରେଳ ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ୱକ୍‌ଫ ହେଉଛି ଦେଶରେ ସର୍ବାଧିକ ସମ୍ପତ୍ତିର ନିୟନ୍ତ୍ରଣକାରୀ। ଏହି ୨ ମନ୍ତ୍ରଣାଳୟର ସମ୍ପତ୍ତି ରାଷ୍ଟ୍ରର । କିନ୍ତୁ ୱକ୍‌ଫ ସମ୍ପତ୍ତି ଘରୋଇ। ଏହାକୁ ରେଳୱେ ଓ ସଶସ୍ତ୍ର ବଳର ଲ୍ୟାଣ୍ଡ ବ୍ୟାଙ୍କ ସହ ତୁଳନା କରିବା ଅନୁପଯୁକ୍ତ। ଦୀର୍ଘ ୭୦ ବର୍ଷ ଧରି ଭୋଟବ୍ୟାଙ୍କ ରାଜନୀତି ପାଇଁ ସାଧାରଣ ମୁସଲମାନମାନଙ୍କୁ ବିଭ୍ରାନ୍ତ କରାଯାଇଥିଲା। ଏଥିରୁ କୌଣସି ଗରିବ ଓ ବଞ୍ଚିତ ବର୍ଗର ମୁସଲମାନ ଲାଭବାନ୍ ହୋଇନାହାନ୍ତି। ଏହି ସମ୍ପତ୍ତିକୁ ସାଧାରଣ ମୁସଲମାନଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯିବ। ୨୦୦୪ରେ ୱକ୍‌ଫର ୪.୯ ଲକ୍ଷ ସମ୍ପତ୍ତି ଥିବାବେଳେ ଆୟର ପରିମାଣ ୧୬୩ କୋଟି ଟଙ୍କା ରହିଥିଲା। ୨୦୧୩ରେ ଆୟ ମାତ୍ର ୩ କୋଟି ବଢ଼ି ୧୬୬ କୋଟି ଟଙ୍କାରେ ପହଞ୍ଚିଥିଲା। ବାସ୍ତବରେ ଏହି ଆୟ ଅନ୍ୟୁନ ୧୨,୦୦୦ କୋଟି ଟଙ୍କା ହେବା ଉଚିତ ବୋଲି ରିଜିଜୁ କହିଥିଲେ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଭାଜପାର ବରିଷ୍ଠ ସଦସ୍ୟ ରବିଶଙ୍କର ପ୍ରସାଦ ମଧ୍ୟ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ କହିଥିଲେ, ୱକ୍‌ଫ ବିଲ୍ ହେଉଛି ସମ୍ବିଧାନକୁ ଦୁର୍ବଳ କରିବା ପାଇଁ ଏକ ଉଦ୍ୟମ। ରିଜିଜୁ ନିଜ ଭାଷଣରେ ୨୦୧୩ ବେଳେ ଉପା ସରକାରଙ୍କ କାର୍ଯ୍ୟର ଅବତାରଣା କରିବା ସମୟରେ ଗୃହକୁ ବିଭ୍ରାନ୍ତ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ ୱକ୍‌ଫକୁ ଏକ ବୈଧାନିକ ସଂସ୍ଥା ଭାବେ ଅଭିହିତ କରି ସାଧାରଣ ଲୋକଙ୍କ କଲ୍ୟାଣରେ ଏହାର ଅବଦାନ ଉପରେ ପ୍ରଶ୍ନ ଉଠାଇଥିଲେ। ୱକ୍‌ଫ ସମ୍ପତ୍ତିରେ କେତୋଟି ସ୍କୁଲ ଓ ହସ୍ପିଟାଲ ନିର୍ମାଣ କରାଯାଇଛି? ମୁସଲମାନ ସମ୍ପ୍ରଦାୟର ସେବାରେ ଏହାର ଭୂମିକାକୁ ମଧ୍ୟ ସେ ଚ୍ୟାଲେଞ୍ଜ କରିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଏହାକୁ ମୁସଲମାନଙ୍କ ଅଧିକାର ଛଡ଼ାଇବା ପାଇଁ ଉଦ୍ଦିଷ୍ଟ ବିଧେୟକ ରୂପେ ଅଭିହିତ କରିଥିବାବେଳେ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ ବିରୋଧ କରିଥିଲେ। ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ ଏହାକୁ ମୁସଲମାନମାନଙ୍କ ହିତରେ ଅଣାଯାଇଥିବା ଦର୍ଶାଇ ସମର୍ଥନ ଘୋଷଣା କରିଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ରାଜ୍ୟଗୁଡ଼ିକୁ ୱକ୍‌ଫ ବୋର୍ଡ ଗଠନ ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରିଛି। ବିଜୁ ଜନତା ଦଳ (ବିଜେଡି)ର ଲୋକ ସଭାରେ କେହି ସଦସ୍ୟ ନ ଥିବାବେଳେ ରାଜ୍ୟ ସଭାକୁ ବିଲ୍ ଗଲେ ଏହାକୁ ବିରୋଧ କରିବ ବୋଲି ଦଳ କହିଛି।

## ୮୬୪.୪୫ କୋଟିର ....
ଖଣିଜ ପଦାର୍ଥ। ଖଣିଗୁଡ଼ିକର ନିୟମାବଳୀ ଏବଂ ଲଘୁ ଖଣିଜ ପଦାର୍ଥର ରାଜସ୍ୱ ମୂଲ୍ୟାଙ୍କନ ଏବଂ ସଂଗ୍ରହ ନିୟମ-୨୦୧୬ ଅନୁଯାୟୀ ପରିଚାଳିତ। ୩୧ ମାର୍ଚ୍ଚ ୨୦୨୨ ସୁଦ୍ଧା ଯାଞ୍ଚ ହୋଇଥିବା ୨୨ଟି ତହସିଲରେ ୫୨୦ ଖଣିଜ ପଦାର୍ଥ ଉତ୍ସ ମଧ୍ୟରୁ ୧୪୭ ଉତ୍ସ କାର୍ଯ୍ୟକ୍ଷମ ଥିବାବେଳେ ୩୭୩ ଉତ୍ସ କାର୍ଯ୍ୟକ୍ଷମ ହୋଇ ନ ଥିଲା। ନିଲାମଧାରୀ ଚୂଡ଼ାନ୍ତକରଣରେ ଅନିୟମିତତା ଯୋଗୁ ୬ କୋଟି ୨୧ ଲକ୍ଷ ଟଙ୍କା ପରିହାର୍ଯ୍ୟ କ୍ଷତି ହୋଇଛି ବୋଲି ସେ କହିଛନ୍ତି। ଖଣି ଯୋଜନା ଅନୁମୋଦନ ହେବା ପରେ ଏବଂ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜଳେଶ୍ୱର, ଗୁରୁଣ୍ଡିଆ ଓ ଜଗତ୍‌ସିଂହପୁର ତହସିଲଦାରମାନେ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରି ନ ଥିଲେ। ଫଳରେ ଚାଲୁ ରହିଥିବା ଲିଜ୍ ଅବଧିର ପରିସମାପ୍ତି ପୂର୍ବରୁ ନିଲାମ ପ୍ରକ୍ରିୟା ସମାପ୍ତ ହୋଇପାରି ନ ଥିଲା। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୨୦.୧୦ କୋଟି ଟଙ୍କାର ରାଜସ୍ୱ ହାନି ପହଞ୍ଚିଥିଲା। ସେହିପରି ଲିଜ୍‌ଧାରୀମାନଙ୍କଠାରୁ ବକେୟା ଖଣିଜ ଦେୟ ସୁଧ ସହ ୯୨.୨୮ ଲକ୍ଷ ଟଙ୍କା ଆଦାୟ ହୋଇ ନ ଥିବାବେଳେ ଲିଜ୍‌ଧାରୀମାନଙ୍କ ଲିଜ୍ ଡିଡ୍ କାର୍ଯ୍ୟକାରୀ ନ ଥିବା ପରିଲକ୍ଷିତ ହୋଇଛି, ଯେଉଁଥିପାଇଁ ଲିଜ୍‌ଧାରୀମାନଙ୍କୁ ବେଆଇନ ଖଣି ଉତ୍ତୋଳନ ପାଇଁ ୪.୩୮ କୋଟି ଟଙ୍କା ମୂଲ୍ୟ ଦେବାକୁ ପଡ଼ିବ। ଏହାବ୍ୟତୀତ ଅନୁମୋଦିତ ଖଣି ଯୋଜନାଠାରୁ ଅଧିକ ଖଣିଜ ପଦାର୍ଥ ଖନନ ଏବଂ ତହସିଲଦାରଙ୍କ ଦ୍ୱାରା 'ଓ୍ୱାଇ' ଫର୍ମର ଯାଞ୍ଚ ନ ହେବା ଯୋଗୁ ୮୦,୭୨୧.୪୦ ଘ.ମି. ପଥରର ବେଆଇନ ଉତ୍ତୋଳନ ହୋଇଛି, ଯାହାପାଇଁ ଲିଜ୍‌ଧାରୀମାନଙ୍କୁ ୩୩.୫୦ କୋଟି ଟଙ୍କା ଦେବାକୁ ପଡ଼ିବ। ରାଜସ୍ୱ ବିଭାଗର ଉଦାସୀନତା ପାଇଁ ଯାଜପୁର ଜିଲା ଡଙ୍ଗାରୀ କଳାପଥର ପାହାଡ଼ରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ବିଭାଗରେ ଠିକଣା ଭାବେ ଅନୁପାଳନ ହୋଇନାହିଁ। ଫଳସ୍ୱରୂପ ୫୮.୭୩ କୋଟି ଟଙ୍କାର ଖଣିଜ ରାଜସ୍ୱ ଆଦାୟ ହୋଇପାରିନାହିଁ।

ଏଜି ଅତୁଲ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ଜମିର ଅଣଜଙ୍ଗଲ ଉପଯୋଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣି ଲିଜ୍‌ଧାରୀଙ୍କଠାରୁ ଅସୁଲ କରାଯାଇଥିବା ଅତିରିକ୍ତ ନେଟ୍ ପ୍ରୋଜେକ୍ଟ ମୂଲ୍ୟର ୫୦%ରେ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ କ୍ଷେତ୍ର ବିକାଶ କାର୍ଯ୍ୟ କରାଯିବ। ଏହାକୁ ନେଇ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ ଖଣିଜ ଧାରକ କ୍ଷେତ୍ର ବିକାଶ କାର୍ଯ୍ୟ ପାଇଁ ୨୦୧୪ ଡିସେମ୍ବର ୨ରେ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ପ୍ରତିଷ୍ଠା କରାଯାଇଥିଲା। ମାତ୍ର ଉପରୋକ୍ତ କାର୍ଯ୍ୟ ପାଇଁ ଓଏମ୍‌ବିଏଡିସି ସିଇଓ ପ୍ରଥମ ପର୍ଯ୍ୟାୟରେ ୮୬୯.୪୨କୋଟି ଟଙ୍କା ଦେଇଥିଲେ।

ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ, ଯେକୌଣସି ଲୌହ ବା ମାଙ୍ଗାନିଜ୍ ଧାତୁ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ୧୯୯୪ କିମ୍ବା ୨୦୦୬ ଅନୁପାଳନ ନ କରି ଉତ୍ତୋଳନ ହୋଇଥିଲେ ତାହା ବେଆଇନ ଖନନ ଭାବେ ଧରାଯିବ। ଏହି କ୍ରମରେ ୨୦୦୦-୦୧ରୁ ୨୦୨୨ ମାର୍ଚ୍ଚ ସୁଦ୍ଧା ଖଣିଜ ମୂଲ୍ୟର ଶତପ୍ରତିଶତ ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ଖଣି ଲିଜ୍‌ଧାରୀମାନଙ୍କଠାରୁ କ୍ଷତିପୂରଣ ବାବଦରେ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ହଜାର ୮୩୩.୫୪ କୋଟି ଟଙ୍କା ଆଦାୟ କରାଯାଇ ଓଏମ୍‌ବିଏଡିସି ପାଣ୍ଠିରେ ଜମା କରାଯାଇଥିଲା ବୋଲି ଅତୁଲ୍ୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପମହାଲେଖାକାର ଏସ୍. ଶୁଭମ ବୈଜନାଥ ଏବଂ ଏନ୍. ବାଲକ୍ରିଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଧାର...
ଦୃଷ୍ଟିକୁ ଆସିଥିବା କହିଛନ୍ତି। ଏନେଇ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଧାର କାର୍ଡରେ ଥିବା ତ୍ରୁଟିକୁ ସ୍ୱତନ୍ତ୍ର ଭାବେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ନେଇ ସମାଧାନ କରିବାକୁ ଆଲୋଚନା ହୋଇଥିବା ସେ କହିଛନ୍ତି।

## ଯୁଦ୍ଧବିରତି ପାଇଁ ....
ଓ ସାଧାରଣ ଜନତାଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଗତ ୪ ମାସ ମଧ୍ୟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ସଙ୍ଗଠନର ବଡ ବଡ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଛି। ଗତ ୫ ଦିନ ତଳେ ମାଓବାଦୀ ନେତ୍ରୀ ତଥା ସମ୍ପାଦିକା ରେଣୁକା, ନେତା ବେଣୁ, ସୁଧାକର ଓ ଜଗଦୀଶ ଓରଫ ବୁଦୁରାଙ୍କ ଭଳି ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ପୋଲିସ ଗୁଳିରେ ଟଳି ପଡ଼ିଥିଲେ। ସେହିପରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସଙ୍ଗଠନର ଟପ୍ କ୍ୟାଡର ନେତା ଚଲପତି ମଧ୍ୟ ପୋଲିସ ଗୁଳିରେ ଟଳି ପଡ଼ିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଗତ ୩ ମାସ ମଧ୍ୟରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଥିବା ବେଳେ ଏହି ସମୟସୀମା ମଧ୍ୟରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ସେହିପରି ୪୦୦ରୁ ଉର୍ଦ୍ଧ୍ୱ ଆତ୍ମସମର୍ପଣ କରିଛନ୍ତି। ଫଳରେ ଦିନକୁ ଦିନ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ତେବେ ଏହି ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ସଙ୍ଗଠନ ସରକାରଙ୍କ ସହ ଶାନ୍ତିବାର୍ତ୍ତା ନିମନ୍ତେ ଆହ୍ୱାନ ଦେଇଥିବା ବେଳେ ଯୁଦ୍ଧ ବିରତି ପାଇଁ ପ୍ରସ୍ତୁତ ଅଛି। ବିଶେଷ ସୂତ୍ରରୁ ଜଣାପଡିଛି, ସଙ୍ଗଠନ ତରଫରୁ କେତେକ ସର୍ତ୍ତ ରଖାଯାଇଛି। ଏଥିରେ ଅଧିକ ପୋଲିସ ମୁତୟନକୁ ହଟାଇବା, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ଏହି କ୍ୟାମ୍ପଗୁଡ଼ିକୁ ଉଚ୍ଛେଦ କରିବା ଆଦି ସର୍ତ୍ତ ରଖାଯାଇଥିବା ଜଣାପଡ଼ିଛି। ତେବେ ମାଓବାଦୀଙ୍କ ପ୍ରସ୍ତାବରେ ସରକାର ରାଜି ଅଛନ୍ତି କି ନାହାନ୍ତି ସେ ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ବ୍ୟତୀତ ଅନ୍ୟ କୌଣସି ଅଡିଓ କିମ୍ବା ଗଣମାଧ୍ୟମକୁ ସୂଚନା ଦିଆଯାଇନାହିଁ।

## ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ...
ପାଖରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପିଲାମାନଙ୍କୁ ଦେଖି ତାଙ୍କ ଭିତରେ ଛପି ରହିଥିବା ଶିକ୍ଷକ ସ୍ୱରୂପ ପୁଣି ଥରେ ଫୁଟିଉଠିଥିଲା। ସେ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ିରେ ବୃତ୍ତ କାଟି ଖଡ଼ିଛୁଆଁ କରାଇଛନ୍ତି। ତା'ପରେ ପ୍ରଥମ ଅକ୍ଷର ଭାବେ 'ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଛନ୍ତି। ଶିକ୍ଷକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ଶିକ୍ଷକତାର ଅଭିଜ୍ଞତାରୁ ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଖୁବ୍ ସହଜ ଭାବରେ ପିଲାଙ୍କ ମା'ଙ୍କ ନାଁ, ବାପାଙ୍କ ନାଁ, କ'ଣ ଖାଇଛ ଏମିତି କିଛି ପ୍ରଶ୍ନ ପଚାରି ସେମାନଙ୍କ ସହିତ ଭାବଗତ ସମ୍ପର୍କ ଯୋଡ଼ିଥିଲେ। ପିଲାମାନେ ମଧ୍ୟ ଖୁବ୍ ଉତ୍ସାହର ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ ଏବଂ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୫ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ସେହିପରି ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ ବୁଲି ଦେଖିବା ସହିତ ଶିଶୁ ବାଟିକା ପିଲାଙ୍କ ପଠନ ପ୍ରଣାଳୀ ଅନୁଧ୍ୟାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। ଆଜି ପାଠପଢ଼ା ଆରମ୍ଭ ଦିନରେ ପିଲାମାନେ ବହୁତ ଖୁସି ଅଛନ୍ତି। ଏହି ଶିଶୁ ବାଟିକା ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବ। ଆଗାମୀ ଦିନରେ ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢ଼ିବେ। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ବୁଧବାରଠାରୁ ଶିଶୁ ବାଟିକା ବା ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିକ୍ଷା ଆରମ୍ଭ କରାଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁବାଟିକା ଖୋଲାଯିବ। ଏହିସବୁ ଶିଶୁବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବେ। ଶିଶୁବାଟିକାର ପିଲାମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନଧର୍ମୀ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ସାର, କୀଟନାଶକ ପାଇଁ ବଢୁଛି କର୍କଟ

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

■ ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁରରେ ରୋଗୀଙ୍କ ସଂଖ୍ୟା ବଢୁଛି : ଆଇନ ମନ୍ତ୍ରୀ

■ ଜୈବିକ ଚାଷକ୍ଷେତ୍ର ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ସମ୍ପ୍ରତି ଲୋକମାନେ ଅଧିକ ଫସଲ ଅମଳ ପାଇଁ ସାର ଓ କୀଟନାଶକ ବେଶିମାତ୍ରାରେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା କର୍କଟ ରୋଗ ବ୍ୟାପୁଛି। ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲାରେ ଏହା ଅଧିକ ପରିଲକ୍ଷିତ ହେଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି।

ବୁଧବାର ପ୍ରଶ୍ନକାଳରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅର୍ଗାନିକ୍ ବା ଜୈବିକଚାଷ ପାଇଁ ସରକାରଙ୍କ ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଉଛି ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଚାଷୀ ଅଧିକ ପରିମାଣରେ କୀଟନାଶକ ଏବଂ ରାସାୟନିକ ସାର ଜମିରେ ବ୍ୟବହାର କରିବା ଯୋଗୁ ବଲାଙ୍ଗୀର ଏବଂ ଅବିଭକ୍ତ ସମ୍ବଲପୁରରେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି। ଆଉ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଳଭଦ୍ର ଜୈବିକ ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଜୈବିକ ଚାଷକ୍ଷେତ୍ର କିଭଳି ବୃଦ୍ଧି ହୋଇପାରିବ ସେଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ ମନ୍ତ୍ରୀ କହିଥିଲେ।

ଅତିରିକ୍ତ ପ୍ରଶ୍ନ ପଚାରି ଆଚାର୍ଯ୍ୟ କହିଥିଲେ, ବିଶେଷକରି ଜଳସେଚିତ ଅଞ୍ଚଳର ଚାଷୀ ଅଧିକ ସାର ବ୍ୟବହାର କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କୁ ଏଥିଲାଗି ପ୍ରୋତ୍ସାହିତ କରୁଛନ୍ତି। ଅଧିକ ସାର ବ୍ୟବହାର ହୋଇ ଚାଷ ହୋଇଥିବା ଖାଦ୍ୟଶସ୍ୟ ଖାଇବା ଫଳରେ କ୍ୟାନ୍ସର ବ୍ୟାପୁଛି।

ମନ୍ତ୍ରୀ କହିଥିଲେ ଯେ, ଏହା ନିଶ୍ଚିତଭାବେ ଚିନ୍ତାର କାରଣ। ଅଧିକ ସାର ଓ କୀଟନାଶକ ବ୍ୟବହାର ଲାଗି କ୍ୟାନ୍ସର ଭଳି ରୋଗ ହେଉଛି। ଏଥିପାଇଁ ଚାଷୀଙ୍କୁ ସଚେତନ କରାଯାଉଛି। ଜୈବିକ କମ୍ପୋଷ୍ଟ ବ୍ୟବହାର ଦ୍ୱାରା ଚାଷୀଙ୍କର ଉତ୍ପାଦନ ପ୍ରଭାବିତ ହେବନାହିଁ ବୋଲି ସୁନିଶ୍ଚିତ କରାଯାଉଛି। ବଳଭଦ୍ର କୃଷି ମିଶନ ଜରିଆରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ବାୟୋ କମ୍ପୋଷ୍ଟ ତିଆରି କରିବା ପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି।

ଭାଜପା ସଦସ୍ୟ ସନାତନ ବିଜୁଳି ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ ପାଇଁ ସରକାର କ'ଣ ଯୋଜନା କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଶୀତଳଭଣ୍ଡାର ଅଭାବରୁ ବହୁ ଅଞ୍ଚଳରେ ଖରିଫ ଫସଲ ପରେ ଜମି ପଡ଼ିଆ ପଡୁଥିଲା। ଏହାର ସମାଧାନ ପାଇଁ ସରକାର ନୂଆ ଶୀତଳଭଣ୍ଡାର ନୀତି ଆଣିଛନ୍ତି।

ଏହି ଅବସରରେ ସନାତନ ପ୍ରଶ୍ନ କରିଥିଲେ ଯେ, ପଞ୍ଜାବ, ହରିୟାଣାରେ ପାଞ୍ଚଏକର ଜମି ଥିବା ଚାଷୀ କୋଟିପତି ହେଉଛନ୍ତି। ଡାଲିଜାତୀୟ ଫସଲରେ କମ୍ ସାର ଏବଂ କୀଟନାଶକ ବ୍ୟବହାର କରି ଅଧିକ ଫସଲ ଅମଳ କରାଯାଇପାରିବ। ଏ ଦିଗରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ପାଣିର ଅଭାବ ପାଇଁ ଖରିଫ ଫସଲ ପରେ ଚାଷଜମିଗୁଡ଼ିକ ପଡ଼ିଆ ରହୁଛି। ପାଣି ବ୍ୟବସ୍ଥା ଥିବା ଜମିଗୁଡ଼ିକରେ ଡାଲିଜାତୀୟ ଫସଲ କରାଯାଉଛି। ଜଳ ସମ୍ପଦ ବିଭାଗ ସହ ମିଶି ବିଭିନ୍ନ ପଦ୍ଧତିରେ ଜଳସେଚନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ହରିୟାଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲିଜାତୀୟ ଚାଷରେ ଓଡ଼ିଶା ବଳକା ରାଜ୍ୟ ହେବାକୁ ଯାଉଛି। ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ଏହାଦ୍ୱାରା କେବଳ 'ସରକାର କା ମାଲ୍ ଦରିଆମେଁ ଡାଲ୍' ହେଉଛି। ପ୍ରତାପ ପୁଣି ପ୍ରଶ୍ନ କରିଥିଲେ ଯେ, ବାହାରୁ ଅଣାଯାଉଥିବା ମୁଗ ବିହନ ଗଛ ହେଉନାହିଁ। ସରକାର ଦେଇଥିବା ମୁଗ ବିହନକୁ ସେ ନିଜେ ଚାଷ କରିଥିଲେ। ଉକ୍ତ ବିହନ ଆମ ରାଜ୍ୟ ପାଣିପାଗ ସହ ଖାପ ଖୁଆଇବା ସମ୍ଭବ ହେଲାନାହିଁ। ସେଥିରେ ଏକାଧିକ ଜଳସେଚନର ଆବଶ୍ୟକତା ଅଛି। ଚାଷ ବିଫଳ ହେଲା। ସରକାରୀ ବିହନ କାମ କରୁନାହିଁ ବୋଲି ପ୍ରତାପ କହିଥିଲେ। ମନ୍ତ୍ରୀ କହିଥିଲେ ଯେ, ହାଇବ୍ରିଡ୍ ବିହନର ଅଧିକ ଯତ୍ନର ଆବଶ୍ୟକତା ରହିଛି।

## ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୨।୪
(ସୂର୍ଯ୍ୟକାନ୍ତ ବେହେରା)

ବିଲ୍ ପାଇଁ ଠିକାଦାରଙ୍କଠାରୁ ୧ଲକ୍ଷ ଲାଞ୍ଚ ନେବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସ। ତାଙ୍କଠାରୁ ଲାଞ୍ଚ ଟଙ୍କା ସହ ମୋଟ ୨ ଲକ୍ଷ ୨୬ ହଜାର ଟଙ୍କା ଜବତ କରାଯାଇଛି। ପରେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ବାସଭବନ, ଅନୁଗୋଳ ତୁରାଙ୍ଗସ୍ଥିତ ଶୀତଳ ବିହାର ଓ ପାଲଲହଡାରେ ଥିବା ପୈତୃକ ଘର ଆଦି ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଓ ପଚରାଉଚରା ଜାରି ରହିଥିବାବେଳେ ବିପୁଳ ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୫/୨୦୨୫ ରୁଜୁ କରାଯାଇ ନରେଶଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଏହି ଡିଭିଜନ ଅଧୀନରେ ଠିକାଦାର ଅଜୟ ଦାସ ୩ଟି କାମ କରିଥିଲେ। ହେଲେ କାମ ବାବଦକୁ ୭ ଲକ୍ଷ ଟଙ୍କାର ବିଲ୍ ବକେୟା ରହିଥିଲା। ଏହି ବିଲ୍ ପାଇଁ ସହକାରୀ ଯନ୍ତ୍ରୀ ନରେଶ ଲକ୍ଷେ ଟଙ୍କା ଦାବି କରିଥିଲେ। ଏନେଇ ଠିକାଦାର ଅଜୟ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଯୋଜନା ଅନୁସାରେ, ଠିକାଦାର ଜଣକ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ଦାବି ମୁତାବକ ଲାଞ୍ଚ ଟଙ୍କା ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଟଙ୍କା ସହ ଧରିବାରେ ସଫଳ ହୋଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଯନ୍ତ୍ରୀ ନରେଶଙ୍କ ହାତରୁ ୧ଲକ୍ଷ ଲାଞ୍ଚ ଟଙ୍କା ଓ ପକେଟରୁ ନଗଦ ୧.୨୬ ଲକ୍ଷ ଟଙ୍କା ଜବତ କରିଥିଲେ।

# ବିଭିନ୍ନ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୨।୪
(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କାଳବୈଶାଖୀ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ବିଜୁଳି, ଘଡ଼ଘଡ଼ି, ପବନ ସହ ହାଲୁକା ବର୍ଷା ଆରମ୍ଭ ହୋଇଛି। ବୁଧବାର ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, ରାୟଗଡା, କୋରାପୁଟ ଏବଂ କନ୍ଧମାଳ ଜିଲାର କିଛି ଅଞ୍ଚଳରେ କଳାବୈଶାଖୀଜନିତ ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ମଧ୍ୟ ବିଭିନ୍ନ ଜିଲାରେ କାଳବୈଶାଖୀ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲା ରହିଛି। ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ରହିଛି। ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ପୁଅର ମୃତ୍ୟୁ ଖବର ଶୁଣି ବାପାଙ୍କ ମୃତ୍ୟୁ

ଆସିକା,୨।୪
(ସୁରେନ୍ଦ୍ର ନାଥ ସାହୁ)


ଅଭିମନ୍ୟୁ ମୁନି


ପ୍ରଶାନ୍ତ ମୁନି

ଗଞ୍ଜାମ ଜିଲା ଆସିକା ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ଶାସନ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମୃତ୍ୟୁ ଖବର ଶୁଣି ଡାକ୍ତରଖାନାରେ ଚିକିତ୍ସାଧୀନ ବାପାଙ୍କ ମୃତ୍ୟୁ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ବାପା ଅଭିମନ୍ୟୁ ମୁନି (୭୦)ଙ୍କ ଅନ୍ତିମ ସଂସ୍କାର ହୋଇଥିବା ବେଳେ ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା ପୁଅ ପ୍ରଶାନ୍ତ ମୁନିଙ୍କ ମୃତଦେହ ଆଣିବାକୁ ସମ୍ପର୍କୀୟମାନେ ଆନ୍ଧ୍ରପ୍ରଦେଶ ଯାଇଛନ୍ତି।

ଗଙ୍ଗାପୁର ଶାସନ ଗ୍ରାମର ଅଭିମନ୍ୟୁ କିଛିଦିନ ହେଲା ଝିଅ ବାହାଘର କରିଥିଲେ। ଏହାପରେ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ତାଙ୍କର ଏକମାତ୍ର ପୁଅ ପ୍ରଶାନ୍ତ କାମ କରିବାକୁ ସୁରଟ ଯାଇଥିଲେ। ସ୍ତ୍ରୀଙ୍କ ସହ ଗାଁରେ ରହୁଥିବା ଅଭିମନ୍ୟୁ ଶାରିରୀକ ଅସୁସ୍ଥତା କାରଣରୁ କିଛିଦିନ ହେଲା ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରଶାନ୍ତ ବାପାଙ୍କୁ ଦେଖିବାକୁ ସୁରଟରୁ ଟ୍ରେନ୍‌ରେ ବାହାରିଥିଲେ। ତେବେ ବିଧିର ବିଧାନ ଥିଲା ଅଲଗା। ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ପୂର୍ବରୁ ଆନ୍ଧ୍ରପ୍ରଦେଶର କୌଣସି ଏକ ସ୍ଥାନରେ ସେ ଚଳନ୍ତା ଟ୍ରେନରୁ ଖସିପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଶୁଣିବା ପରେ ଡାକ୍ତରଖାନା ଶଯ୍ୟାରେ ଥିବା ଅଭିମନ୍ୟୁଙ୍କ ପ୍ରାଣ ବାୟୁ ଉଡ଼ିଯାଇଥିଲା। ଆର୍ଥିକ ଅନଟନରେ କାଳାତିପାତ କରୁଥିବା ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଚିକିତ୍ସା ପରେ ସୁସ୍ଥ ହେଉଛି ଦନ୍ତା

ବନ୍ତଲା,୨।୪(ସୁଶିତ ସାହୁ)


ଚିକିତ୍ସାଧୀନ ଥିବା ଦନ୍ତା ହାତୀ।

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ବଲଙ୍ଗ ଗାଁ ଉପରମୁଣ୍ଡ ନାଳ ପାଖରେ ୧୦ ଦିନ ଧରି ଅସୁସ୍ଥ ଅବସ୍ଥାରେ ଥିବା ଏକ ଦନ୍ତାହାତୀ ଚିକିତ୍ସା ପରେ ସୁସ୍ଥ ହେଉଛି। ଗତ ୨୩ ତାରିଖରେ ସାତକୋଶିଆ ଅଭୟାରଣ୍ୟରୁ ଉକ୍ତ ଦନ୍ତାହାତୀ ବନ୍ତଲା ବନାଞ୍ଚଳ ବଲଙ୍ଗକୁ ଚାଲି ଆସିଥିଲା। ହାତୀଟି ଅସୁସ୍ଥ ଅବସ୍ଥାରେ ଥିବାରୁ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲା। ବନ ବିଭାଗ କର୍ମଚାରୀଙ୍କ ନଜରକୁ ଆସିବା ପରେ ୨୯ ତାରିଖରୁ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡା. ପି.କେ. ସିଂଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ, ଅନୁଗୋଳ ଓ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ଚିକିତ୍ସକ ଟିମ୍ ସାମିଲ ହୋଇ ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ସାହୁ କହିଛନ୍ତି, ହାତୀଟି ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରୁଛି। ପୂର୍ବରୁ ଖାଦ୍ୟ ଖାଉ ନ ଥିଲା ବେଳେ ଚିକିତ୍ସା ପରେ ବୁଧବାର ଦନ୍ତାହାତୀକୁ ଦିଆଯାଇଥିବା ତରଭୁଜ, କଦଳୀ, ସେଓ ଓ କଖାରୁ ଆଦି ଖାଇବା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ହାତୀଟି ସୁସ୍ଥ ଅବସ୍ଥାକୁ ଫେରି ଆସିବ।

# ୨ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨।୪
(ଦୁର୍ଯ୍ୟୋଧନ ପାତ୍ର)





ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଜଗରଗୁଣ୍ଡାରୁ ଜିଲା ପୋଲିସ ଓ ୧୬୫ ବାହିନୀ ସିଆର୍‌ପିଏଫ୍ ମିଳିତ ଭାବେ ସର୍ଚ୍ଚ ଓ କୋମ୍ବିଂ ନିମନ୍ତେ ସିଙ୍ଗାବରମ୍ ଓ ଆଖପାଖ ଅଞ୍ଚଳକୁ ବାହାରିଥିଲେ। ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ୨ଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଡିୟମ ଲଖମା ଓ ଡେଲାମ ହିଡାଙ୍କୁ ଗିରଫ କରିଥିଲେ। ଏମାନଙ୍କୁ ପଚରାଉଚୁରା କରିବାରୁ ଏମାନେ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରିଆସୁଛନ୍ତି। ଜଗରଗୁଣ୍ଡା ଥାନା ଅଞ୍ଚଳରେ ବହୁ ଘଟଣାରେ ସାମିଲ ଥିବା ସ୍ୱୀକାର କରିଥିଲେ। ଏମାନେ ରଖିଥିବା ୩ ବିଜିଏଲ୍ ସେଲ୍ ଓ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ଯବାନମାନଙ୍କ ଚଳାଚଳ ରାସ୍ତାରେ ଲାଣ୍ଡମାଇନ୍ ଲଗାଇବା, ପୋଲିସ ଉପରେ ଆକ୍ରମଣ, ହତିଆର ଲୁଟ୍, ଗ୍ରାମବାସୀଙ୍କୁ ହତ୍ୟା ମାମଲାରେ ସାମିଲଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ସ୍କୁଲ ଭ୍ୟାନ୍ ଓଲଟି ୩ ଆହତ

ଠାକୁରମୁଣ୍ଡା,୨।୪
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ-ଚଢ଼େଇଭୋଳ ରାସ୍ତାର ଭଅଁରା ନିକଟରେ ବୁଧବାର ଏକ ସ୍କୁଲ ଭ୍ୟାନ୍ ଓଲଟି ୨ ଛାତ୍ରଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସକାଳେ କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲ ଭ୍ୟାନ୍‌ରେ ୧୦ ଜଣ ଛାତ୍ର ଯାଉଥିବା ବେଳେ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୨ ଛାତ୍ର ଓ ହେଲପର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ କରଞ୍ଜିଆ ଉପଜିଲାପାଳ ପହଞ୍ଚି ଆହତ ୨ ଛାତ୍ରଙ୍କ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବାପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। କରଞ୍ଜିଆ ପୋଲିସ ତଦନ୍ତ ଜାରି ରଖିଛି।

# ଭଡ଼ାଘରେ ଚାଲିଛି ୨୯୩ ଅଙ୍ଗନୱାଡି କେନ୍ଦ୍ର

ବାରିପଦା,୨।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ମୟୂରଭଞ୍ଜ ଜିଲାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବାଟବଣା**

■ ୧୦୫୫ କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନାହିଁ

■ ଘରୋଇ ବିଦ୍ୟାଳୟ ଶିକ୍ଷା ପ୍ରତି ଆକୃଷ୍ଟ ହେଉଛନ୍ତି ଅଭିଭାବକ

ଚଳିତ ଶିକ୍ଷା ବର୍ଷଠାରୁ ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଆରମ୍ଭ ହୋଇଛି। ଭିତ୍ତିଭୂମି ଓ ଶିକ୍ଷାଦାନରେ ବ୍ୟାପକ ପରିବର୍ତ୍ତନ କରାଯାଇ ଶିଶୁମାନଙ୍କୁ ବିଦ୍ୟାଳୟ ମୁହାଁ କରିବା ପାଇଁ ସ୍କୁଲ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଭଳି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବାଟବଣା ହୋଇଛି। କୋମଳମତି ଶିଶୁଙ୍କ ଶିକ୍ଷା ଗ୍ରହଣର ଏକମାତ୍ର ମାଧ୍ୟମ ଅଙ୍ଗନୱାଡି କେନ୍ଦ୍ର ଭଡ଼ା ଘରେ ଚାଲିବା ସରକାରୀ ଯୋଜନାକୁ ଦିଗହରା କରିଛି। ଏପରିକି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ପ୍ରଶାସନର ଉଦାସୀନତା କାରଣରୁ ଶିଶୁଙ୍କୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନରେ ବାଧକ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକ୍, ୨ଟି ପୌର ପରିଷଦ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ୫୧୫୨ଟି ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ସେଥିମଧ୍ୟରୁ ୧୦୫୫ଟି କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନ ଥିବା ବେଳେ ୨୯୩ଟି କେନ୍ଦ୍ର ଭଡ଼ାଘରେ ଚାଲିଛି। ସେହିପରି ୧୮୦ଟି ଗୋଷ୍ଠୀ କେନ୍ଦ୍ର ଓ ୫୮୨ଟି ସ୍କୁଲଗୃହରେ ଚାଲୁ ରହିଥିବା ବେଳେ ତାହା ସୁରକ୍ଷିତ ନୁହେଁ ବୋଲି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପଠାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନିର୍ମାଣ କରାଯିବାକୁ ଯୋଜନା ହୋଇଥିବା ବେଳେ କେତେକ ନିର୍ମାଣ ଶେଷ ହୋଇଛି ଏବଂ ଅନ୍ୟ କେତେକର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଫଳରେ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପାଠପଢ଼ା, ଶୃଙ୍ଖଳା ଓ ରନ୍ଧାଖାଦ୍ୟ ପ୍ରଦାନ, ଖେଳକୁଦ, ଉପକାରୀ ବଗିଚା ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ଓ ପିଣ୍ଡାରେ ବସି ପାଠପଢ଼ିବା ଦ୍ୱାରା ଶିଶୁଙ୍କ ଶୈକ୍ଷିକ ବ୍ୟବସ୍ଥାରେ ଉନ୍ନତି ଆସିପାରୁ ନାହିଁ। ଏପରିକି କୋମଳମତି ଶିଶୁଙ୍କ ମାତାପିତା ଅଙ୍ଗନୱାଡି ପ୍ରତି ବିମୁଖ ହୋଇ ବେସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଛନ୍ତି। ଫଳରେ ଜିଲାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାପାଳ ପ୍ରତି ମାସରେ ବିଡିଓମାନଙ୍କୁ ଏନେଇ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ଉଦାସୀନତା ଏବଂ ଅବହେଳା କାରଣରୁ ଏପରି ଅବ୍ୟବସ୍ଥା ଲାଗିରହିଛି ବୋଲି ୨୦ ବର୍ଷ ଧରି କେନ୍ଦ୍ର ନିର୍ମାଣ ହୋଇପାରୁ ନ ଥିବା ବଡ଼ସାହି ବ୍ଲକ ବେଲପାଳ ଗ୍ରାମର ଅଭିଭାବକ ପୂର୍ଣ୍ଣେନ୍ଦୁ ବାସଙ୍ଗ, ଶକ୍ତି ବାସଙ୍ଗ ଓ ଦୀପୁ ବାସଙ୍ଗ କହିଛନ୍ତି। ଜିଲାରେ ମୋଟ ୨,୪୫,୪୪୧ ହିତାଧିକାରୀଙ୍କ ମଧ୍ୟରୁ ୩ରୁ ୬ମାସ ପର୍ଯ୍ୟନ୍ତ ୧,୧୩,୬୩୨ ଶିଶୁ, ୧୨,୭୬୪ ପ୍ରସୂତି, ୧୭,୩୯୨ ଗର୍ଭବତୀ, ୬ ମାସରୁ କମ୍ ୧୨,୪୫୨ ଶିଶୁ, ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ୮୯,୨୦୧ ଜଣ ଶିଶୁ ରହିଛନ୍ତି। ଏମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଫେଲ୍ ହେବାକୁ ବସିଛି।

ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହାତକୁ ନିଆଯାଇଛି। ନିର୍ମାଣ କାର୍ଯ୍ୟ ପାଇଁ ସହରାଞ୍ଚଳରେ ପୌର ଅଧିକାରୀ ଓ ଗ୍ରାମାଞ୍ଚଳରେ ବ୍ଲକ୍ ପ୍ରଶାସନ ଜରିଆରେ କାର୍ଯ୍ୟ ଚାଲୁ ରହିଛି। ମାତ୍ର ବିଭିନ୍ନ କାରଣ ଯୋଗୁ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ନିଜସ୍ୱ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସେହିପରି ଶିଶୁଙ୍କ ଖେଳକୁଦ ସମେତ ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ଅଙ୍ଗନୱାଡିଗୁଡ଼ିକୁ ଆଦର୍ଶ କେନ୍ଦ୍ର ଭାବେ ପରିଣତ କରିବା ପାଇଁ ଯୋଜନା ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ବାଡିସି) ମୟୂରଭଞ୍ଜ ଜିଲା ସହାୟତାରେ ରୂପାନ୍ତରିତ କରିବା ପାଇଁ ରୂପରେଖ ପ୍ରସ୍ତୁତ ହୋଇଥିଲା। ୨୦୧୯ରେ ଜିଲାର ୮୨୬ଟି କେନ୍ଦ୍ରକୁ ଆଦର୍ଶ ଅଙ୍ଗନୱାଡି ଭାବେ ନିର୍ମାଣ କରିବା ପାଇଁ ଓମ୍ବାଡିସି ପକ୍ଷରୁ ୫୨୮କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତ କରାଯାଇଥିଲା। ଏଥିରେ ପ୍ରତି କେନ୍ଦ୍ରକୁ ୧୫ଲକ୍ଷ ଟଙ୍କାର ବ୍ୟୟବରାଦର ଲକ୍ଷ୍ୟ ରଖାଯାଇଥିଲା। ଏହା ସହ ପୁରୁଣା କେନ୍ଦ୍ରଗୁଡିକର ପାରିପାର୍ଶ୍ୱିକ ଉନ୍ନତୀକରଣ କରିବା ପାଇଁ ୪ଲକ୍ଷ ୫୦ହଜାରରୁ ୭ଲକ୍ଷ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ ରହିଥିଲା। ପ୍ରଥମ ପର୍ଯ୍ୟାୟରେ ଓମ୍ବାଡିସି ପକ୍ଷରୁ ୨୦୨୧-୨୨ରେ ଜିଲାର ୩୪୬ଟି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ମଧ୍ୟରୁ ୩୦୦ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ୪୬ଟିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅବଶିଷ୍ଟ ୪୮୦ଟି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ ତାହା ଅନୁମୋଦନ ପାଇପାରୁନାହିଁ। ତେବେ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାକ୍ ଶିକ୍ଷାକୁ ଗୁରୁତ୍ୱ ଦିଆ ନ ଗଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଲକ୍ଷ୍ୟସ୍ଥଳରେ ଅପହଞ୍ଚ ହୋଇପଡ଼ିବ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି।



ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ବିଲ୍ୱବରଣ



# ସାତ ଶତାବ୍ଦୀର କଥା



ଦେବଦତ୍ତ ପଟ୍ଟନାୟକ

ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ଆରବରେ ସୃଷ୍ଟି ହୋଇଥିଲା। ଏହା ପଶ୍ଚିମକୁ ଭୂମଧ୍ୟସାଗରୀୟ ଦେଶ ସମୂହ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ(ଏବକାର ଇରାନ୍)କୁ ବିସ୍ତାର ହୋଇଥିଲା। ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ପୁନର୍ବାର ବିସ୍ତାରିତ ହୋଇ ସ୍ପେନ୍‌ରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳରେ ପହଞ୍ଚିଥିଲା। ଏହା କିଭଳି ଭାରତରେ ପହଞ୍ଚିଲା ? ରାଜନୈତିକ ବିଚାରରେ ଏହାର ଉତ୍ତର ହେଉଛି ହିଂସା ଓ ଲୁଣ୍ଠନ। କିନ୍ତୁ ବୁଦ୍ଧିଜୀବୀମାନେ ଉତ୍ତର ଦିଅନ୍ତି, ଏହା ଗୋଟିଏ ମାଧ୍ୟମରେ ଭାରତକୁ ଆସି ନ ଥିଲା, ବରଂ ସେତେବେଳର ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତକୁ ପ୍ରବେଶ କରିଥିଲା।

ଚେରାମାନ ଜୁମା ସମ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ ହେଉଛି ସପ୍ତମ ଶତାବ୍ଦୀର। ଆରବର ନାବିକ ଓ ବଣିକମାନେ ସ୍ଥାନୀୟ ହିନ୍ଦୁ ରାଜାଙ୍କ ସହାୟତାରେ ଏଗୁଡ଼ିକୁ ନିର୍ମାଣ କରିଥିଲେ। ବାସ୍ତବରେ ସେମାନେ ହେଉଛନ୍ତି ପ୍ରଥମ ଲୋକ ଯେଉଁମାନେ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତିକୁ ଆଣିଥିଲେ। ସପ୍ତମ ଶତାବ୍ଦୀରେ ସିନ୍ଧ୍‌କୁ ଆରବୀୟ ଲୁଣ୍ଠନ କରିଥିବା କାହାଣୀ ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି। ମୁମ୍ବାଇ ନିକଟସ୍ଥ ଠାଣେ ଅଞ୍ଚଳକୁ ଦଖଲକରିବା ପାଇଁ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣ ପୂର୍ବ ଭାଗ)କୁ ଆକ୍ରମଣ କରିଥିଲେ। ତେବେ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ସେମାନଙ୍କୁ ଘଉଡ଼ାଇଦେବାରେ ସଫଳ ହୋଇଥିଲେ। ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ବିସ୍ତାର ଲାଭ କରିଥିବା ସ୍ପଷ୍ଟ ହେଉଥିଲେ ମଧ୍ୟ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ପହଞ୍ଚି ସିନ୍ଧ ଅଞ୍ଚଳରେ ପ୍ରବେଶ କରିଥିଲା। ଦଶମ ଶତାବ୍ଦୀ ପାଖାପାଖିରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରିଥିଲେ ଏବଂ ଧନ ପାଇଁ ସେମାନେ ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ। ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ସେଠାରେ ରହିବା ଆରମ୍ଭ କରିଥିଲେ ଏବଂ ଭାରତର ବିଶାଳ କୃଷି ସମ୍ପଦକୁ ଦଖଲକୁ ନେଇ ଚାଷ ଆରମ୍ଭ କରିଦେଇଥିଲେ। ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ, ସେମାନେ ଥିଲେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା)। ପଞ୍ଚଦଶ ଶତାବ୍ଦୀରୁ ମୋଗଲଙ୍କ ଦ୍ୱାରା ତୁର୍କ ଓ ଆଫଗାନମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇଥିଲା।

ଏହି ସୁଲତାନମାନେ ଭାରତରେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ଆରମ୍ଭ କରିଥିଲେ ଏବଂ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳାଇଦେଲେ।



ସେମାନଙ୍କ ସହ ଥିବା ଘୋଡ଼ାଗୁଡ଼ିକ ସେନାକୁ ଶକ୍ତିଶାଳୀ କରିଥିଲା। ସେଥିପାଇଁ ରାଜସ୍ଥାନରେ ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା( ପୀର କିମ୍ବା ପୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନ ପୂଜା କରିଥାନ୍ତି। ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରାଭୁଟାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବାର ଚିତ୍ର ଦେଖିବାକୁ ମିଳେ। ଏହା ବିଶେଷକରି ସମନ୍ୱୟ ବା ସଦ୍‌ଭାବନାକୁ ପ୍ରକାଶକରେ। ଶ୍ରୀରଙ୍ଗମ ଭଳି ଦକ୍ଷିଣ ଭାରତର ବିଷ୍ଣୁ ମନ୍ଦିର ସବୁ ମୁସଲମାନ ରାଜକୁମାରୀ ତଥା ଭକ୍ତର କାହାଣୀକୁ ସୂଚିତକରେ ଯିଏ କି ଦେବତାଙ୍କ ସ୍ତ୍ରୀ ହୋଇଥିଲେ। ଏହା ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ସୂଚିତ କରୁଛି।

ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନେ ଭାରତରେ ପ୍ରବେଶ କରିଥିଲେ। ସେମାନେ ଥିଲେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ। ମଙ୍ଗୋଲୀୟମାନେ ପୁରୁଣା ଆରବ ସାମ୍ରାଜ୍ୟକୁ ଆକ୍ରମଣକରି ନଷ୍ଟ କରିଦେବା ପରେ ସୁଫିମାନେ ଲୋକପ୍ରିୟ ହୋଇଥିଲେ। ଏହି ଅଧ୍ୟାତ୍ମବାଦୀ ବ୍ୟକ୍ତିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳକୁ ଯାତ୍ରା କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ ଏବଂ ଅନ୍ୟସବୁ ଥିଲେ ଧର୍ମ ପ୍ରଚାରକ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ପ୍ରଦାନ କରୁଥିଲେ। ଏଣୁ ସେମାନେ ଯେଉଁଠି ରହୁଥିଲେ ସେଠାରେ ଲୋକେ ସେମାନଙ୍କୁ ଭଲ ପାଉଥିଲେ। ସେମାନଙ୍କର ଯେତେବେଳେ ମୃତ୍ୟୁ ଘଟିଲା ସେତେବେଳେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଗଲା। ସେମାନଙ୍କ ଆତ୍ମା ନିକଟରୁ ଦିବ୍ୟ ଆଶୀର୍ବାଦ ପାଇବା ଲାଗି ସେଠାକୁ ଆଖପାଖ ଅଞ୍ଚଳର ଲୋକେ ଆସୁଥିଲେ। ଏହି ମୁସଲମାନ ପୀରମାନେ ହିନ୍ଦୁ ବୀରଙ୍କ ସହ ମିଶି ଲୋକକଥାର ଦୃଶ୍ୟପଟରେ ଏକ ଅଂଶ ପାଲଟିଯାଇଥିଲେ।

କୃଷିଭିତ୍ତିକ ନୂତନତ୍ୱ ଜ୍ଞାନ ମାଧ୍ୟମରେ ମଧ୍ୟ ଇସ୍‌ଲାମ ଧର୍ମ ବିସ୍ତାର ଲାଭକରିଛି, କିନ୍ତୁ ତାହାକୁ ବହୁ ସମୟରେ ଅଣଦେଖା କରାଯାଇଆସିଛି। ଭାରତକୁ ଆସିଥିବା ସୁଫିମାନେ ଦଶମ ଶତାବ୍ଦୀରୁ କୃଷିର ନୂଆ ଟେକ୍ନୋଲୋଜି ଆରମ୍ଭ କରିଥିଲେ। ସେମାନେ ଜଳଚକ, ଭୂତଳ କେନାଲ ନିର୍ମାଣ କରିଥିଲେ , ଯାହା ସ୍ପେନ୍ ଓ ପର୍ସିଆରେ ବିକଶିତ ହୋଇଥିଲା। ଏହା ଯୋଗୁ ଶୁଖିଲା ଅଞ୍ଚଳରେ କୃଷିକାର୍ଯ୍ୟ ସମ୍ଭବ ହେଲା। ଏହିସବୁ ଟେକ୍ନୋଲୋଜି ସିନ୍ଧ୍ ଓ ପଞ୍ଜାବକୁ ଆସିଥିଲା ଏହି ଅଞ୍ଚଳଗୁଡ଼ିକୁ କୃଷି ସମୃଦ୍ଧ କରିଥିଲା। ଫଳରେ ସେଠାରେ ଥିବା ଭୂମିହୀନ ଜାଠମାନେ ଜମି ମାଲିକ ହେବା ସହ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହୋଇଥିଲେ। ଏହିସବୁ ଅଞ୍ଚଳରେ ସର୍ବାଧିକ ମୁସଲମାନ ରହୁଥିଲେ ଏବଂ ଧୀରେ ଧୀରେ ପାକିସ୍ତାନ ଚାଲିଯାଇଥିଲେ। ଭାରତର ପୂର୍ବାଞ୍ଚଳରେ ମୋଗଲ ଶାସନ ସମୟରେ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ଗଙ୍ଗାନଦୀ କୂଳରେ କୃଷିକୁ ଉତ୍ସାହିତ କରାଯାଇଥିଲା। ପୂର୍ବରୁ ମୁଖ୍ୟସ୍ରୋତର ବାହାରେ ରହୁଥିବା ସୀମାନ୍ତ ଅଞ୍ଚଳର ଲୋକମାନେ ଏହି ସୁଯୋଗରୁ ଲାଭ ଉଠାଇଲେ। ସୁଫି ବିଦ୍ୱାନଙ୍କ ସହଯୋଗରେ ସେମାନେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି। ଏଠାରେ ପଞ୍ଚପୀରଙ୍କ ପୂଜା ହେଉଥିବା ଦେଖିବାକୁ ମିଳେ, ଯାହାଙ୍କୁ ପଞ୍ଚପାଣ୍ଡବ ଭାବେ ଚିହ୍ନଟ କରାଯାଇଥାଏ। କୃଷି ସହ ଜଡ଼ିତ ବନ୍ ବିବିଙ୍କ ଭଳି ସ୍ଥାନୀୟ ଦେବୀ ସୁନ୍ଦରବନରେ ଅଛନ୍ତି। ବେଙ୍ଗଲର କୁଟୀରଗୁଡ଼ିକରେ କରାଯାଉଥିବା ଟେରାକୋଟା ଏହି ଅଞ୍ଚଳର ମସ୍‌ଜିଦଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ବିଶେଷକରି ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟରେ ନିଯୁକ୍ତି ସୁଯୋଗକୁ ଲକ୍ଷ୍ୟକରି ଆସିଥିଲେ। ଅନେକେ ସପରିବାର ଆସିଥିଲେ ଏବଂ ଆଉ କେତେକେ ସ୍ଥାନୀୟ ମହିଳାଙ୍କୁ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ନୌକର (ସବୈତନିକ ସୈନ୍ୟ) ଏବଂ ଚାକର (ସବୈତନିକ ଆକାଉଣ୍ଟାଣ୍ଟ) ଥିଲେ। ଇସ୍‌ଲାମ ଧର୍ମ ମଧ୍ୟ ସେମାନଙ୍କ ସହ ଆସିଥିଲା। ସେମାନେ ଦରବାରରେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଓ ପର୍ସିଆନ ଭାଷା କହୁଥିଲେ ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ। ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ସମ୍ଭ୍ରାନ୍ତ ମୁସଲମାନଙ୍କୁ ବିରୋଧ କରିଥିଲେ। ସମ୍ଭ୍ରାନ୍ତୀୟ ମୁସଲମାନମାନେ ନୀଚଜାତିର ଲୋକଙ୍କ ଧର୍ମାନ୍ତରୀକରଣକୁ ଗୁରୁତ୍ୱ ଦେଉ ନ ଥିଲେ। ଏହିପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶର ଜଟିଳ କାହାଣୀ ହେଉଛି ଏକ ସାତ ଶତାବ୍ଦୀର କଥା , ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ, ପ୍ରଚାରକ, କୃଷିବିତ୍ ଏବଂ ପ୍ରବାସୀ ଜଡ଼ିତ ରହିଛନ୍ତି।

-devduttofficial@gmail.com

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ଡା. ସମ୍ରାଟ କର

ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହା ବଡ଼ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପାଟର୍ନ ଅବସାଦ କମ୍ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟପିଲା ନୁହନ୍ତି ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର ଆଙ୍କି ଥାଆନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆମମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନ୍‌ଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେଜଣ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ୍ ସହଜରେ ଗ୍ରହଣ କରିପାରି ନ ଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ୍ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ସେମାନେ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ୍ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ, ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ, ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳୀ ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକେ ଏହା ବିନା ବଞ୍ଚି ନ ପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ୍ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୂଳିର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗ ତୂଳି ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗିନ ମାନସିକତାର ଜୀବନ ଅଭିବୃଦ୍ଧି। ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ।

ମାନସିକ ରୋଗ ବିଶେଷଜ୍ଞ,
ଦି' ବ୍ରେନ, ପୁରୀଘାଟ ରୋଡ୍, କଟକ,
ମୋ:୯୧୩୨୪୩୩୩୩୩

## ଏଇ ଭାରତରେ

ଶେଷାଦ୍ରି ଶିବକୁମାର ପେସାରେ ଜଣେ ସିଭିଲ ଇଞ୍ଜିନିୟର। କିନ୍ତୁ କଶ୍ମୀର ସାଫ୍ରୋନ ଚାଷକରି ସେ ସଫଳ ହୋଇପାରିଛନ୍ତି, ତାହା ପୁଣି କେରଳରେ। ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି। ସେ କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ସେ ଏହି ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ଏହା ଥିଲା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ସବୁଠୁ ବଡ଼କଥା ହେଉଛି ଶେଷାଦ୍ରି ଏହି ଚାଷ ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଷ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ଗୋଟିଏ ବର୍ଷରେ ସେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ସାଫ୍ରୋନ ଚାଷକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କରିବା ପାଇଁ ସେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୩ ଏପ୍ରିଲ ୧୯୭୬

- ରାଜସ୍ୱ ମନ୍ତ୍ରୀ ବଲ୍ଲଭ ପାଣିଗ୍ରାହୀ ବିଧାନସଭାରେ ଆଗତ କରିଥିବା ଓଡ଼ିଶା ଚକବନ୍ଦୀ ସଂଶୋଧନ ଆଇନ ଗୃହୀତ ହୋଇଯାଇଛି।
- ଭାରତ ସୋଭିଏତ୍ ରୁଷକୁ ୩୦ କୋଟି ଟଙ୍କାର କାଜୁବାଦାମ ଯୋଗାଇଦେବା ପାଇଁ ଉଭୟ ଦେଶର ଦୁଇଟି ବାଣିଜ୍ୟ ଅନୁଷ୍ଠାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଆଙ୍ଗୋଲାକୁ ଯୁଦ୍ଧଜନିତ କ୍ଷତିପୂରଣ ଦେବା ଲାଗି ଦକ୍ଷିଣ ଆଫ୍ରିକାକୁ ଜାତିସଂଘ ନିରାପତ୍ତା ପରିଷଦର ନିର୍ଦ୍ଦେଶ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 3 | | | | | 6 |
| | | | 7 | 5 | | 9 | | |
| | 1 | | | | | 2 | | 8 |
| | | | 5 | 7 | | | | |
| | 4 | | 9 | | | | | 2 |
| 7 | | 1 | | | 6 | | | |
| 4 | 2 | | | | | 6 | | |
| | | | 4 | | | | | 3 |
| | | 9 | | | | 8 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 1 | 9 | 7 | 8 | 3 | 2 |
| 3 | 9 | 2 | 8 | 5 | 6 | 4 | 7 | 1 |
| 1 | 7 | 8 | 4 | 3 | 2 | 9 | 6 | 5 |
| 9 | 3 | 5 | 7 | 6 | 8 | 2 | 1 | 4 |
| 7 | 2 | 4 | 9 | 1 | 5 | 6 | 8 | 3 |
| 6 | 8 | 1 | 3 | 2 | 4 | 7 | 5 | 9 |
| 4 | 1 | 7 | 2 | 8 | 3 | 5 | 9 | 6 |
| 2 | 5 | 3 | 6 | 7 | 9 | 1 | 4 | 8 |
| 8 | 6 | 9 | 5 | 4 | 1 | 3 | 2 | 7 |

ଗତକାଲିର ଉତ୍ତର

# ଆଶଙ୍କାରେ ପେନ୍‌ସନଭୋଗୀ



ବୃହସ୍ପତି ସାମଲ

ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ ତଥା ଭାରତ ସରକାରଙ୍କ ସଞ୍ଚିତ ପାଣ୍ଠିରୁ ପେନ୍‌ସନ ଦେୟ ବୈଧକରଣ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାରତର ସମସ୍ତ ପେନ୍‌ସନଭୋଗୀ ଭୟଭୀତ ହେବା ସହ ପେନ୍‌ସନର ଭବିଷ୍ୟତ ସ୍ୱରୂପକୁ ନେଇ ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ବୈଧକରଣର ଏହି ସିଦ୍ଧାନ୍ତ ଅନୁଯାୟୀ ପେନ୍‌ସନ ନିୟମ ପ୍ରତି କୌଣସି ପୂର୍ବାଗ୍ରହ ବିନା କେନ୍ଦ୍ର ସରକାର ପେନ୍‌ସନଭୋଗୀଙ୍କ ଅବସର ଗ୍ରହଣ ତାରିଖକୁ ନେଇ ସେମାନଙ୍କ ଭିତରେ ଏକ ପ୍ରଭେଦ ସୃଷ୍ଟି କରିପାରିବେ, ଯାହା କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସ ଲାଗୁ ସମୟରୁ ଆରମ୍ଭ ହେବ। ଏହି ବୈଧକରଣ ୧ ଜୁନ ୧୯୭୨ରୁ ଲାଗୁ ହେବ, ଯାହାଦ୍ୱାରା ସମ୍ବିଧାନର ଅନୁଚ୍ଛେଦ ୩୦୯ ଆଧାରରେ ସମୟାନୁସାରେ ହୋଇଥିବା କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ, ୧୯୭୨ ଓ ୨୦୨୧ ଏବଂ କେନ୍ଦ୍ରୀୟ ବେସାମରିକ ସେବା (ଅସାଧାରଣ ପେନ୍‌ସନ) ନିୟମ ୨୦୨୩ ଅନ୍ତର୍ଗତ ସମସ୍ତ ସଂଶୋଧିତ ନିୟମଗୁଡ଼ିକୁ ମାନ୍ୟତା ପ୍ରଦାନ କରିବ।

ଏବେ ପେନ୍‌ସନଭୋଗୀଙ୍କ ମଧ୍ୟରେ ଆଶଙ୍କା ଉପୁଜିବାର କାରଣ ହେଲା ଯେ ପ୍ରସ୍ତାବିତ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଆସନ୍ତା ୧ ଜାନୁଆରୀ ୨୦୨୬ରୁ ଲାଗୁହେବାକୁ ଯାଉଥିବା ସମୟରେ ଯଦି ଅବସର ତାରିଖକୁ ନେଇ ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ ପେନ୍‌ସନଭୋଗୀଙ୍କୁ ଭାଗ ଭାଗ କରାଯାଏ, ତେବେ ଅନୁମୋଦନ ଲାଗୁ ହେବା ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନ୍‌ସନ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ମୁତାବକ ବୃଦ୍ଧି ନ ହୋଇ କେବଳ ଅନୁମୋଦନ ଲାଗୁ ହେବା ପରେ ଯେଉଁମାନେ ଅବସରନେବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୂର୍ବର ସାତଟିଯାକ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ସମୟରେ ଏଭଳି ଆଶଙ୍କା ବା ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ପୁରୁଣା ପେନ୍‌ସନ ଯୋଜନା (ଓପିଏସ୍), ଜାତୀୟ ପେନ୍‌ସନ ଯୋଜନା (ଏନ୍‌ପିଏସ୍) ଏବଂ ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ୍)କୁ ନେଇ ପେନ୍‌ସନଭୋଗୀମାନେ ପୂର୍ବରୁ ବିଭାଜିତ ହୋଇସାରିଥିଲା ବେଳେ ବିତ୍ତ ବିଧେୟକ ୨୦୨୫ ଆଳରେ ଅବସର ତାରିଖକୁ ନେଇ ପୁନଃ ବିଭାଜିତ ହେବା ସହ ପେନ୍‌ସନ ହ୍ରାସ ଓ ବୃଦ୍ଧିକୁ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି।

ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ବିଜ୍ଞପ୍ତି ପ୍ରକାଶନର ତୁରନ୍ତ ବାଦ ସମଗ୍ର ଦେଶର ବିଭିନ୍ନ ପେନ୍‌ସନଭୋଗୀ ସଂଘ ତଥା ସେମାନଙ୍କର ଜାତୀୟ ସମନ୍ୱୟ ସମିତି ସରକାରଙ୍କ ପାଖରେ ପ୍ରତିବାଦ ଜଣାଇବା ସହ ରାଜ୍ୟ ସଭାର ସଦସ୍ୟମାନେ ଏ ବିଷୟରେ ସରକାରଙ୍କୁ ପଚାରିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉତ୍ତର ଦେଇଛନ୍ତି, ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଯୋଗୁ ୨୦୨୬ରୁ ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନ ଉପରେ ଏହି ବିଲ୍‌ର କୌଣସି ପ୍ରଭାବ ପଡ଼ିବ ନାହିଁ। ଏଠି କହି ରଖିବା ଉଚିତ ହେବ ଯେ ଅଷ୍ଟମ ବେତନ ଆୟୋଗ ଗଠନକୁ ବାରମ୍ବାର ଟାଳି ଦେଉଥିବା କେନ୍ଦ୍ର ସରକାର ୧୬ ଜାନୁଆରୀ ୨୦୨୫ରେ ବେତନ ଆୟୋଗ ଗଠନକୁ ନେଇ ବିନା କ୍ୟାବିନେଟ ଅନୁମୋଦନରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଘୋଷଣା କଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ କିମ୍ବା ଅର୍ଥ ମନ୍ତ୍ରଣାଳୟ ତରଫରୁ କୌଣସି ଆନୁଷ୍ଠାନିକ ପ୍ରେସ୍ ଇସ୍ତାହାର ଏପର୍ଯ୍ୟନ୍ତ ଜାରି କରାଯାଇନାହିଁ। ବର୍ତ୍ତମାନ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ଅଷ୍ଟମ ବେତନ ଆୟୋଗ ଗଠନ ସମ୍ପର୍କିତ ରାଜପତ୍ର ବିଜ୍ଞପ୍ତି ପ୍ରକାଶନକୁ ଅପେକ୍ଷା।





ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ପ୍ରଶ୍ନ ଉଠେ ଯଦି ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ଦିନଠାରୁ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ କୌଣସି ପାତରଅନ୍ତର ସୃଷ୍ଟିହେବାର ନାହିଁ, ତେବେ ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ଏଭଳି ବୈଧକରଣର କି ଆବଶ୍ୟକତା ଥିଲା ? ପେନ୍‌ସନ ନୀତିକୁ ନେଇ ସରକାରଙ୍କର ଆଉ କିଛି ଗୁପ୍ତ କାର୍ଯ୍ୟସୂଚୀ ନାହିଁ ତ ? କାରଣ ରାଜକୋଷ ଉପରେ ଆର୍ଥିକ ବୋଝର ଦ୍ୱାହି ଦେଇ ସରକାର କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ଉପରେ ଯଥେଷ୍ଟ ଦାଉ ସାଧୁଛନ୍ତି। ଏହାର ଉଦାହରଣ ହେଉଛି ଓପିଏସ୍‌ରୁ ଏନ୍‌ପିଏସ୍ (୨୦୦୪) ଏବଂ ପରେ ୟୁପିଏସ୍ (୨୦୨୫)। ଆନୁଷ୍ଠାନିକ ଭାବେ ୟୁପିଏସ୍ ଲାଗୁ ହେବା ପୂର୍ବରୁ ଏବଂ ଏନ୍‌ପିଏସ୍ ଉପଭୋକ୍ତାଗଣ ଏନ୍‌ପିଏସ୍‌ରେ ରହିବେ କି ୟୁପିଏସ୍‌କୁ ଯିବା ପାଇଁ ମତବ୍ୟକ୍ତ କରିବାକୁ ଦ୍ୱନ୍ଦ୍ୱରେ ଥିବାବେଳେ, ବେତନ ଆୟୋଗଙ୍କ ସୁପାରିସ ଓ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ ପ୍ରଭେଦ ସୃଷ୍ଟିର ଉଦ୍ୟମ କର୍ମଚାରୀଙ୍କ ଆଶଙ୍କାକୁ ଦୃଢ଼ୀଭୂତ କରୁଛି।

ସରକାରଙ୍କ ସ୍ପଷ୍ଟୀକରଣ ଓ ବିଜ୍ଞପ୍ତିକୁ ଅପେକ୍ଷା କରିବା ବ୍ୟତୀତ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କର ଅନ୍ୟ କୌଣସି ଉପାୟ ନାହିଁ କିମ୍ବା ସେମାନଙ୍କ ସହ ପୂର୍ବରୁ ବାରମ୍ବାର ଯେଭଳି ଘଟଣାମାନ ଘଟିଛି, ସରକାର ଯେ ନିଜର ପ୍ରତିଶ୍ରୁତି ଠିକ ଠାକ ପାଳନ କରିବେ ସେ ବିଶ୍ୱାସ ବି ନାହିଁ। ଲିଖିତ ପ୍ରତିଶ୍ରୁତି ବି ଅଚାନକ ବଦଳିଯାଉଛି। ସେହିଭଳି କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଆୟୋଗ ସୁପାରିସ କରିଥିବା ସର୍ବନିମ୍ନ ବେତନକୁ ୧୮୦୦୦ରୁ ୨୬୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ ଜୁଲାଇ ୨୦୧୬ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ହେବ ବୋଲି କର୍ମଚାରୀମାନେ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଦେଲେ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୬ ଜୁଲାଇ ୨୦୧୬ରେ ପ୍ରେସ୍ ଇସ୍ତାହାର ଜାରି କରି ଏକ ଉଚ୍ଚସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ଚାରି ମାସ ଭିତରେ ନିଷ୍ପତ୍ତି ନେବା ପାଇଁ ଘୋଷଣା କଲେ। ସେ ସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ଯେ ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ। ଇତିମଧ୍ୟରେ, ୪ ମାସ ଯାଇ କାଲି ଭଳି ନଅ ବର୍ଷ ପୂରିଯିବ ଏବଂ ଅଷ୍ଟମ ବେତନ ଆୟୋଗର ଗଠନ ପାଇଁ ଘୋଷଣା ସରିଗଲା ପଛେ, ଉଚ୍ଚସ୍ତରୀୟ କମିଟି ଗଠନ ତ ଦୂରର କଥା, ଏଯାଏ ସରକାର କର୍ମଚାରୀଙ୍କର କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏକ ନିର୍ବାଚିତ ସରକାର ନିଜେ ନିଜର ଲିଖିତ ପ୍ରତିଶ୍ରୁତିକୁ ଅବମାନନା କରିବା ଗଣତନ୍ତ୍ର ପ୍ରତି ଏକ କଠୋର ଉପହାସ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ବିତ୍ତ ବିଧେୟକ ୨୦୨୫କୁ ନେଇ ଏବେ ସରକାର ଯେଉଁ ସ୍ପଷ୍ଟୀକରଣ ଦେଇ ବିଜ୍ଞପ୍ତି ଜାରିକରିବା କଥା କହୁଛନ୍ତି, ସେସବୁ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ସ୍ୱାର୍ଥକୁ କେତେ ସୁରକ୍ଷିତ ରଖିବ, ସମୟ କହିବ।

ମୋ: ୯୪୩୭୦୨୨୬୬୯

## ପାଠକ ଶ୍ରେଷ୍ଠ ବିଚାରକ

### ବିଭାଜନ ନୀତି ଗ୍ରହଣୀୟ ନୁହେଁ

ମହାଶୟ,

ଏକତା ହିଁ ବଳ। ଏକଥା ସର୍ବଜନବିଦିତ। ଆମେ ସମସ୍ତେ ଭାରତର ସନ୍ତାନ। ଏହାର ଗୌରବ ଓ ଅଖଣ୍ଡତାକୁ ବଜାୟ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ହେଲେ ଅନେକ ଭାରତ ବିପକ୍ଷବାଦୀ ଓ ବାହାର ରାଷ୍ଟ୍ରର କେତେକ ନେତା ଈର୍ଷାନ୍ୱିତ ହୋଇ ଏହାକୁ ବିଭାଜିତ କରିବା ପାଇଁ ନାନାଦି ଦୁରଭିସନ୍ଧିମୂଳକ ଅନ୍ତର୍ଘାତୀ କାର୍ଯ୍ୟମାନ ଚଳାଇଥାନ୍ତି। ସେହିଭଳି ଭାରତଠାରୁ ଅଲଗା ହେବା ପରେ ପାକିସ୍ତାନରେ କେତେକ ଅସନ୍ତୁଷ୍ଟ ଗୋଷ୍ଠୀ ବେଲୁଚିସ୍ଥାନ ସୃଷ୍ଟି ପାଇଁ ପ୍ରଚେଷ୍ଟା ଚଳାଇଛନ୍ତି, ଯାହାଫଳରେ ସେଠାରେ ଖରାପ ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ଆମ ଓଡ଼ିଶାକୁ ଉତ୍କଳ, କଳିଙ୍ଗ ଓ କୋଶଳ ରାଜ୍ୟ କରି ବିଭାଜିତ କରିବା ଆଦୌ ଶୋଭନୀୟ ନୁହେଁ। ଓଡ଼ିଶା ଆମର ଛୋଟ ରାଜ୍ୟ ହେଲେ ତା'ର ମହିମା ଓ ଗରିମାର ପଟାନ୍ତର ନାହିଁ। ଅବଶ୍ୟ ବର୍ତ୍ତମାନ ଅନେକ ବିକାଶମୂଳକ କାର୍ଯ୍ୟ ଗ୍ରହଣ କରାଯାଉଛି। ତଥାପି ଅନେକ ଜିଲାରେ ବିକାଶ ଅପହଞ୍ଚ ଅଛି। ଏହି ପରିପ୍ରେକ୍ଷୀରେ ରାଜନେତା ଓ ବିଜ୍ଞ ବୁଦ୍ଧିଜୀବୀମାନେ ରାଜ୍ୟ ତଥା କେନ୍ଦ୍ର ସରକାରଠାରେ ଚାପ ପକାଇ କାର୍ଯ୍ୟ ହାସଲ କରିବା ଉପଯୁକ୍ତ ମନେହୁଏ। ନଚେତ୍ ପରକୁ ମାନ କରି ଖପରାରେ ଖାଇବା ନ୍ୟାୟ ଭଳି ପ୍ରତ୍ୟୟମାନ ହେବ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋକୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

DSPL-10

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପ ପ୍ରକଳ୍ପଗୁଡ଼ିକର
# ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ପ୍ରଶାନ୍ତ ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ**
ବିଧାୟକ, ଜଟଣୀ

## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

- ବରୁଣ ବେଭରେଜେସ ଲିମିଟେଡ୍
  ମଲିପଡା, ଖୋର୍ଦ୍ଧା
- ଟ୍ରାଇମେଟ୍ରୋ ଗାରମେଣ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏପିକ ଗ୍ରୁପ କମ୍ପନୀ)
  କାଳିବେଡୀ, ଖୋର୍ଦ୍ଧା
- ନେସ୍‌ଲେ ଇଣ୍ଡିଆ ଲିମିଟେଡ୍
  ମୁଣ୍ଡାଆମ୍ବ, ଖୋର୍ଦ୍ଧା
- ଦୀନଦୟାଲ କର୍ମଚାରୀ ଆବାସ ଯୋଜନା ଅନ୍ତର୍ଗତ ଶ୍ରମିକ ଆବାସ ଗୃହ
  କାଳିବେଡୀ, ଖୋର୍ଦ୍ଧା
- ମିନୁ କ୍ରିଏସନ୍ ଏଲ୍ ଏଲ୍ ପି
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଗୋଲ୍ଡେନ୍ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ସୋନୁ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ପୂଜା ଇଣ୍ଟରନ୍ୟାସନାଲ
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ବି ଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ରେନ୍‌ବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଜୁପିଟର୍ ଟାଟ୍ରାଭଗୋଙ୍କା ରେଲହୁଇଲ୍ ଫ୍ୟାକ୍ଟ୍ରୀ ପ୍ରାଇଭେଟ୍ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ଶାଲିମାର ଗ୍ଲାସ୍ ୱାର୍କ୍ସ ପ୍ରାଇଭେଟ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ପଲିମିରୋର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଆଇ ଏଫ୍ ଜି ଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍
  ଖଜୁରିଆ, ଖୋର୍ଦ୍ଧା

**୩ ଅପ୍ରେଲ ୨୦୨୫ (ଗୁରୁବାର) । ଦିବା ୧୦ ଘଟିକା । ଖୋର୍ଦ୍ଧା, ଓଡ଼ିଶା**

OIPR-14005/13/0050/2425

ଶିଳ୍ପ ବିଭାଗ, ଓଡ଼ିଶା ସରକାର

## ବିଦ୍ୟାଳୟରେ ଖଡ଼ିଛୁଆଁ କରାଇଲେ ବିଧାୟକ

ବାସୁଦେବପୁର,୨।୪ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୁଧବାର ପୂର୍ବାହ୍ନରେ ବିଧାୟକ ଅଶୋକ କୁମାର ଦାସ ପୌରପାଳିକାର ତେନ୍ତୁଳିଆ ପ୍ରାଥମିକ ବିଦ୍ୟାଳୟ ଓ ସଂଲଗ୍ନ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ଖଡ଼ିଛୁଆଁଇ ଶିକ୍ଷାରମ୍ଭ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ କମିଟି ସଭାପତି ସୂର୍ଯ୍ୟକାନ୍ତ ମଲିକ, ୱାର୍ଡର କାଉନସିଲର ଆରତୀ ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦାସ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା

ବାସୁଦେବପୁର,୨।୪(ନାରାୟଣ ପ୍ରସାଦ ବାରିକ୍)

ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ପ୍ରତିବାଦରେ ବାସୁଦେବପୁର ବ୍ଲକ ଓ ନଗର କଂଗ୍ରେସ କମିଟିପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ୭ଟାରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ କଂଗ୍ରେସ କର୍ମକର୍ତ୍ତା, ସମର୍ଥକ ବାସୁଦେବପୁର ବଜାରସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ନାରୀମାନଙ୍କ ସୁରକ୍ଷା ଦାବି କରିଥିଲେ।

# ରାସ୍ତାରେ କ୍ଷୀର ଢାଳିଲେ ଚାଷୀ

### ଉଚିତ୍ ମୂଲ୍ୟ ମିଳୁନି

ଚାନ୍ଦବାଲି,୨।୪ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସିରେ ଥିବା ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଆଗରେ ଗୋପାଳକମାନେ କ୍ଷୀର ଢାଳିଛନ୍ତି। ଦୁଗ୍ଧ ଉତ୍ପାଦ କେନ୍ଦ୍ରର କର୍ମଚାରୀମାନେ ଜାଣିଶୁଣି ନିମ୍ନମାନର ଦର୍ଶାଉଛନ୍ତି। ଫଳରେ ଚାଷୀ କ୍ଷୀର ଉଚିତ୍ ମୂଲ୍ୟ ପାଉ ନ ଥିବା ଅଭିଯୋଗ କରି ଏଭଳି ପ୍ରତିବାଦ କରିଛନ୍ତି।

ଅଭିଯୋଗ ମୁତାବକ, ସମବାୟ ସମିତି ପକ୍ଷରୁ ଲିଟର ପିଛା ମୂଲ୍ୟ ୩୦ରୁ ୩୨ ଟଙ୍କା ଦିଆଯାଉଛି, କିନ୍ତୁ ଏହି କ୍ଷୀର ବଜାରରେ ଓମ୍ଫେଡ ୫୪ ଟଙ୍କାରେ ବିକ୍ରି କରୁଛି। ଏଥିପାଇଁ ଚାଷୀମାନେ ବାରମ୍ବାର ସମିତି ନିକଟରେ ମୂଲ୍ୟ ବଢ଼ାଇବାକୁ ଦାବି କରିଥିଲେ ମଧ୍ୟ ବାଲେଶ୍ୱର ଭଦ୍ରକ ଜିଲା ସମବାୟ ଦୁଗ୍ଧ ସମିତି ଗ୍ରହଣ କରୁନାହାନ୍ତି। ଚାନ୍ଦବାଲି ଦୁଗ୍ଧ ଉତ୍ପାଦ କେନ୍ଦ୍ରର କର୍ମଚାରୀମାନେ ଦୁଗ୍ଧକୁ ଜାଣି ଶୁଣି ନିମ୍ନମାନର ଦର୍ଶାଉଛନ୍ତି। ବୁଧବାର ଚାଷୀଙ୍କର ପ୍ରାୟ ୧ ହଜାର ଲିଟରରୁ ଊର୍ଦ୍ଧ୍ୱ କ୍ଷୀରକୁ ମାନ ଖରାପ ଦର୍ଶାଇ ନାକଚ କରାଯାଇଥିଲା। ଏଥିରେ



ଚାଷୀମାନେ କ୍ଷୀର ଢାଳୁଛନ୍ତି।

ଅସନ୍ତୋଷ ପ୍ରକାଶ କରି ଚାଷୀମାନେ ନିରାଶ ହୋଇ ରାସ୍ତାରେ ୧ହଜାର ଲିଟରରୁ ଊର୍ଦ୍ଧ୍ୱ କ୍ଷୀରକୁ ଢାଳିଛନ୍ତି। ଏ ନେଇ ଗୋପାଳକମାନେ ଚାନ୍ଦବାଲି ଥାନାରେ ଏକ ଏତଲା ଦେବା ସହିତ ସ୍ଥାନୀୟ ତହସିଲଦାରଙ୍କୁ ଏହାର ନକଲ ପ୍ରଦାନ କରିଛନ୍ତି। ନ୍ୟାୟ ନ ମିଳବା ପର୍ଯ୍ୟନ୍ତ ବିଏମ୍ସିକୁ ତାଲା ପକାଇ ରଖିବୁ, ଯଦି ଜବରଦସ୍ତ କରାଗଲେ ଆତ୍ମହତ୍ୟା କରିବେ ବୋଲି ଗୋପାଳକ ଇନ୍ଦ୍ରମଣି ବାରିକ, ଗୌତମ ମହାନ୍ତି, ଭାରତ ଦାସ, ଲମ୍ବୋଦର ନାୟକ, କୁମାରଜିତ ମହାରଣା ପ୍ରମୁଖ ଚାଷୀ ଲିଖିତ ଦାବି ଚେତାବନୀ ଦେଇଛନ୍ତି। ବିଏମ୍ସି ଭଦ୍ରକ ୟୁନିଟ ଇନ୍ଚାର୍ଜ ମଣିଭଦ୍ର ବେହେରା କହିଛନ୍ତି, ସରକାର ଦୁଗ୍ଧମାନ ସ୍ଥିର କରିଛନ୍ତି। ଏହି ମାନ ତଳକୁ କ୍ଷୀର ଗ୍ରହଣ କରାଯିବ ନାହିଁ ବୋଲି ସରକାର ସମସ୍ତ ମେମ୍ବରଙ୍କୁ ଚିଠି କରିଛନ୍ତି। ମାନ ପରୀକ୍ଷା ପରେ ୨ ସମିତିର ଅପମିଶ୍ରଣ କ୍ଷୀର ଫେରାଇ ଦେଇଥିଲୁ। ଅନ୍ୟ ୮ ସମିତି କ୍ଷୀର ଗ୍ରହଣ କରାଯାଇଛି। ଏ ନେଇ ବିଏମ୍ସି ପକ୍ଷରୁ ମଧ୍ୟ ଏତଲା ଦିଆଯାଇଛି। ଚାଷୀଙ୍କୁ ଡାକି ଆଲୋଚନା କରାଯିବ ବୋଲି କହିଛନ୍ତି।

## ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟ୍

ତିହିଡ଼ି,୨।୪ (ସଞ୍ଜିତ ବଳ)

### ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ

ତିହିଡି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ବଜାରରେ ଜଣେ ବ୍ୟକ୍ତିଙ୍କ ଘରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଓ ଛୁରି ଦେଖାଇ ଦମ୍ପତିଙ୍କୁ ଭୟଭୀତ କରି ନଗଦ ୩ ଲକ୍ଷ ଟଙ୍କା ଓ ପ୍ରାୟ ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ମାମଲା (ନଂ. ୮୪/୨୫) ରୁଜୁ କରି ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବାମନବିନ୍ଧା ପଞ୍ଚାୟତ ଅଧୀନ ବିଲବାମନବିନ୍ଧା ଗାଁର ଚିତ୍ତରଞ୍ଜନ ପାଢ଼ୀ ସାହାପୁର ବଜାରରେ ଘର କରି ରହୁଛନ୍ତି। ସୋମବାର ପରିବାର ଲୋକ ଶୋଇଥିବା ବେଳେ ବିଳମ୍ବିତ ରାତିରେ ମୁହଁରେ କଳା କପଡ଼ା ବାନ୍ଧିଥିବା ୬ ଜଣ ଦୁର୍ବୃତ୍ତ ଘରର ପଛପଟୁ ଏକ ଶିଡ଼ି ସହାୟତାରେ ଛାତକୁ ଚଢ଼ିବା ସହ ଶିଡ଼ିଘରର କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ। ଚିତ୍ତରଞ୍ଜନ ଓ ତାଙ୍କ ସ୍ତ୍ରୀ ଶୋଇଥିବା ଘରର କବାଟ ଖୋଲାଥିବାରୁ ଦୁର୍ବୃତ୍ତମାନେ ସେହି ଘରେ ପଶି ସେମାନଙ୍କ ମୁହଁକୁ କପଡ଼ାରେ ବାନ୍ଧି ଦେଇଥିଲେ। ପରେ ଉଭୟଙ୍କ ମୋବାଇଲକୁ ତଳେ କଚାଡ଼ି ଭାଙ୍ଗିଦେବା ସହ ଏକ ରଡ୍‌ରେ ଚିତ୍ତରଞ୍ଜନଙ୍କ ଗୋଡ଼କୁ ବାଡ଼େଇଥିଲେ। ଉଭୟଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ସେମାନେ ଆଲମାରି ଚାବିକାଠି ମାଗିଥିଲେ। ଡ୍ରେସିଂ ଟେବୁଲ ଡ୍ରୟାରରେ ଥିବା ଚାବିକାଠି ଆଣି ଆଲମାରୀରୁ ନଗଦ ୩ ଲକ୍ଷ ଟଙ୍କା ଓ ସୁନାଗହଣା ସହ ଶାନ୍ତିଲତା ପିନ୍ଧିଥିବା ସୁନା ଅଳଙ୍କାର ଲୁଟି ନେଇଥିଲେ। ପରେ ତାଙ୍କ ମା' ବାସନ୍ତୀ ପିନ୍ଧିଥିବା ସୁନା ଗହଣା ଲୁଟି ନେବା ସହ ସମସ୍ତଙ୍କୁ ଗୋଟିଏ ଘରେ ବନ୍ଦ କରି ଫେରାର ହୋଇଯାଇଥିଲେ। ପରେ ବାସନ୍ତୀ ମୋବାଇଲ ଯୋଗେ ଘଟଣା ସମ୍ପର୍କରେ ଗାଁରେ ରହୁଥିବା ଦେଢ଼ଶୁର ଓ ଦିଅରଙ୍କୁ ଫୋନ କରି ଜଣାଇବା ପରେ ସେମାନେ ଆସି କବାଟ ଖୋଲି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଚିତ୍ତରଞ୍ଜନ ରାତିରେ ଏ ସମ୍ପର୍କରେ ପୀରହାଟ ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

## ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଧାମନଗର,୨।୪
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ଓ ପ୍ରଥମ ସାଧାରଣ ପରିଷଦ ବୈଠକ ବୁଧବାର ପୂର୍ବାହ୍ନ ୧୧ଟାରେ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ନିର୍ବାଚନ ଅଧିକାରୀ ନିରାକାର ଜେନା ସମସ୍ତ ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ଶପଥ ପାଠ କରାଇଥିଲେ। ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାସ ଲଗାତାର ଭାବେ ତୃତୀୟ ଥର ସଭାପତି ଭାବେ ଶପଥ ନେଇଥିବା ବେଳେ ଉପସଭାପତି ପ୍ରଜ୍ଞା ପରମିତା ଦାଶ, ସାଧାରଣ ସମ୍ପାଦକ ରଣଜିତ କୁମାର ମହାନ୍ତି, ସହ ସମ୍ପାଦିକା ମିନତୀ ମଲ୍ଲିକ, କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର ଏବଂ କାର୍ଯ୍ୟକାରୀ ସଦସ୍ୟ ମନୋଜ କୁମାର ଗୁପ୍ତା ଓ ଶାନ୍ତନୁ ଦାଶ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତାମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସଂଘର ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ବିଜୟ କୁମାର ରାମ ଧନ୍ୟବାଦ ଦେଇଥିଲେ।



ଶପଥ ଗ୍ରହଣ ଉତ୍ସବରେ ଧାମନଗର ଓକିଲ ସଂଘର ନବ ନିର୍ବାଚିତ ପ୍ରତିନିଧିମାନେ।

## ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ




ଓଡ଼ିଶା ଦିବସରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୨।୪ (ସନାତନ ରାଉତ)

ଭଦ୍ରକ ଜିଲା ଶହୀଦ ସ୍ମୃତି ଭବନରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ୯୦ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ ଓଡ଼ିଶା ପ୍ରଦେଶ ଗଠନର ଇତିହାସ ଓ ଏଥିରେ ପ୍ରମୁଖ ଭୂମିକା ନେଇଥିବା ଶ୍ରେଷ୍ଠ ବିନ୍ଧାଣୀଙ୍କ ସ୍ମୃତିଚାରଣ, ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥିଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ମୁଖ୍ୟ ବକ୍ତାଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇଥିଲେ। ପୂର୍ବତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଞ୍ଚାଳନ କରିଥିଲେ।

## ସାମାଜିକ କର୍ମୀଙ୍କ ସ୍ମୃତିସଭା

ଧାମନଗର,୨।୪(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁରର ସାମାଜିକକର୍ମୀ ତଥା ଧର୍ମ ପରାୟଣ ବ୍ୟକ୍ତି ନିତ୍ୟାନନ୍ଦ ବେହେରାଙ୍କ ଏକାଦଶାହ ସ୍ମୃତିଚାରଣ ସଭା ମଙ୍ଗଳବାର ଦଳାଙ୍ଗସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି।

ଆନନ୍ଦପୁର ବ୍ଲକ୍‌ର ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତିଙ୍କ ସଂଚଳନାରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ମଲ୍ଲିକ, ସରପଞ୍ଚ ରଞ୍ଜିତ ନାୟକ, ସମିତିସଭ୍ୟ ସୁରେଶ ସେଠୀ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ନାୟକ, ଖବରଦାତା ପ୍ରଦୀପ ମହାପାତ୍ର, ପ୍ରଶାନ୍ତ ସାହୁ, ସରୋଜ ସେଠୀ, ପ୍ରତାପ ସାମଲ, ମାନସ ରାଉତ, ସୁଶାନ୍ତ ରାଉତ, ଶିକ୍ଷାବିତ୍ ବିଶ୍ୱନାଥ ନାୟକ, ମାନସ ସାହୁ, ରାଜ୍ୟ ଶିକ୍ଷକ ସଂଘର ସଚିବ ଚାରୁଲତା ମହାପାତ୍ର, ଜିଲା ସଂଘର ସମ୍ପାଦକ ସମୀର ଯେନା, ଜୟନ୍ତ ବିଶ୍ୱାଳ, ପ୍ରମୋଦ ରାଉତ, ନିରଞ୍ଜନ ପଣ୍ଡା, ଚିତ୍ରଭାନୁ ଦାଶ, ରୂପକ ମିଶ୍ର, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଅନିଲ ବଳ, ପ୍ରଦୀପ ଦାଶ,ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ବାରିକ, ଭାସ୍କର ଚନ୍ଦ୍ର ମହାପାତ୍ର, ତପନ ଦ୍ୱିବେଦୀ, ଜଗବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବେହେରାଙ୍କ ପୁତ୍ର ସନ୍ତୋଷ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ସୁକାନ୍ତ ବେହେରା, ପୁତ୍ରବଧୂ ସୁଭାଷିନୀ ବେହେରା, ପବିତ୍ରା ବେହେରା, ମିନତୀ ବେହେରା, ସଞ୍ଜୁଲତା ବେହେରା, ଝିଅ ସୁକାନ୍ତି ବେହେରା, ଜ୍ୱାଇଁ ନଟବର ଦଳାଇ ପରିଚାଳନା କରିଥିଲେ।




ସ୍ମୃତିସଭାରେ ଯୋଗଦେଇଥିବା ବ୍ୟକ୍ତିବିଶେଷ।

## ବୁଲିଲା ଶିକ୍ଷା ସଚେତନତା ରଥ

ତିହିଡି,୨।୪ (ସଞ୍ଜିତ ବଳ)

ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅବସରରେ ତିହିଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ଶିକ୍ଷା ସଚେତନତା ରଥ ପରିକ୍ରମା କରିଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ରଥ ପରିକ୍ରମା ଆରମ୍ଭ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ବ୍ଲକରେ ଥିବା ୧୯ଟି କ୍ଲଷ୍ଟର ପରିକ୍ରମା କରି ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ଜଣାପଡ଼ିଛି। ଅନ୍ୟତମ ଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ, ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଦାମୋଦର ଜେନା, ଲକ୍ଷ୍ମୀପ୍ରିୟା ମାଝୀ, ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣେଶ୍ୱରୀ ସାହୁ, ରଶ୍ମିରେଖା ସୂତାର, ବନଜ୍ୟୋତ୍ସ୍ନା ପରିଡ଼ା, ହିମାନୀ ମଲ୍ଲିକ, ପ୍ରଫୁଲ୍ଲ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ, ଶ୍ରୀନାଥ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ଶିବବ୍ରତ ମିଶ୍ର, ଦେବବ୍ରତ ଶତପଥୀ, ଚନ୍ଦନ ପାତ୍ର, କେଶବ ସାହୁ, ସସ୍ମିତା ମଞ୍ଜରୀ ନାୟକ, ସୁଶାନ୍ତ ସାହୁ, ଲକ୍ଷ୍ମୀକାନ୍ତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମିତି ସମ୍ପାଦିକା, ଧାନକ୍ରୟ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ତିହିଡ଼ି, ୨।୪ (ସଞ୍ଜିତ ବଳ)

### ଧାନକିଣାରେ ସଫଳତା

ତିହିଡି ବ୍ଲକ ସୟା ପଞ୍ଚାୟତସ୍ଥିତ ନିଶ୍ଚିନ୍ତପୁର ସମବାୟ ସମିତିକୁ ଚଳିତ ବର୍ଷ ଧାନକିଣାରେ ସଫଳତା ମିଳିଥିବାରୁ ପଞ୍ଚାୟତର ସରପଞ୍ଚ, ବୁଦ୍ଧିଜୀବି ଓ ଚାଷୀମାନଙ୍କ ପକ୍ଷରୁ ସମ୍ପାଦିକା ଓ ଧାନ କ୍ରୟ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବ ବର୍ଷ ମାନଙ୍କରେ ୧୦ହଜାର କୁଇଣ୍ଟାଲ ଲେଖାଏ ଧାନ କ୍ରୟ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ୬୪୨ଜଣ ଚାଷୀଙ୍କ ଠାରୁ ୩୧ ହଜାର ୭ ଶହ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସରପଞ୍ଚ, ସମିତିସଭ୍ୟ ଓ ଚାଷୀମାନଙ୍କ ପକ୍ଷରୁ ସମ୍ପାଦିକା ଗୀତାଞ୍ଜଳି ଦାସ ଓ କ୍ରୟ କମିଟିର ସଦସ୍ୟ ବିଜୟ ନାୟକ, ଶରତ ଲେଙ୍କା, ସୁବାସ ମଲିକ, ସୌମ୍ୟଗୋପାଳ ନାୟକ, ପ୍ରେମାନନ୍ଦ ନାୟକ, ଜୀବନ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀ, ସମିତିସଭ୍ୟାଙ୍କ ପ୍ରତିନିଧି ସୁକାନ୍ତ ବିଶ୍ୱାଳ, ରାଜକିଶୋର ନାୟକ, ଧୀରେନ୍ଦ୍ର ସେଠୀ, ଦାମୋଦର ମଲ୍ଲିକ, ଜଗବନ୍ଧୁ ମଲ୍ଲିକ, ଶ୍ରୀନାଥ ମଲିକ, ହୃଷିକେଶ ନାୟକ, ଅଶୋକ ବିଶ୍ୱାଳ, ଭାଗିରଥି ନାୟକ, ବାଳରାମ କବି, ଶିବପ୍ରସାଦ ନାୟକ, ବିଜୟ ପଣ୍ଡା, ଉତ୍ତମ ନାୟକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।



ଚାଷୀମାନେ ସମ୍ପାଦିକାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଗଡ଼ିଲା ଶିକ୍ଷା ସଚେତନତା ରଥ

ଚାନ୍ଦବାଲି,୨।୪ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳନ କରାଯିବା ସହ ଶିକ୍ଷା ସଚେତନତା ରଥ ପରିକ୍ରମା ଆରମ୍ଭ କରାଯାଇଛି। ମୁଖ୍ୟ ଅତିଥିଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପିଲାଙ୍କୁ ଅନୁଭୂତି ମୂଳକ ଆନନ୍ଦମୟ ଶିକ୍ଷଣ ପରିବେଶ ମଧ୍ୟରେ ଗୁଣାତ୍ମକ ଶିକ୍ଷା ଯୋଗାଇବା ସହ ଶିଶୁଙ୍କୁ ଆକୃଷ୍ଟ କରିବା ହିଁ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ମତପ୍ରକାଶ ପାଇଛି। ସ୍ଥାନୀୟ ସୋମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିକ୍ଷା ରଥକୁ ଉଦ୍‌ଘାଟନ କରାଯାଇଛି। ଚାନ୍ଦବାଲିର ୧୯ଟି କ୍ଲଷ୍ଟରକୁ ଏହା ୪ ଦିନ ବ୍ୟାପୀ ପରିଭ୍ରମଣ କରିବ। କାର୍ଯ୍ୟକ୍ରମରେ ଏବିଇଓ ଅନିତା ମିଶ୍ର, ତ୍ରିପୁରା ପଲାଇ, ସିଆର୍‌ସିସି ତପନ ସାହୁ, କାମାକ୍ଷା ପାତ୍ର ଓ ସୋମପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବଳ, ଦେବସ୍ମିତା ପରିଡ଼ା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ବାସୁଦେବପୁର(ନାରାୟଣ ପ୍ରସାଦ ବାରିକ୍): ବାସୁଦେବପୁର ବ୍ଲକ୍ ସୁଦର୍ଶନପୁର ପଞ୍ଚାୟତ ଅଧୀନ ଏସ୍ଏସ୍‌ଜେଏସ୍ (ସୁଦର୍ଶନପୁର, ସୁଆଁ, ଜଗନ୍ନାଥ, ସିଦ୍ଧେଶ୍ୱରୀ) ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବିଧାୟକ ଅଶୋକ କୁମାର ଦାସ,ଗ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ତନ୍ମିତା କର, ବିଇଓ ଜଗବନ୍ଧୁ ସାହୁ, ସରପଞ୍ଚ ଚନ୍ଦ୍ରକାନ୍ତ ମଲିକ, ସମିତିସଭ୍ୟ ଦୈତାରୀ ସେଠୀ, ଯୁବ ସାମାଜିକକର୍ମୀ ଉଦୟ ନାରାୟଣ ମଲିକ, ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ମିଶ୍ର, ସିଆର୍‌ସିସି ସନ୍ତୋଷ ନାୟକ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରଥ ବୁଧବାରଠାରୁ ବିଭିନ୍ନ ଗ୍ରାମ ଅଞ୍ଚଳ ପରିକ୍ରମା କରି ଶିକ୍ଷା ସଚେତନତା ସୃଷ୍ଟି କରିବା ସହ ଉପସ୍ଥାନ ବୃଦ୍ଧି ପାଇଁ ଅଭିଭାବକ, ଗ୍ରାମବାସୀଙ୍କୁ ସଚେତନ କରାଇବ।



ବାସୁଦେବପୁରରେ ଅତିଥିମାନେ ଶିକ୍ଷା ରଥକୁ ଶୁଭାରମ୍ଭ କରୁଛନ୍ତି।

## ଜିଲାସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ

ଭଦ୍ରକ,୨।୪(ରବିନାରାୟଣ ଖିଲାର)

ଭଦ୍ରକ ଜିଲାସ୍ତରୀୟ ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡିସିଓ ପବିତ୍ର ଦାସ, ଜିଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରବେଶ ଉତ୍ସବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ଶିକ୍ଷାନୀତି ପ୍ରଣୟନ ଅନୁଯାୟୀ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଏହି ଖଡ଼ିଛୁଆଁ ଉତ୍ସବ ଆରମ୍ଭ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ସଡ଼କ ଦୁର୍ଘଟଣାରେ ଜଣେ ମୃତ**

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନଂ. ଜାତୀୟ ରାଜପଥ କଣ୍ଡରାଠାରେ ମଙ୍ଗଳବାର ରାତି ପ୍ରାୟ ୯ଟା ୩୦ରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ କଣ୍ଡରା ଅଞ୍ଚଳର ମନୋଜ ନାଏକ(୪୦)। ସେ ରାସ୍ତା ପାରି ହେଉଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ଘଟଣାସ୍ଥଳରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଯୋଡ଼ା ପୋଲିସ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## କେନ୍ଦୁଝର

## ସଂକ୍ଷେପରେ

### ଓଡ଼ିଶା ଦିବସରେ ରକ୍ତଦାନ ଶିବିର

ଛେନାପଦି,୨।୪(ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଦ୍ୟାଳୟର ପ୍ରତିଷ୍ଠାତା ଉଦୟନାଥ କରଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୮ମ ବାର୍ଷିକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଭାଜପା ନେତା ଆଲୋକ ସେଠୀ ଉଦ୍‌ଘାଟନ କରିଥିବା ବେଳେ ଏମ୍‌ପି ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ନାରୀନେତ୍ରୀ ମିନତୀ ମହାପାତ୍ର ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମୋଟ ୧୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଅଂଶୁଘାତରେ ପୂଜକଙ୍କ ମୃତ୍ୟୁ ସନ୍ଦେହ

ଆନନ୍ଦପୁର,୨।୪(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଶାସଙ୍ଗ ଗ୍ରାମରେ ବୁଧବାର ଅଂଶୁଘାତରେ ଜଣେ ପୂଜକଙ୍କ ମୃତ୍ୟୁ ଘଟିଛି। ମୃତକ ଆନନ୍ଦପୁର ଥାନା କଣ୍ଟିଆଡି ଗ୍ରାମର ଭାଗୀରଥି ଦେହୁରୀ(୮୨)। ମଙ୍ଗଳାପର୍ବର କଳସ ବିସର୍ଜନ ସାରି ଫେରିବା ବେଳେ ସେ ଟଳି ପଡ଼ିଥିଲେ। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଚଣ୍ଡ ରୌଦ୍ରତାପ ସମୟରେ ଘଟଣା ଘଟିଥିବାରୁ ପରିବାର ଲୋକେ ଅଂଶୁଘାତରେ ମୃତ୍ୟୁ ସନ୍ଦେହ କରି ଅଭିଯୋଗ କରିଛନ୍ତି। ନନ୍ଦିପଦା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଛି।

### ସମାଜ ମଙ୍ଗଳ ପାଇଁ ସମୂହ ନମାଜ ପାଠ

କେନ୍ଦୁଝର,୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଇଦ୍ ଉଲ୍ ଫିତର ପର୍ବ ଅବସରରେ ଦୀର୍ଘ ଗୋଟେ ମାସ କେନ୍ଦୁଝରର ମୁସଲିମ ସମ୍ପ୍ରଦାୟର ଭାଇମାନେ ଉପବାସ (ରୋଜା) ରଖିବା ପରେ ସୋମବାର ଚନ୍ଦ୍ର ଦେଖି ଇଦ୍ ପର୍ବ ପାଳନ କରିଛନ୍ତି। ପର୍ବରେ ସମସ୍ତେ ନୂଆ ବସ୍ତ୍ର ପିନ୍ଧି ମସଜିଦରେ ସମାଜ ମଙ୍ଗଳ ପାଇଁ ସମୂହ ନମାଜ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଗୁଲାମ ସର୍ଓ, ଏମ୍‌ଡି ସୌକଟ, ମୁନା ଶର୍ମା, ଶେଖ ତୌହିଦ, ଲମ୍ବୋଦର ମହାନ୍ତ, ଆର୍ବାଜ ଅଲି, ଏମ୍‌ଡି ୱାସିମ, ନର୍ ମହମ୍ମଦ, ତଳିଫ ରାଜା, ଏମ୍‌ଡି ସହ୍ଵାଜ, ଏମ୍‌ଡି ଆରିଫ ଅଂଶ ଗ୍ରହଣ କରିଥିଲେ।

# କେନ୍ଦୁଝରରେ ଖୋଲିବ ପଣସ କାଫେ

- ପଣସ ମିଶନରେ ମହିଳାଙ୍କୁ ତାଲିମ୍
- ପଣସରେ ପ୍ରସ୍ତୁତ ଖାଦ୍ୟ ମିଳିବ

କେନ୍ଦୁଝର,୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତଥା ଜିଲା ବାହାରେ ପଣସର ଚାହିଦା ଦିନକୁ ଦିନ ବଢ଼ୁଛି। ଆଜିକାଲି କଞ୍ଚା ପଣସ (କଠା)ର ଚାହିଦା ଅଧିକ ରହିଛି। ଏଣୁ ବନବାସୀ, ଚାଷୀ କଞ୍ଚା ପଣସକୁ ତୋଳି ଆଣି ହାଟ ବଜାରରେ ବିକ୍ରି କରିଥାନ୍ତି। ପ୍ରଥମେ ଗୋଟା ୧୦୦ ଟଙ୍କାରେ ବିକ୍ରି ହେଉଥିଲା, ଏବେ ଗୋଟା ୨୦ରୁ ୩୦ ଟଙ୍କା ସାଇଜ୍ ଅନୁସାରେ ବିକ୍ରି ହେଉଛି। ପଣସର ସଦୁପଯୋଗ ସହ ଅଭାବୀ ବିକ୍ରି ରୋକିବା ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ପଣସ ମିଶନ ଆରମ୍ଭ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦୁଝର ଗସ୍ତ ସମୟରେ ଉଦ୍‌ଘାଟନ କରିଥିଲେ। ଏହାକୁ କାର୍ଯ୍ୟକ୍ଷମ କରିବାକୁ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ହିଙ୍ଗୁଳା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ବୁଧବାର ଜିଲା ପ୍ରଶାସନ ସହିତ ଚୁକ୍ତି କରିଛି।

ପ୍ରକାଶ ଯେ, ଉଦ୍ୟାନ ବିଭାଗ ପକ୍ଷରୁ ବାଂଶପାଳ ବ୍ଲକ୍‌ର କୁଆଁରଠାରେ ୩ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ଏକ ପଣସ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବାକୁ ହିଙ୍ଗୁଳା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ମହିଳା ଗୋଷ୍ଠୀଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ଉପରେ ତାଲିମ ଦେବା ସହ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି ପାଇଁ ବଜାର ବ୍ୟବସ୍ଥା କରିବ। ଏଠାରେ ପଣସ କଠାରୁ ଚିପ୍ସ, ଜୁସ୍, ଆଚାର, ମଞ୍ଜିରୁ ଅଟା ଏବଂ ଆଚାର ଆଦି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ହେବ। ସେହିପରି କେନ୍ଦୁଝର ସମେତ ଅନ୍ୟାନ୍ୟ ସହର, ଜିଲାରେ ପଣସରୁ ପ୍ରସ୍ତୁତ ଖାଦ୍ୟ ବିକ୍ରି କରିବାକୁ ମାଣ୍ଡିଆ କାଫେ ଭଳି କିଓସ୍କ ଖୋଲାଯିବ। ଯେଉଁଠି ପଣସରୁ ପ୍ରସ୍ତୁତ ସ୍ୱାଦିଷ୍ଟ ଜଳଖିଆ ଯଥା ପଣସ ଉପମା, ବିଭିନ୍ନ ପ୍ରକାର ଫାଷ୍ଟ ଫୁଡ୍ ଆଦି ପ୍ରସ୍ତୁତ ହୋଇ ପାରିବ ବୋଲି କେନ୍ଦୁଝର ଜିଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ପାଚିଲା ପଣସରୁ ପାନୀୟ, ପଣସ କୋଲା ପ୍ରସ୍ତୁତ କରାଯାଇପାରିବ। କେନ୍ଦୁଝର ଜିଲାର ଜଳବାୟୁ ଓ ମାଟି ପଣସ ଚାଷ ପାଇଁ ଉତ୍କୃଷ୍ଟ। ତେଣୁ କାର୍ଯ୍ୟକ୍ରମକୁ ଦୀର୍ଘମିଆଦୀ କରିବାକୁ ବର୍ଷତମାମ ଅର୍ଥାତ କିଭଳି ବର୍ଷରେ ୨ ଥର ଚାଷ କରି ପଣସ ଉତ୍ପାଦନ କରିହେବ, ସେ ନେଇ ମଧ୍ୟ ଚାଷୀଙ୍କୁ ତାଲିମ କରାଯିବ ବୋଲି ସୂଚନା ମିଳିଛି। ଏହାଦ୍ୱାରା ବହୁ ଲୋକ କର୍ମନିଯୁକ୍ତି ସୁଯୋଗ ପାଇବେ। ଏଥିସହ ଲୋକଙ୍କୁ ସାଦିଷ୍ଟ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇ ଦିଆଯିବ। ଏ ନେଇ ପରବର୍ତ୍ତୀ ସମୟରେ ଆମ୍ବ, ଅମୃତଭଣ୍ଡା, ପିଜୁଳି ଭଳି ଫଳର ପ୍ରକ୍ରିୟାକରଣ କରିବା ସହ ଖାଦ୍ୟ ପ୍ରସ୍ତୁତ ଲକ୍ଷ୍ୟ ରଖାଯାଇଛି ବୋଲି ପାଣିଗ୍ରାହୀ କହିଛନ୍ତି। ସେହିପରି ଆମ୍ବରୁ ମଧ୍ୟ ଆଚାର, ଜୁସ୍ ସହିତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ତିଆରି ହେବ।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲାର ବାଂଶପାଳ, ସଦର ହରିଚନ୍ଦନପୁର, ତେଲକୋଇ, ଘଟଗାଁ, ପାଟଣା, ଯୋଡ଼ା ଆଦି ବ୍ଲକ୍‌ରେ ପ୍ରଚୁର ପଣସ ସହିତ ଅନ୍ୟାନ୍ୟ ଫଳ ଉତ୍ପାଦନ ହୋଇଥାଏ। କେନ୍ଦୁଝରରୁ ପଣସ କଠା ବାହାର ରାଜ୍ୟକୁ ଚାଲାଣ ହେଉଥିବାରୁ ଏହି ମିଶନ ପରେ ବନବାସୀ ତଥା ଚାଷୀମାନେ ଉଚିତ୍ ମୂଲ୍ୟ ପାଇପାରିବେ।

### ଲକ୍ଷ୍ମୀନାରାୟଣ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମଞ୍ଚାସୀନ ଅତିଥିମାନେ।

ଢେଙ୍କିକୋଟ,୨।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁରସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନ ୫ଟାରେ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନିର୍ମଳ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଢେଙ୍କିକୋଟ୍ ସତ୍ୟନାରାୟଣ ବିଦ୍ୟାପୀଠର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଜୟଦେବ ପଣ୍ଡା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ବରିଷ୍ଠ କିରାଣୀ ମୁରଲିଧର ସିଂହ, ସମ୍ମାନୀୟ ଅତିଥି ରମେଶ ଚନ୍ଦ୍ର ମହାନ୍ତ, ପଇଡାପାଟଣା ସରପଞ୍ଚ ମୁକୁନ୍ଦ ମୁଣ୍ଡା, ପୂର୍ବତନ ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁଚରଣ ସାମଲ, ପାଟଣା ଖବରଦାତା ନୃସିଂହନାଥ ସିଂହ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ ସତପଥି ସଭା ପରିଚାଳନା କରିଥିଲେ। ଶିକ୍ଷକ ଟଙ୍କଧର ମହାନ୍ତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି କାର୍ଯ୍ୟ କରୁଛି'

କେନ୍ଦୁଝର,୨।୪(ଦୀପକ ମିଶ୍ର)

ଦେଶର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶାର ପ୍ରତିଷ୍ଠା ଦିବସ ଅବସରରେ କେନ୍ଦୁଝର ଜିଲା ବିଜୁ ଜନତା ଦଳ ତରଫରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟାଳୟଠାରେ ଥିବା ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ, ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡ଼କର୍, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଯାଇ ବିପ୍ଳବୀ ଧରଣୀଧର ନାଏକ, ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରୋଟାରୀ ଭବନଠାରେ ପୂର୍ବତନ ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଉତ୍କଳୀୟ ପରମ୍ପରା ସଂସ୍କୃତି, ବୀରତ୍ୱ ଗାଥା ଉପରେ ଏକ ଆଲୋଚନା ହୋଇଥିଲା। ଏଥିରେ ପୂର୍ବତନ ବିଜେଡି ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ନିରନ୍ତର ଭାବେ କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ, ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, କ୍ଷୀରୋଦ ନାଏକ, ପ୍ରଫୁଲ୍ଲ ନାଏକ, ସଦର ବ୍ଲକ୍ ବିଜେଡି ସଭାପତି ଚକ୍ରଧର ପରିଡ଼ା, ଝୁମ୍ପୁରା ସଭାପତି କପିଲ ଅନସାରୀ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କେନ୍ଦୁଝରଗଡ଼ ପୌରପାଳିକାର କାଉନ୍‌ସିଲର ଶରତ ସାହୁ, ଅବିନାଶ ମିଶ୍ର, ଭଗବାନ ନାଏକ, ବରିଷ୍ଠ ନେତା ରକ୍ଷାକର ସାହୁ, ଭରତଚନ୍ଦ୍ର ପାତ୍ର, ପୂର୍ବତନ କାଉନସିଲର ପରେଶ ପ୍ରଧାନ, ଆଶିଷ ଆଚାର୍ଯ୍ୟଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତାମାନେ ମାଲ୍ୟାର୍ପଣ କରୁଛନ୍ତି।

### ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ଆରମ୍ଭ

ଚମ୍ପୁଆ,୨।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଚିମିଳା ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶନୀ, ସୁଚିସ୍ମିତା ମିଶ୍ର, ବିଧାୟକ ପ୍ରତିନିଧି ଗଣେଷ ଖିଲାର, ସ୍ଥାନୀୟ ସରପଞ୍ଚ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଚମ୍ପୁଆ ବ୍ଲକ୍ ଶିକ୍ଷାଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ବୈଠକରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସମେତ କୁନିକୁନି ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ରଥକୁ ଉପସ୍ଥିତ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

### ରାସ୍ତାରେ ଲହଡ଼ି ଭାଙ୍ଗିଲା ବର୍ଷାପାଣି



ବଡ଼ବିଲ ସହର ମୁଖ୍ୟ ବଜାର ରାସ୍ତା ଉପରେ ବର୍ଷା ପାଣି ଲହଡ଼ି ମାରୁଛି।

ବଡ଼ବିଲ,୨।୪ (ଦେବପ୍ରିୟ ରଣା)

**ବଡ଼ବିଲରେ କାଳବୈଶାଖୀ ତାଣ୍ଡବ**

କେନ୍ଦୁଝର ଜିଲା ବଡ଼ବିଲରେ ବୁଧବାର ଅପରାହ୍ନରେ କାଳ ବୈଶାଖୀ ତାଣ୍ଡବ ରଚିଛି। ପ୍ରଭାବରେ ପ୍ରବଳ ବର୍ଷା ହୋଇଥିବା ବେଳେ ଅପରାହ୍ନ ପ୍ରାୟ ଗୋଟାଏରୁ ସହରର ସର୍ବତ୍ର ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଯାଇଛି। ସହରର ମୁଖ୍ୟ ବଜାର ରାସ୍ତାକଡ଼ରେ ଥିବା ଅବ୍ୟବସ୍ଥିତ ଡ୍ରେନ୍ ଯୋଗୁ ବର୍ଷାପାଣି ରାସ୍ତା ଉପରେ ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମୟୂରଭଞ୍ଜ

### ଏକାଧିକ ମାମଲାରେ ଜଡ଼ିତ ଅଭିଯୁକ୍ତ ଗିରଫ



ମୋରଡ଼ା,୨।୪(ସ୍ମାରକ ମାଜୀ)

ଏକାଧିକ ମାମଲାରେ ଜଡିତ ଜଣେ ଯୁବକଙ୍କୁ ରାସଗୋବିନ୍ଦପୁର ପୋଲିସ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ବୃନ୍ଦଭାଟି ଗ୍ରାମର ଅସୀତ କାମିଲିଆ। ସୂଚନା ମୁତାବକ, ଗତ ମାର୍ଚ୍ଚ ୩୦ ତାରିଖ ରାତି ୧୨ଟା ସମୟରେ ଅସୀତ ଏକ ଆପାଚି ବାଇକ୍‌ରେ ଆସି ରାସଗୋବିନ୍ଦପୁର ଥାନା ଅଧୀନ ପାଣିଶୋଳ ଗ୍ରାମର ରାଇବାରୀ ମୁର୍ମୁଙ୍କ ଘରେ ପଶିଥିଲେ। ଏହା ଜାଣିପାରି ରାଇବାରୀ ପାଟି କରିବାରୁ ଅସୀତ ଚମ୍ପଟ ମାରିଥିଲେ। ସ୍ଥାନୀୟ ଗ୍ରାମବାସୀ ଅସୀତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଘଟଣା ବାବଦରେ ରାଇବାରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅସୀତଙ୍କ ନାମରେ ବାଲେଶ୍ୱର, ସହଦେବଖୁଣ୍ଟା, ମୋରଡ଼ା, ବୈଶିଙ୍ଗା ଓ ବେତନଟୀ ଥାନାରେ ଛିନତାଇ,ଚୋରି ଭଳି ଏକାଧିକ ମାମଲା ରହିଛି।

### ୭ରୁ ସକାଳୁଆ କୋର୍ଟ

ବାରିପଦା,୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସମସ୍ତ ଜିଲା ଓ ଅଧସ୍ତନ ଅଦାଲତଗୁଡ଼ିକ ଆସନ୍ତା ୭ ତାରିଖରୁ ସକାଳିଆ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ରେଜିଷ୍ଟ୍ରାରଙ୍କ ସିଭିଲ କୋର୍ଟ ବାରିପଦାଙ୍କ ପତ୍ର ସଂଖ୍ୟା ୨୮୦୦/୨୯।୩।୨୦୨୫ ଅନୁଯାୟୀ ସକାଳ ୭ଟାରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଗ୍ରୀଷ୍ମ ଅବକାଶ ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରି ହେବ ବୋଲି ସୂଚନା ମିଳିଛି।

# ଗଡ଼ିଲା ଶିକ୍ଷା ସଚେତନତା ରଥ

**ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ**



ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ବାରିପଦା,୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସମଗ୍ର ଶିକ୍ଷା ମୟୂରଭଞ୍ଜ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। ଶୁଳିଆପଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ଢେଙ୍କିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ମାନ୍ୟବର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସମାରୋହକୁ ଉଦଘାଟନ କରିବା ସହ ପ୍ରତ୍ୟେକ ଶିଶୁର ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ନିମନ୍ତେ ସରକାର ସଂକଳ୍ପବଦ୍ଧ ଏବଂ ସମସ୍ତଙ୍କୁ ଶିକ୍ଷା ସ୍ରୋତରେ ସାମିଲ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ ହେମକାନ୍ତ ସୟ, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଶୁଳିଆପଦା ବିଡିଓ ଅନୁପମା ଘୋଷ, ତହସିଲଦାର ନାରାୟଣ ହେମ୍ବ୍ରମ, ବିଇଓ ମାଳତୀ ଗୁଡୁ, ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ମେମ୍ବର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓ ଜିଲାପାଳ ୪୦ ଜଣ ଶିଶୁଙ୍କର ଖଡ଼ିଛୁଆଁ କରାଇଥିଲେ।

### ରାଇକମା ଆଶ୍ରମ ବିଦ୍ୟାଳୟରେ ଖଡ଼ିଛୁଆଁ,ପ୍ରବେଶ ଉତ୍ସବ

ବୈଶିଙ୍ଗା,୨।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସପନା ସିଂ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଗଣ ଏବଂ ଅଭିଭାବକମାନେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ବିଦ୍ୟାଦାତା ପ୍ରଭୁ ଗଣନାଥ ଓ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଶିଶୁ ବାଟିକାରେ ୫ଜଣ ଶିଶୁଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ସେହିଭଳି ପ୍ରଥମ ଶ୍ରେଣୀରେ ୧୫ ଜଣ ପିଲାଙ୍କ ନାମ ଲେଖାଯାଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବହି ଓ ବିଦ୍ୟାଳୟ ତରଫରୁ ହସ୍ତାକ୍ଷର ଖାତା, ପେନ୍ସିଲ, ରବର, ଚକୋଲେଟ ବଣ୍ଟନ କରାଯାଇଥିଲା। ବିଭିନ୍ନ ଷ୍ଟଲରେ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ବିଭିନ୍ନ ଖେଳନା ମାଧ୍ୟମରେ ଶିକ୍ଷଣ କାର୍ଯ୍ୟ କରି ବିଦ୍ୟାଳୟ ପ୍ରତି କୁନିକୁନି ପିଲାମାନଙ୍କୁ ଆକର୍ଷିତ କରିବା ପାଇଁ ବ୍ୟବସ୍ଥା କରିଥିଲେ।



ପିଲାମାନଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯାଉଛି।

# ଉଡ଼ାପର୍ବକୁ ନେଇ ଅନିଶ୍ଚିତତା

ବାରିପଦା,୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଭକ୍ତାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦାରେ ଚୈତ୍ର ପର୍ବ ଉପଲକ୍ଷେ ଭକ୍ତାଙ୍କ ଦ୍ୱାରା ଉଡ଼ାପର୍ବ ପାଳନକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ୨ ବର୍ଷ ଧରି ଭକ୍ତାମାନଙ୍କ ବିଭିନ୍ନ ଦାବିକୁ ଜିଲା ପ୍ରଶାସନ ପୂରଣ କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ଭକ୍ତାମାନେ ୫ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଉଡ଼ାପର୍ବ ଲାଗି ଜିଲା ପ୍ରଶାସନ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବା, ଉତ୍ତର ସାହି ଓ ଦକ୍ଷିଣ ସାହିରେ ପଟିଧରା, ଡଲାଧରା ଓ ହାଣ୍ଡିଧରା ନୀତି କାର୍ଯ୍ୟ ପାଇଁ ୬ ଜଣ ଉଡ଼ା ସେବକ ନିୟୋଜିତ କରିବା, ପର୍ବ ଚାଲୁଥିବା ସମୟରେ ଭକ୍ତାମାନଙ୍କ ରହିବା ପାଇଁ ସ୍ୱତନ୍ତ୍ର ବାସସ୍ଥାନ ପ୍ରଦାନ କରିବା, ଦରଦାମର ଅହେତୁକ ଦରବୃଦ୍ଧି ପାଇଁ ଭକ୍ତାମାନଙ୍କୁ ପ୍ରଦାନ କରାଯାଉଥିବା ରାଶି ୨ ହଜାର ପରିବର୍ତ୍ତେ ୫ ହଜାର କରିବା, ମନ୍ଦିରରେ ହେଉଥିବା ପୂଜା ଖର୍ଚ୍ଚ ବୃଦ୍ଧି କରିବାକୁ ଉଲ୍ଲେଖ ରହିଛି। ୨୪ ଘଣ୍ଟା ମଧ୍ୟରେ ଦାବିଗୁଡ଼ିକ ପୂରଣ କରିବାକୁ ନେଇ ଆଲୋଚନା କରା ନ ଗଲେ ପଣାସଂକ୍ରାନ୍ତିର ୮ଦିନ ପୂର୍ବରୁ ଅନୁଷ୍ଠିତ ହେଉଥିବା ଉଡ଼ାପର୍ବକୁ ନେଇ ଭକ୍ତାମାନେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବିଦେଶୀ ମଦ ଦୋକାନକୁ ବିରୋଧ

ବୈଶିଙ୍ଗା,୨।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆଠାରେ ଥିବା ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବିଦେଶୀ ମଦ ଦୋକାନ ଚାଲିବା ଦ୍ୱାରା ଗଡ଼ଦେଉଳିଆ, କଳମା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦିନକୁ ଦିନ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ, ଚୋରି, ଛିନତାଇ, ରାହାଜାନୀ ଇତ୍ୟାଦି ବଢ଼ିଚାଲିଛି। ଏହାକୁ ରୋକିବାରେ ପ୍ରଶାସନ ବିଫଳ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାର ନିକଟବର୍ତ୍ତୀ ଅଞ୍ଚଳରେ ସରସ୍ୱତୀ ଶିଶୁମନ୍ଦିର, ଗଡ଼ଦେଉଳିଆ ପଞ୍ଚାୟତ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ ସହ ୪ଟି ବିଦ୍ୟାଳୟ,କଳମା ବାଳିକା ଉଚ୍ଚ ବିଦ୍ୟାଳୟ ସହ ଛାତ୍ରୀନିବାସ ଇତ୍ୟାଦି ରହିଥିବା ବେଳେ ମଦ୍ୟପଙ୍କ ଦୌରାତ୍ମ୍ୟ ଚରମ ସୀମାରେ ପହଞ୍ଚିଛି। ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ଦ୍ୱାରା କଳମା ବାଳିକା ଛାତ୍ରୀ ନିବାସାରେ ରହୁଥିବା ଅନ୍ତେବାସୀ, ଶିକ୍ଷୟିତ୍ରୀ ଏବଂ ବିଶେଷଭାବେ ମହିଳାମାନେ ଏବେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଘଞ୍ଚ ଜଙ୍ଗଲରେ ଦିନସାରା ଖୁଲମ ଖୁଲା ମଦ ମାଂସର ଆସର ଜମୁଛି। ଚତୁର୍ଦ୍ଦିଗରେ ଭଙ୍ଗା ମଦ ବୋତଲ , ପଲିଥିନ, ଥର୍ମୋକୁଲ ବିଛାଡ଼ି ହୋଇପଡ଼ିଛି। ସଡ଼କ ଦୁର୍ଘଟଣାରେ ଧନଜୀବନ ହାନି ହେବା ସହ ମହିଳାମାନଙ୍କୁ ଘରୋଇ ହିଂସା ସହିତ ବିଟ୍ ରାସ୍ତା ଉପରେ ମଧ ନିର୍ଯାତନା ସହିବାକୁ ପଡୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

ଗଡ଼ଦେଉଳିଆ ସରପଞ୍ଚ ବବିତା ସିଂ ଓ ୩୬ ନଂ. ଜୋନ ଜିଲା ପରିଷଦ ସଦସ୍ୟା ସବିତା ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କ ଧନଜୀବନର ସୁରକ୍ଷା ତଥା ମହିଳାମାନଙ୍କର ସମ୍ମାନ ଓ ନିରାପଦ ଜୀବନ ଧାରଣର ମୌଳିକ ଅଧିକାରର ପ୍ରତିଷ୍ଠା ନିମନ୍ତେ ଉକ୍ତ ବିଦେଶୀ ମଦ ଦୋକାନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଲାଗି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିବାସହ ଏହି ଦୋକାନକୁ ଉଠାଇବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମଧ ଚେତାବନୀ ଦେଇଛନ୍ତ। ସ୍ଥାନୀୟ ଅଞ୍ଚଳର ସୁଷମା ଗିରି, ବସନ୍ତ ଜେନା, ସୁଷମା ମାଝୀ, ନିତିଆ ଦେହୁରୀ, ପ୍ରଦୀପ ଭୂୟାଁ, ଅନିରୁଦ୍ଧ ପଣ୍ଡା, ଶ୍ରୀହରି ଖଟୁଆ, କବିତା ମଡୁଆଲଙ୍କ ସହିତ ଶତାଧିକ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକ, ଜିଲା ଅବକାରୀ ଅଧୀକ୍ଷକ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ବେଳାଭୂମି ସଫେଇ କଲେ ଖବରଦାତା

ବାହାନଗା, ୨।୪(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତର ରୂପଖଣ୍ଡଠାରେ ଥିବା ପାଣ୍ଡବଘାଟ ବାରୁଣୀ ପଡିଆ ଓ ସମୁଦ୍ର ବେଳାଭୂମିକୁ ଓଡ଼ିଶା ସାମ୍ବାଦିକ ସଂଘ ବାହାନଗା ଶାଖା ପକ୍ଷରୁ ସଫେଇ କରାଯାଇଛି। ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମବାସୀ, ପର୍ଯ୍ୟଟକ, ବେଳାଭୂମିରେ ଭୋଜିକରୁଥିବା ଛାତ୍ରୀଛାତ୍ର, ଯୁବତୀଯୁବକ ଓ ମତ୍ସଜୀବୀଙ୍କ ମଧ୍ୟରେ ବେଳାଭୂମି ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ସଫେଇ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ନମିତାରାଣୀ ବିଦ୍ଧାଣୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ସାମ୍ବାଦିକ ୟୁନିଅନର ବାଲେଶ୍ୱର ଜିଲା ଶାଖା ସଭାପତି ଗଙ୍ଗାଧର ରାଉତ, ବରିଷ୍ଠ ସଦସ୍ୟ କହ୍ନେଇ ଚରଣ ପ୍ରଧାନ, ବାହାନଗା ବ୍ଲକ ଶାଖା ସଂଯୋଜକ ସୋମନାଥ ସାହୁ, ବରିଷ୍ଠ ସଦସ୍ୟ ଅରୂପ୍ କୁମାର ଦାସ, ରୁଚିକ ରଞ୍ଜନ ମହାପାତ୍ର, ଶିଶିର କୁମାର ରାୟ, ଜୟଦେବ ଆଚାର୍ଯ୍ୟ, ବାଣ୍ଡବଘାଟ ବାରୁଣୀ ସମ୍ପାଦକ କାଳେନ୍ଦ୍ର ଚରଣ ମହାପାତ୍ର, ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟ, ନାଏବ ସରପଞ୍ଚ ନାରାୟଣ ମହାଳିକ ପ୍ରମୁଖ ସହଯୋଗ କରିଥିଲେ।

# ଗରା, ବାଲ୍ଟି ରଖି ମହିଳାଙ୍କ ଧାରଣା

## ସୁଧୁରୁନି ପିଇବା ପାଣି ସମସ୍ୟା

ବସ୍ତା, ୨।୪(ହରିଶଙ୍କର ପାଢ଼ି)

ପାଣି ସମସ୍ୟା ନେଇ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦରଡା ପଞ୍ଚାୟତ ଦକ୍ଷିଣସରିସା ଗ୍ରାମର ମହିଳାମାନେ ବୁଧବାର ଗ୍ରାମ ରାସ୍ତାରେ ଗରା, ବାଲ୍ଟି ରଖି ଧାରଣାରେ ବସିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ଦରଡ଼ା ପଞ୍ଚାୟତର କୋଠପଦା, ଦକ୍ଷିଣସରିଶା, ଦେଉଳପଡ଼ା ଗ୍ରାମକୁ ନେଇ ଏକ ଓଭରହେଡ ଟାଙ୍କି ନିର୍ମାଣ କରାଯାଇଛି। ଗତ ୭ ମାସ ଧରି ଟାଙ୍କିରୁ ପାଣି ଦିଆଯାଉଥିବା ବେଳେ ଦକ୍ଷିଣସରିଶା ଗ୍ରାମକୁ ପାଣି ଯାଉ ନ ଥିବାରୁ ଗ୍ରାମରେ ଦେଖାଦେଇଛି ଅସନ୍ତୋଷ। ଗ୍ରାମରେ ପାଖାପାଖି ୬୦ ପରିବାର ପିଇବା ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ଦକ୍ଷିଣସରିଶା ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ସରକାରୀ



ଧାରଣାରତ ମହିଳା।

ପ୍ରାଥମିକ ବିଦ୍ୟାଳୟରେ ମଧ ନଳକୂପରେ ପାଣି ବାହାରୁ ନ ଥିବାରୁ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପ୍ରତିବାଦରେ ଗ୍ରାମର ମହିଳାମାନେ ଏକାଠି ହୋଇ ଗରା, ବାଲ୍ଟି ଧରି ଗ୍ରାମ ରାସ୍ତା ଉପରେ ବିକ୍ଷୋଭ କରିଥିଲେ। ଗ୍ରାମର ଟିପିରି ମୁର୍ମୁ, ଜବା ମାରାଣ୍ଡି, ହିରାମଣି ମାରାଣ୍ଡି, ବିଦ୍ୟାଧର ରାଉତ, ସଞ୍ଜୟ ରାଉତ, ତିଳୋତ୍ତମା ରାଉତ, ମନୋରମା ରାଉତ, ହିରାମଣି ମାରାଣ୍ଡି, ସୁକାନ୍ତି ସାମଲ, ନିରୁପମା ରାଉତ, ବାସନ୍ତୀ ସାମଲ ପ୍ରମୁଖ ପଞ୍ଚାୟତ ଏସ୍‌ସିଏମ୍‌ଙ୍କ ଜରିଆରେ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଏନେଇ ସରପଞ୍ଚ ବାରମ୍ବାର ବିଭାଗୀୟ ଅଧିକାରୀ, ବିଡିଓଙ୍କୁ ଜଣାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସରପଞ୍ଚ ପ୍ରତିନିଧି ପ୍ରଦୀପ କୁମାର ବିଶ୍ୱାଳ ସମସ୍ୟା ସମ୍ପର୍କରେ ବିଧାୟିକା ସୁବାସିନୀ ଜେନାଙ୍କ ସହ ଆଲୋଚନା କରିଥିବା କରିଛନ୍ତି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି କହିଛନ୍ତି। ଅପରପକ୍ଷରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ବିଭାଗୀୟ ଅଧିକାରୀ ଆସନ୍ତା ୪ ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ଟ୍ରକ୍‌କୁ ସାଇଡ୍ ଦେବାକୁ ଯାଇ ଓଲଟିଲା ବସ୍

## ୪ ଯାତ୍ରୀ ଗୁରୁତର, ୧୦ରୁ ଊର୍ଦ୍ଧ୍ୱ ଆହତ

ନୀଳଗିରି, ୨।୪(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି-ସେରଗଡ଼-ଝରଣାଘାଟି ୧୯ ନଂ. ରାଜ୍ୟ ରାଜପଥର ଭାଲୁକାଶୁଣି ଛକଠାରୁ ଅଳ୍ପ ଦୂର ଦେବଯାନୀ ଛକଠାରେ ବାଲେଶ୍ୱରରୁ ଉଦଳା ଯାଉଥିବା ଏକ ବସ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ଏଥିରେ ୪ଜଣ ଯାତ୍ରୀ ଗୁରୁତର ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ୩ଟା ୨୦ମିନିଟ୍‌ରେ ଏହି ଦୁର୍ଘଟଣା ଘଟିଛି।

ସୂଚନା ଅନୁସାରେ ବସ୍ (ନଂ. ଓଡ଼ି୦୫କେ-୭୫୧୪) ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ବାଲେଶ୍ୱରରୁ ଉଦଳା ଯାଉଥିବା ବେଳେ ସମ୍ମୁଖ ପଟୁ ଏକ ଟ୍ରକ (ନଂ. ଓଆର୍‌୦୧ଏଚ୍-୮୩୪୫) ସିମେଣ୍ଟ ଖାଲି କରି ଦ୍ରୁତଗତିରେ ବାଲେଶ୍ୱର ଆସୁଥିଲା। ବସ୍ ଡ୍ରାଇଭର ମୁହାଁମୁହିଁ ଭଳି ବଡ଼ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସାଇଡ୍ ହୋଇଯିବାରୁ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ବସ୍‌ର ସମ୍ମୁଖ ଭାଗ ଭାଙ୍ଗି ଚୁରମାର ହୋଇଯାଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ହେବା ସହ ଦୁର୍ଘଟଣାରେ ୪ଜଣ ଯାତ୍ରୀ



ଓଲଟି ପଡ଼ିଥିବା ବସ୍।

ଗୁରୁତର ହୋଇଛନ୍ତି। ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ପହଞ୍ଚି ଆହତ ଓ ଗୁରୁତରଙ୍କୁ ଫାୟାର ଗାଡ଼ି ଓ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ପଠାଇଥିଲେ। ପରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ନୀଳଗିରି ମେଡିକାଲରେ ପହଞ୍ଚି ଆହତଙ୍କୁ ଭେଟିଛନ୍ତି। ଗୁରୁତର ଯାତ୍ରୀଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଉଭୟ ଗାଡ଼ିକୁ ଜବତ କରିଛି।

# ପୋଲିସ ବାହିନୀର ସେବା ଓ ତ୍ୟାଗ ଅତୁଳନୀୟ

## ଜିଲାସ୍ତରୀୟ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ



ଏଏସ୍‌ଆଇ ବିଜୟଲକ୍ଷ୍ମୀ ସାହୁଙ୍କୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର, ୨।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ରିଜର୍ଭ ପୋଲିସ ପରେଡ୍ ପଡ଼ିଆରେ ମଙ୍ଗଳବାର ଜିଲାସ୍ତରୀୟ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ ନାୟକ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ବାହିନୀର ସେବା ଓ ତ୍ୟାଗ ଅତୁଳନୀୟ। ଜନସାଧାରଣଙ୍କୁ ନ୍ୟାୟ ଦେବା ସହ ନିରପେକ୍ଷ ଭାବେ ନିଜର କର୍ତ୍ତବ୍ୟ ପାଳନ କରିବାକୁ ଡିଆଇଜି ଡା. ନାୟକ ବକ୍ତବ୍ୟରେ କହିଥିଲେ। ଏଥିସହ ଡା. ନାୟକ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ରାଜ ପ୍ରସାଦ ମଞ୍ଚାସୀନ ଥିଲେ। ଏହି ଅବସରରେ ନିଜର କାର୍ଯ୍ୟଦକ୍ଷତା ପାଇଁ ସାଇବର ଥାନା ଏସ୍‌ଆଇ ମାନସ ରଞ୍ଜନ ବିଶ୍ୱାଳଙ୍କୁ ଶ୍ରେଷ୍ଠ ଆରକ୍ଷୀ ଉପନିରୀକ୍ଷକ, ଟାଉନ ଥାନା ଏଏସ୍‌ଆଇ ବିଜୟଲକ୍ଷ୍ମୀ ସାହୁଙ୍କୁ ଶ୍ରେଷ୍ଠ ସହକାରୀ ଆରକ୍ଷୀ ଉପନିରୀକ୍ଷକ, ହାବିଲଦାର ଯୋଗେନ୍ଦ୍ର କୁମାର ହେମ୍ବ୍ରମଙ୍କୁ ଶ୍ରେଷ୍ଠ ହାବିଲଦାର, କନଷ୍ଟେବଲ ପ୍ରଦୀପ କୁମାର ଭୋଇଙ୍କୁ ଶ୍ରେଷ୍ଠ ଆରକ୍ଷୀ ଏବଂ ଟ୍ରାଫିକ କନଷ୍ଟେବଲ ଶରତ କୁମାର ମଲ୍ଲିକଙ୍କୁ ଶ୍ରେଷ୍ଠ ଟ୍ରାଫିକ ଆରକ୍ଷୀ ଭାବେ ସମ୍ମାନିତ କରାଯାଇଥିଲା। ରିଜର୍ଭ ଇନ୍ସପେକ୍ଟର ସଢ଼େଇ ଶଙ୍କର ଟୁଡୁ ଏବଂ ସର୍ଜେଣ୍ଟ ଜନାର୍ଦ୍ଦନ ନାୟକଙ୍କ ତତ୍ତ୍ୱାବଧାନରେ ପରେଡ୍ ପରିଚାଳନା ହୋଇଥିଲା। ଏଏସ୍‌ପି ଦେବଜ୍ୟୋତି ଦାସ, ନିରଞ୍ଜନ ବେହେରା, ଅଶ୍ୱନୀ କୁମାର ନାୟକ ଓ ଆଲୋକ ରଞ୍ଜନ ରାୟ, ଡିଏସ୍‌ପି ନିବେଦିତା ସୋରେନ ଓ ବ୍ରଜମୋହନ ପ୍ରଧାନ, ଆଇଆଇସି ପର୍ଶୁରାମ ସାହୁ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନା ଅଧିକାରୀ ବିଜୟ ଦାସ, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଖଇରା, ୨।୪(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଗଣ୍ଡିବେଢ଼ସ୍ଥିତ ଶ୍ରୀ ଗଣେଶ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସନ୍ଧ୍ୟାରାଣୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ୟାମସୁନ୍ଦରପୁର ସିଆରସିସି ବିପିନ ବିହାରୀ ଦାସ ମୁଖ୍ୟଅତିଥି, ଗୋପାଳପୁର କଲେଜ ପ୍ରାଧ୍ୟାପକ ଡ. ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନେ ଶୃଙ୍ଖଳିତ ହେଲେ ଲକ୍ଷ୍ୟ ସାଧନ ସହଜ ହୋଇପାରିବ ବୋଲି କହିଥିଲେ। ପ୍ରାକ୍ତନ ସିଆରସିସି ହଳଧର ସାହୁ ସମ୍ପାଦିକା ମମତାରାଣୀ ଦଳାଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସବିତା ଜେନା ଓ ଶିକ୍ଷକ ସୁବାସ ସାହୁ ମଞ୍ଚ ପରିଚାଳନା ଅବସରରେ ପ୍ରତିଷ୍ଠାତା ଗଣେଶ ଚନ୍ଦ୍ର ମହାନ୍ତିଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରବାସ ପତି ବିବରଣୀ ପାଠ, ନିର୍ବିକଳ୍ପ ଦାସ ଧନ୍ୟବାଦ ଦେଇଥିଲେ। ଚାମ୍ପିୟନ ଅଙ୍କିତ ଦାସ ଓ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ମଦ ବେପାରୀଙ୍କ ଘରେ ପଶିଲେ ଏସ୍‌ଏଚ୍‌ଜି ମହିଳା

ଜଳେଶ୍ୱର, ୨।୪(ନବୀନ ସାହୁ): ଜଳେଶ୍ୱର ବ୍ଲକ ଖୁଦିଆମାଝି ସାହି ପଞ୍ଚାୟତର ୧୩୦ ଏସ୍‌ଏଚ୍‌ଜିର ଶତାଧିକ ମହିଳା ଚନ୍ଦନପୁର, ଆଡିଆସାହି, ଗଡସାହି ଗ୍ରାମର ଚୋରା ଦେଶୀ ଓ ବିଦେଶୀ ମଦ କାରବାର କରୁଥିବା ୧୫ରୁ ୨୦ ବେପାରୀଙ୍କ ଘରେ ଚଢାଉ କରିଥିଲେ। ୬ଜଣଙ୍କ ଘରେ ୫୦ ଲିଟର ଦେଶୀ ମଦ ସହିତ ପାଖାପାଖି ୧୦୦ଟି ବିଦେଶୀ ମଦ ବୋତଲ ପାଇ ଭାଙ୍ଗିଥିଲେ। ମହିଳା ସଂଘ ସଭାପତି ଭାରତୀ ବାରିକ, ସମ୍ପାଦିକା ଦୁର୍ଗୀ ସିଂ, ଏମବିକେ ସ୍ମିତା ଦାସ, ମମତା ଜେନା, ତାରା ଦଣ୍ଡପାଟ, ରେବତୀ କର, ପ୍ରମିଳା ଦଣ୍ଡପାଟ, ସରସୀ ବାଗ, ପ୍ରମିଳା ଦଣ୍ଡପାଟ ଓ ମାନିନୀ ସାମଲ ପ୍ରମୁଖ ସାମିଲ ଥିଲେ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

## ୭ ଫେରାର

ଭୋଗରାଇ, ୨।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଭୋଗରାଇ ଗ୍ରାମ ମା’ ବାସୁଳୀସ୍ଥିତ ଏକ ବସ୍ତିରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ମହିଳାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ପରେ ଶ୍ୱଶୁର ଘରର ୭ଜଣ ଭୟରେ ଫେରାର ହୋଇଯାଇଛନ୍ତି। ମୃତ ମହିଳା ସୀତାରା ଖାତୁନଙ୍କ ଭାଇ ରୌଶନ ଖାଁଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୧୨/୨୫) ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି।

ସୂଚନାନୁଯାୟୀ ଭୋଗରାଇ ଗ୍ରାମର ସରାଫ ଖାଁ ପଶ୍ଚିମବଙ୍ଗ ରାମନଗର ଥାନା ଅଧୀନ ମୁକୁନ୍ଦପୁର ଗ୍ରାମର ଲିଆଖତ ଅଲ୍ଲୀ ଖାଁଙ୍କ ଝିଅ ସୀତାରା(୨୪)ଙ୍କୁ ରୀତିନୀତି ଅନୁଯାୟୀ ୬ ମାସ ପୂର୍ବେ ବିବାହ କରିଥଲେ। ବରପକ୍ଷ ଦାବି ମୁତାବକ ଏକ ବୁଲେଟ, ୧୫ ଗ୍ରାମ୍ ସୁନା ଅଳଙ୍କାର, ୫୦ଗ୍ରାମ୍ ରୁପା ସହ ଅନ୍ୟାନ୍ୟ ୧୦ଲକ୍ଷ ଟଙ୍କାର ଆସବାବପତ୍ର ଦିଆଯାଇଥିଲା। ବିବାହର କିଛିଦିନ ପରେ ନବବଧୂଙ୍କୁ ତାଙ୍କ ବାପଘରୁ ଅଧିକ ୨୦ଲକ୍ଷ ଟଙ୍କା ଯୌତୁକ ବାବଦକୁ



ଆଣିବା ନିମନ୍ତେ ଶ୍ୱଶୁର ଘର ଲୋକେ ବାରମ୍ବାର ଚାପ ପକାଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସୀତାରାଙ୍କ ସ୍ୱାମୀ ସରାଫ ଖାଁ ବିଦେଶରେ ରହୁଥିବାବେଳେ ଶାଶୁ, ଶ୍ୱଶୁର, ୩ ନଣନ୍ଦ ଓ ନଣନ୍ଦେଇ ବୋହୂଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ମିଳିମିଶି ହତ୍ୟା କରିଥିବା ଏତଲାରେ ଦର୍ଶାଯାଇଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମହିଳାଙ୍କୁ ଅଣାଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳାଙ୍କ ବାପଘର ପକ୍ଷରୁ ୨ ଶହରୁ ଊର୍ଦ୍ଧ୍ୱ ଲୋକ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ। ଏହି ଘଟଣାରେ ବୁଧବାର ଡିଏସ୍‌ପି ତପସ୍ୱିନୀ କହଁର, ଜିଲା ପୋଲିସ ଅଧିକାରୀ ରୋହିତ କୁମାର ବଳ, ଭୋଗରାଇ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ, ଏଏସ୍‌ଆଇ ଗତିକୃଷ୍ଣ ଜେନା, ଅତିରିକ୍ତ ତହସିଲଦାର ପ୍ରତାପ କୁମାର ବେହେରାଙ୍କ ଉପସ୍ଥିତିରେ ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ମନମୋହିଲା ସେବାଶ୍ରମ ଅନ୍ତେବାସୀଙ୍କ ଯୋଗ, ନୃତ୍ୟ

## ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଓଡ଼ିଶା ଦିବସ



ବିବେକ ଭାରତୀ ସେବାଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ କରାଯାଉଛି।

ଖଇରା, ୨।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଢ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଓଡ଼ିଶା ଦିବସ ପାଳନ ଅବସରରେ ସାଂସ୍କୃତିକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ମଦନମୋହନ ମହଲାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଣିଜ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ ମୁଖ୍ୟଅତିଥି, ପ୍ରଦ୍ୟୁମ୍ନ କୁମାର ଦାସ ମୁଖ୍ୟବକ୍ତା, ଅଧ୍ୟାପକ ଡ. ଅଭୟ କୁମାର ମହାନ୍ତି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୈଳାସ ଚନ୍ଦ୍ର ଦାସ ଓ ଗୟାଧର ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ, ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା ଓ ପଦ୍ମଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଡଗରପଡା ବିବେକଭାରତୀ ସେବାଶ୍ରମର ଅନ୍ତେବାସୀଙ୍କ ଯୋଗ ଓ ଘୁମୁରା ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା। ପରିଷଦର ସଭ୍ୟ ମଧୁସୂଦନ ଜେନା, ପୁରସ୍ତମ ମହାନ୍ତି ଓ ପଙ୍କଜ ବାରିକ ପ୍ରମୁଖ ଦିବସ ପାଳନରେ ସହଯୋଗ କରିଥିଲେ।

# କଂକ୍ରିଟ ରାସ୍ତା ଫାଟି ୨ ଫାଳ

ପାଟଣା, ୨।୪(ବୀରକିଶୋର ଦାଶ)

କାମ ହେବାର ୨ ମାସ ନ ପୂରୁଣୁ କେନ୍ଦୁଝର ଜିଲା ପାଟଣା ମୁଖ୍ୟ ବଜାର କଂକ୍ରିଟ ରାସ୍ତା ଫାଟି ଦୁଇଫାଳ ହୋଇଛି। ପୂର୍ତ୍ତ ବିଭାଗ ଅଧୀନ ଏହି ରାସ୍ତାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଙ୍କ ନିକଟରେ ୫୦ ଫୁଟରୁ ଊର୍ଦ୍ଧ୍ୱ ଓ ଦୁର୍ଗାଦେଇପୁର ବାଙ୍କ ନିକଟରେ କଂକ୍ରିଟ୍ ରାସ୍ତା ଫାଟି ୨ ଫାଳ ହୋଇଯାଇଛି। ନିମ୍ନମାନର କାମ ଯୋଗୁ ରାସ୍ତା ଅବସ୍ଥା ଏଭଳି ହୋଇଛି ଓ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାମାଜିକ କର୍ମୀ ଅଜୟ କୁମାର ଦାଶ ଦାବି କରିଛନ୍ତି। ପାଟଣା ଡିଭିଜନାଲ ଯନ୍ତ୍ରୀ ମହେଶ୍ୱର ପାଶାଙ୍କୁ ପଚାରିବାରୁ ରାସ୍ତା ୨ ଫାଳ ହେବା ନଜରକୁ ଆସିନାହିଁ। ଯଦି କଂକ୍ରିଟ ଫାଟିଥିବ ତେବେ କଟିଂ କରି ସମ୍ପୃକ୍ତ ଠିକା ସଂସ୍ଥାକୁ ପୁନଃ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି। ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ଶହ ଶହ ଗାଡ଼ିମୋଟର ଯିବା ଆସିବା କରେ। ଦେଢ଼ ବର୍ଷ ପୂର୍ବେ ଉକ୍ତ ୨ କି.ମି. ୩ ଶହ ମିଟର ରାସ୍ତା କଂକ୍ରିଟ ଓ ଡ୍ରେନ ପାଇଁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିଲା। ୩ କୋଟି ବ୍ୟୟରେ କଂକ୍ରିଟ ରାସ୍ତା ନିର୍ମାଣ ସରିଛି। ଅବଶିଷ୍ଟ ୧କୋଟି ଟଙ୍କା ବ୍ୟୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ଆଉ ପେଭର୍ ବ୍ଲକ ନିର୍ମାଣ କରାଯିବାକୁ ଥିବା ବେଳେ ନିର୍ମାଣ ହୋଇପାରୁନାହିଁ। ଏନେଇ ଯନ୍ତ୍ରୀ ପାଶା କହିଛନ୍ତି, ରାଜସ୍ୱ ବିଭାଗ ସରକାରୀ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ କରୁ ନ ଥିବାରୁ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ରାସ୍ତା ଉପରେ ବେଆଇନ ଦୋକାନ ଗୃହ, ଟ୍ରକ୍, କାର୍, ଅଟୋ ଓ ବସ୍ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ବଳି ପଡୁଛି। ରାଜସ୍ୱ ବିଭାଗ ତରଫରୁ ଜବରଦଖଲ ଉଚ୍ଛେଦ ପାଇଁ ୨ଥର ଚିହ୍ନଟ ହୋଇଥିଲେ ହେଁ ଜବରଦଖଲକାରୀଙ୍କୁ ଅଦ୍ୟାବଧି ଉଚ୍ଛେଦ ନୋଟିସ ହୋଇ ପାରିନାହିଁ। ତହସିଲଦାର ଲୀଳାବତି ନାୟକ ଓ ଅତିରିକ୍ତ ତହସିଲଦାର ଶରଣ କୁମାର ଜେନାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ଜନ୍ମୋତ୍ସବ

ବାରିପଦା, ୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସାଂସ୍କୃତିକ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ୭୬ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ନିବେଦିତା ନାଏକଙ୍କୁ ଶାନ୍ତିଲତା ଆଚାର୍ଯ୍ୟ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ଦିଆଯାଇଥିଲା। ଗୋପବନ୍ଧୁ ସାହିତ୍ୟ ସଂସଦ ସମ୍ପାଦକ ଅମିତାଭ ମିଶ୍ର, ଯଶୋଦା ସାହିତ୍ୟ ସଂସଦ ସଂଯୋଜକ ଆଶିଷ ରଞ୍ଜନ ବାସୁରୀ , କବି ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରତାପ ଚନ୍ଦ୍ର ଧଡା, ମହେଶ ସେଠୀ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ଦେବସ୍ମିତା ମହାନ୍ତ, ଅନିଶା ବେହେରା , ଲକ୍ଷ୍ମୀ କୁମାରୀ , ସୁମିତ୍ରା ତରାଇ, ମିଲି ମହାନ୍ତ ,ପୁଷ୍ପାଞ୍ଜଳି ସେଠୀ ପ୍ରମୁଖ କବିତା ପାଠ କରିଥିଲେ।

# ଓଡ଼ିଶା ଦିବସରେ ସହର ପରିକ୍ରମା

ଯୋଡ଼ା,୨।୪(ମାନସ ମହାନ୍ତି): କେନ୍ଦୁଝର ଯୋଡ଼ା ସହର ଓଡ଼ିଶାର ଏକ ଉପାନ୍ତ ଅଞ୍ଚଳ ଭାବେ ପରିଗଣିତ। ଝାଡ଼ଖଣ୍ଡ ସିମାବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ଓଡ଼ିଆ ଏବଂ ଅନ୍ୟାନ୍ୟ ବର୍ଗର ଲୋକେ ବସବାସ କରନ୍ତି। ଦଳମତ ନିର୍ବିଶେଷରେ ଶତାଧିକ ମହିଳା, ପୁରୁଷ, ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ମଙ୍ଗଳବାର ଯୋଡ଼ା ସହର ପରିକ୍ରମା କରିଥିଲେ। ଉତ୍କଳ ଦିବସ ସମାରୋହ ସେବା ଟ୍ରଷ୍ଟର ସଭାପତି ସିଦ୍ଧାର୍ଥ କର, ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ଯୋଡ଼ା ଟ୍ରକ୍ ମାଲିକ ସମ୍ପାଦକ ସୁଶାନ୍ତ ବାରିକ, ଯୋଡ଼ା ନଗର ଏମ୍‌ପିଙ୍କ ପ୍ରତିନିଧି ବିଏନ ଦାସ, ଚର୍ଚିଲ ମହାକୁଡ଼, ପାର୍ଥ ସାରଥି ଷଡ଼ଙ୍ଗୀ, ପ୍ରକାଶ ମହାନ୍ତି ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଓଡ଼ିଶା ଖଣି ନିଗମ ବଡ଼ବିଲ ଆଞ୍ଚଳିକ ପ୍ରବନ୍ଧକ ଅବନିକାନ୍ତ ପ୍ରଧାନ, ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର, ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭାପତି ସିଦ୍ଧାର୍ଥ ସାରଥୀ କର ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଡ. ଆଭାରାଣୀ ବଳ ମଞ୍ଚ ପରିଚାଳନା କରିଥିଲେ।

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
**ସଂଶୋଧନ ପତ୍ର**
ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର “ଡିମାଣ୍ଡ ନୋଟିସ୍”ରେ ଋଣଗ୍ରହୀତା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍‌ର ଆକାଉଣ୍ଟ ନିମନ୍ତେ ଦର୍ଶିତ ଶାଖାର ନାମ “ପଙ୍ଗାମୁଣ୍ଡାଇ ଶାଖା” ପରିବର୍ତ୍ତେ “ରାହାମା ଶାଖା” ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

# ଶ୍ରୀରାମ ନବମୀ ଉପଲକ୍ଷେ ହନୁମାନ ଚାଳିଶା ପାଠ, ରକ୍ତଦାନ ଶିବିର

ସୋର, ୨।୪(ଜନ୍ମେଜୟ ମିଶ୍ର)

ଆସନ୍ତା ୬ ତାରିଖ ଶ୍ରୀରାମ ନବମୀ ଅବସରରେ ଫଟାଅର୍ଜୁନ ଛକ, କେଶରୀପୁର ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦର ଧର୍ମ ପ୍ରସାର ବିଭାଗ ତରଫରୁ ଏପ୍ରିଲ ୧ରେ ପୂଜାର୍ଚ୍ଚନା ସହିତ ସୋର ପ୍ରଖଣ୍ଡ ସ୍ତରୀୟ ସାମୂହିକ ୧୦୮ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଧର୍ମସଭାରେ ନବନିଯୁକ୍ତ ଜିଲା ସହ ପରାବର୍ତ୍ତନ ପ୍ରମୁଖ ରାକେଶ ମଲିକ ସଂଯୋଜନା କରିବା ସହିତ ଉତ୍କଳ ପୂର୍ବ ପ୍ରାନ୍ତର ସହ ସନ୍ତ ସମ୍ପର୍କ ପ୍ରମୁଖ ବଳଭଦ୍ର ଶତପଥି, ପ୍ରାନ୍ତ ନିଧି ପ୍ରମୁଖ ସଂଗ୍ରାମ ପତି, ପ୍ରାନ୍ତ ସତ୍‌ସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ, ଜିଲା ପ୍ରମୁଖ କୁମୁଦ ରଞ୍ଜନ ଆଚାର୍ଯ୍ୟ, ଜିଲା ସହ ପ୍ରମୁଖ ମଣିଭଦ୍ର ମହାପାତ୍ର, ଜିଲା ପରିଯୋଜନା ପ୍ରମୁଖ ରାଜକିଶୋର ରାଉତ, ନଗର ସହ ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ, ସହ ପ୍ରଶାସନିକ ପ୍ରମୁଖ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ଔପଦା ପ୍ରଖଣ୍ଡ ପ୍ରମୁଖ ମହେଶ୍ୱର ମାଝି, ବାହାନଗା ପ୍ରଖଣ୍ଡ ସତ୍‌ସଙ୍ଗ ପ୍ରମୁଖ ସନାତନ ଦାସ, ଜନାର୍ଦ୍ଦନ ନାୟକ ପ୍ରମୁଖ ବକ୍ତବ୍ୟ ରଖି ହିନ୍ଦୁ ଧର୍ମର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବୁଧବାର ବିଗ ବସ୍ ଆସୋସିଏଶନ ସହଯୋଗରେ କେଶରୀପୁର ଶ୍ରୀରାମ ସେନା ତରଫରୁ ବରିଷ୍ଠ ରକ୍ତଦାତା ତଥା ଜଣାଶୁଣା ପ୍ରସ୍ତର କାରିଗର ନରେନ୍ଦ୍ର ସାମଲଙ୍କ ସଂଯୋଜନାରେ କେଶରୀପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିରକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ରେଡକ୍ରସ ପକ୍ଷରୁ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ଗୋଟିଏ ରାତିରେ ୭ ଜଣଙ୍କ ଘରୁ ଚୋରି

ଉଦଳା,୨।୪(ସନ୍ତୋଷ କୁମାର ବାଛିନୀ)- ଉଦଳା ଥାନା ବାଉଁଶପାଳ ଗ୍ରାମରେ ଗୋଟିଏ ରାତିରେ ୭ଜଣଙ୍କ ଘରୁ ଚୋରି ହୋଇଛି। ଚୋରମାନେ କେବଳ ମୋବାଇଲ ଫୋନକୁ ଟାର୍ଗେଟ କରି ୧୦ରୁ ଅଧିକ ମୋବାଇଲ ଲୁଟି ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି। ଘର ବାହାରେ ଶୋଇଥିବା ଏବଂ କବାଟ ଖୋଲାଥିବା ଘରେ ଲୁଟେରାମାନେ ପଶି ଲୁଟ କରିଥିବା ଜଣାପଡ଼ିଛି।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
No.A-1250
**‘e’ Procurement Notice No. ACECIC - 19/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | “A” & “Special” Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
Sd./- Additional Chief Engineer, Central Irrigation Circle
OIPR-32160/11/0023/2425

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟିଦାତା: ରୋକିଆ ବେଗମ, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୪୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ.: ୪୩୮/୨୫୯୨, ୪୩୭/୨୫୯୦, ୪୩୬/୨୫୯୧, ଖାତା ନଂ.: ୧୩୮୦/୨୧୫, |

କ୍ଷେତ୍ର: ୧୭୮୫.୯୬ ବର୍ଗଫୁଟ (ପ୍ଲିନ୍ଥ ଏରିଆ: ୧୨୭୦ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଟିଫୁଲ ରହେମାନ, ଦକ୍ଷିଣ: ମୋଜବୁର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମର ଜାନ ଖାନ୍
ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ନିଶା ସେବନକୁ ବିରୋଧ କରିବାରୁ ବଚସା, ପରେ ଅଘଟଣ

ନିଶା ସେବନ ଅନେକଙ୍କ ସଂସାରରେ ଝଡ଼ ସୃଷ୍ଟି କରୁଛି। ପରିବାରର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିଶା ସେବନରେ ଚୂର ରହୁଛନ୍ତି ପରିବାର ମୁଖ୍ୟ। ଏଥିଯୋଗୁ ପରିବାରରେ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଆଉ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇ କେତେବେଳେ ସ୍ୱାମୀ ସ୍ତ୍ରୀଙ୍କ ଜୀବନ ନେଉଛି ତ' କେତେବେଳେ ସ୍ତ୍ରୀ ସ୍ୱାମୀଙ୍କ ଜୀବନ ନେବାକୁ ପଛାଉ ନାହାନ୍ତି। ଏପରି କି ଅନେକ କ୍ଷେତ୍ରରେ ପିଲାମାନେ ମଧ ମା'ବାପାଙ୍କ ଜୀବନ ନେଇଯାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ରାଜ୍ୟରେ ଘଟୁଥିବାବେଳେ ଏହା ଥମିବାର ନାଁ ନେଉନାହିଁ। ମଙ୍ଗଳବାର ରାତିରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ନିଶାଗ୍ରସ୍ତ ସ୍ୱାମୀଙ୍କୁ ମଦ୍ୟପାନ କରିବାକୁ ବାରଣ କରିବାରୁ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏପରି କି ସ୍ତ୍ରୀ ରାତିରେ ଶୋଇଥିବାବେଳେ କ୍ରୋଧରେ ଜର୍ଜରିତ ସ୍ୱାମୀ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଗୌତମ ବିଶ୍ୱାଳ(୪୧)ଙ୍କୁ ଗିରଫ କରିଛି। ଏଭଳି ଘଟଣା ପରେ ତାଙ୍କର ୨ ପିଲା ଏବେ ମା'ଛେଉଣ୍ଡ ହୋଇଯାଇଛନ୍ତି।



ଅତିରିକ୍ତ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ବଲାଙ୍ଗୀର/ଦେଓଗାଁ,୨।୪(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ଅନ୍ତର୍ଲା ନିବାସୀ ଗୌତମ ପ୍ରାୟ ୧୪ ବର୍ଷ ତଳେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ଅର୍ଡା ଗାଁର ଅମୂଲ୍ୟ ବିଶ୍ୱାଳ (୩୬)ଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ନାବାଳକ ସନ୍ତାନ ଅଛନ୍ତି। ଦିନମଜୁରିଆ ଭାବେ କାମ କରୁଥିବା ଗୌତମ ଅନେକ ସମୟରେ ମଦ୍ୟପାନ କରି ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ସେମାନଙ୍କ ମଧରେ ଦୀର୍ଘଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା। ମଙ୍ଗଳବାର ରାତିରେ ଅମୂଲ୍ୟ ଶୋଇଥିବାବେଳେ ବିଳମ୍ବିତ ରାତିରେ ଗୌତମ ଏକ ଟାଙ୍ଗିଆରେ ତାଙ୍କୁ ହତ୍ୟା କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଏସ୍‌ପି ଆଲୋକ ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅମୂଲ୍ୟଙ୍କ ଭାଇ କନ୍ଦର୍ପ ମଲ୍ଲିକ କରିଥିବା ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଗୌତମ ଦୀର୍ଘଦିନ ହେଲା ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାରପିଟ କରି ଆସୁଥିଲେ। ଶେଷରେ ସେ ତାଙ୍କୁ ହତ୍ୟା କରିଛନ୍ତି। ବୁଧବାର ସକାଳେ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିଥିଲା। ଖବରପାଇ ଦେଓଗାଁ ପୋଲିସ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୋମକେଶ ନାୟକଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସେଠାରେ ଛାନ୍‌ଭିନ୍ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ। ଏହାଛଡ଼ା ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତ ସ୍ୱାମୀ ଗୌତମଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ପରେ ଗୌତମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ଅମୂଲ୍ୟଙ୍କ ମୃତଦେହ ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଦେଓଗାଁ ଥାନାରେ ଏକ ମାମଲା (ନଂ. ୧୦୪/୨୦୨୫) ରୁଜୁ ହୋଇଛି। ନିଶାସେବନକୁ ନେଇ ପରିବାରରେ ବିବାଦ ସୃଷ୍ଟି ହୋଇ ଏଭଳି ଅଘଟଣ ଘଟିବା ରାଜ୍ୟରେ ଅନେକ ସମୟରେ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଲୋକମାନେ ନିଜର ହିତାହିତ ଜ୍ଞାନ ଭୁଲିଯାଇ ଏଭଳି କାଣ୍ଡ ଭିଆଉଛନ୍ତି ବୋଲି ମନସ୍ତତ୍ତ୍ୱବିତ୍ ମତପ୍ରକାଶ କରିଛନ୍ତି।

### ପୂର୍ବରୁ ଘଟିଥିବା କେତେକ ଘଟଣା

**୨୦୨୫ ମାର୍ଚ୍ଚ ୨:** ରାତିରେ ଯାଜପୁର ଜିଲା ସୁକିନ୍ଦା ଥାନା ସଂସାଇଲୋ ଗ୍ରାମରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିଲେ। ସ୍ୱାମୀ ମଦ୍ୟପାନ କରି ଘରେ ସବୁବେଳେ ଅଶାନ୍ତି ସୃଷ୍ଟି କରୁଥିଲେ। ତାଙ୍କୁ ଯେତେ ବୁଝାଇଲେ ବି ସେ ବୁଝୁ ନ ଥିଲେ। ଶେଷରେ ଅତିଷ୍ଠ ହୋଇ ସ୍ତ୍ରୀ ଡୁମାରି ସ୍ୱାମୀ ବାବୁଲି ମୁଣ୍ଡାଙ୍କୁ ହତ୍ୟା କରିବା ପରେ ଘର ପଛପଟେ ମୃତଦେହକୁ ପୋତି ଦେଇଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସ୍ତ୍ରୀ ଡୁମାରିଙ୍କୁ ଗିରଫ କରିଥିଲା।

**୨୦୨୫ ଫେବୃଆରୀ ୭:** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ମୁନୁଗାପଦର ଗ୍ରାମରେ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ତାଙ୍କ ୨ପୁଅ ଏବଂ ସ୍ତ୍ରୀ ହତ୍ୟା କରିଥିଲେ। ୫୦ ବର୍ଷୀୟ ଯଦୁ ଦଳପତି ଅଧିକାଂଶ ସମୟରେ ନିଶା ସେବନ କରି ସ୍ତ୍ରୀ ରୁକ୍ମିଣୀ ଦଳପତିଙ୍କୁ ମାଡ଼ ମାରିବା ସହ ଗଣ୍ଡଗୋଳ କରୁଥିଲେ। ଘଟଣା ଦିନ ସେ ମଦ ପିଇ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏହା ଦେଖି ବଡ଼ପୁଅ ଧନେଶ୍ୱର ଦଳପତି ଓ ସାନପୁଅ ଫକୀର ତାଙ୍କୁ ରଶିରେ ବାନ୍ଧି ଏକ ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଦୁଇପୁଅ ଧୋବେନ ଚଞ୍ଚରାରେ ରହୁଥିବା ଯଦୁଙ୍କ ଜ୍ୱାଇଁ କ୍ଷୀରସିନ୍ଧୁଙ୍କୁ ଡକାଇ ପ୍ରମାଣ ନଷ୍ଟ ପାଇଁ ବାଡ଼ି ପଟେ ଗାତ ଖୋଳି ଯଦୁଙ୍କ ମୃତଦେହ ପୋତିଦେଇଥିଲେ।

**୨୦୨୩ ଅକ୍ଟୋବର ୧୦:** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କୋଡିପଶା ଗ୍ରାମରେ ନିଶା ସେବନକୁ ନେଇ ସୃଷ୍ଟ ପାରିବାରିକ କଳହରେ ଅତିଷ୍ଠ ହୋଇ ସୁନୀତା ଜୁଆଙ୍ଗ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଘର ଭିତରେ ହତ୍ୟା କରିଥିଲେ। ଏପରି କି ହତ୍ୟା ପରେ ୩ଦିନ ପର୍ଯ୍ୟନ୍ତ ମୃତଦେହ ନିକଟରେ ସୁନୀତା ଜଗି ରହିଥିଲେ। ପରେ ପଡ଼ୋଶୀ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ସୁନୀତାଙ୍କୁ ଗିରଫ କରିଥିଲା।

**୨୦୨୦ ମେ' ୧୭:** ବ୍ରହ୍ମପୁର ସଦର ପୋଲିସ ସ୍ୱାମୀଙ୍କୁ ହତ୍ୟା ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ମହିଳା ସୁନୀତା ବେହେରାଙ୍କ ସ୍ୱାମୀ ବନମାଳୀ ବେହେରା ଅଳିଆ ଗୋଟାଳି ଭାବେ କାର୍ଯ୍ୟ କରନ୍ତି। ଯାହା ରୋଜଗାର ହୁଏ, ସେଥିରୁ ପ୍ରାୟ ଟଙ୍କାରେ ମଦ୍ୟପାନ କରନ୍ତି। ଏପରି କି ମଦ୍ୟପାନ କରି ପରିବାରରେ ସବୁବେଳେ ଅଶାନ୍ତି ସୃଷ୍ଟି କରନ୍ତି। ଏଥିରେ ଅତିଷ୍ଠ ହୋଇ ସୁନୀତା ବନମାଳୀଙ୍କୁ ହତ୍ୟା କରିଥିଲେ। ପୋଲିସ ସୁନୀତାଙ୍କୁ ଗିରଫ କରି ଜେଲ ପଠାଇବା ପରେ ତାଙ୍କ ୫ପିଲା ବେସାହାରା ହୋଇଯାଇଥିଲେ।

**୨୦୧୮ ଏପ୍ରିଲ ୨୩:** କେନ୍ଦୁଝର ଜିଲା ବାମବେରୀ ଥାନା ଅଞ୍ଚଳରେ ଜଣେ ନିଶାସକ୍ତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଘଟଣା ରାତିରେ ଅଭିଯୁକ୍ତ ସ୍ୱାମୀ ବିଷ୍ଣୁ ମୁଣ୍ଡା ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏନେଇ ସ୍ତ୍ରୀ ରାଗିଯିବା ସହ ସ୍ୱାମୀଙ୍କୁ ଖାଇବାକୁ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଷ୍ଣୁ ଏକ ବାଉଁଶରେ ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଦାସମଣିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ନିକଟରେ ବିଷ୍ଣୁ ନିଜ ଦୋଷ ସ୍ୱୀକାର କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆଇଫୋନ ପାଇଁ ସାଙ୍ଗକୁ ହତ୍ୟା

ସପ୍ତଦଶ ଜନ୍ମ ଦିବସ ପାଳନର ଦିନକ ପରେ ସାଙ୍ଗମାନଙ୍କ ସହ ବୁଲିବାକୁ ଯିବାକୁ କହି ଘରୁ ବାହାରିଥିଲେ। ହେଲେ ଆଉ ଫେରିଲେନି। ପରେ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଜବତ ହେଲା। ଆଇଫୋନ୍-୧୧ ମୋବାଇଲ୍ ନ ଦେବାରୁ ଜଣେ ନାବାଳକ ସାଙ୍ଗ ଏଭଳି ଘଟଣା ଘଟାଇଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ନାବାଳକ ସାଙ୍ଗକୁ ଧରି ଜୁଭେନାଇଲ କୋର୍ଟକୁ ପଠାଇଛି। ଏଭଳି ଏକ ଘଟଣା ପଞ୍ଜାବ ପଟିଆଲା ଅଞ୍ଚଳରେ ଘଟିଛି।

## ଜନ୍ମଦିନ ଅବସରରେ ବୁଲିବାକୁ ଯାଇ ଫେରିଲେନି





ମୃତ ନଭଜୋତ୍ ସିଂ


**ପଟିଆଲା(ପଞ୍ଜାବ),୨।୪**

ପଞ୍ଜାବ ପଟିଆଲାର ନଭଜୋତ୍ ସିଂ ଗତ ୨୪ତାରିଖରେ ନିଜର ୧୭ଶ ଜନ୍ମ ଦିବସ ପରିବାର ଲୋକଙ୍କ ସହ ମିଶି ପାଳନ କରିଥିଲେ। ଏହାର ଦିନକ ପରେ ସାଙ୍ଗମାନଙ୍କ ସହ ହରିଦ୍ୱାର ବୁଲିବାକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। ପରେ ସେ ହରିଦ୍ୱାର ଯାଉନାହାନ୍ତି ଏବଂ ଘରକୁ ଫେରୁଛନ୍ତି ବୋଲି ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଫେରି ନ ଥିଲେ। ସେହି ଦିନ ରାତିରେ ଏକ ଖଣ୍ଡବିଖଣ୍ଡିତ ମୃତଦେହ ରେଳଷ୍ଟେଶନ ନିକଟରେ ପଡ଼ିଥିବା ନେଇ ପୋଲିସ ଖବର ପାଇଥିଲା। ଉକ୍ତ ମୃତଦେହ ୨ଖଣ୍ଡ ହୋଇଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କଟାଦାଗ ରହିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଚିହ୍ନଟ କରାଯାଇ ନ ପାରିବାରୁ ପୋଲିସ ଏହାର ପୋଷ୍ଟର ନିକଟସ୍ଥ ଅଞ୍ଚଳରେ ମାରିଥିଲା। ମାର୍ଚ୍ଚ ୩୦ତାରିଖ ଦିନ ନଭଜୋତଙ୍କ ବାପା ହରଜିନ୍ଦର ସିଂ ପୁଅକୁ ନ ପାଇ ପୋଲିସ ନିକଟରେ ପହଞ୍ଚିବା ପରେ ମୃତଦେହ ଚିହ୍ନଟ ହୋଇଥିଲା। ତଦନ୍ତ ସମୟରେ ନଭଜୋତଙ୍କୁ ତାଙ୍କ ସାଙ୍ଗ ଅମନଜୋତ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ନଭଜୋତ ବ୍ୟବହାର କରୁଥିବା ଆଇଫୋନ-୧୧କୁ ଅମନଜୋତଙ୍କ ଠାରୁ ଜବତ କରାଯାଇଥିଲା। ଆଇଫୋନ ନେବାକୁ ଅମନଜୋତ ତାଙ୍କ ସାଙ୍ଗ ନଭଜୋତଙ୍କୁ ହତ୍ୟା କରି ଜଣେ ସାଙ୍ଗ ସହଯୋଗରେ ଟ୍ରେନ୍ ଲାଇନରେ ପକାଇ ଦେଇଥିଲେ। ଏପରି କି ସହଯୋଗ ପାଇଁ ଅମନଜୋତ ତାଙ୍କ ସାଙ୍ଗକୁ ହଜାରେ ଟଙ୍କା ଦେଇଥିଲେ ବୋଲି ଜଣାପଡ଼ିଛି। ଅମନଜୋତ ନାବାଳକ ହୋଇଥିବାରୁ ପୋଲିସ ତାଙ୍କୁ ଜୁଭନାଇଲ କୋର୍ଟରେ ହାଜର କରିଛି।

# ଚାକିରି ଦେବାକୁ କହି ଠକେଇ, ନକଲି ଇନ୍ସପେକ୍ଟର ଗିରଫ









ଗିରଫ ଅଭିଯୁକ୍ତ, ଜବତ ନକଲି ପୋଲିସ ପୋଷାକ ଏବଂ ପରିଚୟ ପତ୍ର।

**କଟକ,୨।୪(କାର୍ତ୍ତିକ ସାହୁ)**

ପୋଲିସ ଇନ୍ସପେକ୍ଟର ପରିଚୟ ଦେଇ ଠକେଇ କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଗୁଣ୍ଡିଚା ଦଳେଇ(୨୭)। ତାଙ୍କ ନିକଟରୁ ଏକ ଲାପ୍‌ଟପ୍, ୫ଟି ମୋବାଇଲ ଫୋନ୍, ନକଲି ଆଇ କାର୍ଡ, ପୋଲିସ ପୋଷାକ, ଟୋପି, ନାମଫଳକ, ଷ୍ଟାର, ଲୋଗୋ, ପୋଲିସ ଷ୍ଟାମ୍ପ, ଚେକ୍‌ବୁକ୍ ଆଦି ଜବତ କରାଯାଇଛି। ଏଥିସହ ତାଙ୍କ ଆକାଉଣ୍ଟରେ ଥିବା ୪ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି। ଏଥିସହ ଚାକିରି ଆଶାୟୀମାନେ ଏଭଳି ଠକମାନଙ୍କ ପ୍ରତି ସତର୍କ ରହିବା ସହ ସେମାନଙ୍କୁ ବିଶ୍ୱାସ ନ କରିବାକୁ କହିଛନ୍ତି। ସରକାରୀ ନିଯୁକ୍ତି ସ୍ୱଚ୍ଛ ଭାବେ ହୋଇଥାଏ। ତେଣୁ କେହି ଏଭଳି ପ୍ରତିଶ୍ରୁତି ଦେଇ ଟଙ୍କା ମାଗିଲେ ତୁରନ୍ତ ନିକଟସ୍ଥ ଥାନାରେ ଜଣାଇବାକୁ ଡିସିପି କହିଛନ୍ତି।

ସୂଚନାନୁସାରେ, ଠକାମିର ଶିକାର ହୋଇଥିବା ପୀଡ଼ିତ ଜଣଙ୍କ କଟକ ନେତାଜୀ ବସ୍ ଟର୍ମିନାଲରେ ଜଣେ ସିକ୍ୟୁରିଟ୍ ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସେ ହୋମ୍‌ଗାର୍ଡ ଚାକିରି ନିମନ୍ତେ ଆବେଦନ କରିଥିଲେ। ଇତିମଧ୍ୟରେ ସେ ଅଭିଯୁକ୍ତ ଗୁଣ୍ଡିଚାଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ଗ୍ରାମାଞ୍ଚଳ ଏସ୍‌ପି ଅଫିସରେ ଇନ୍ସପେକ୍ଟର ଥିବା କହି ତାଙ୍କୁ ପ୍ରଭାବିତ କରିଥିଲେ। ତାଙ୍କୁ ନିଜର ପୋଲିସ ୟୁନିଫର୍ମ ଓ ଆଇକାର୍ଡ ମଧ ଦେଖାଇଥିଲେ। ଏଥିସହ ହୋମ୍‌ଗାର୍ଡ ଚାକିରି କରାଇଦେଲେ ୧.୫ ଲକ୍ଷ ଟଙ୍କା ନେବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପୀଡ଼ିତ ତାଙ୍କୁ ପ୍ରାଥମିକ ଭାବେ ୧୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ।

# ଝିଅକୁ ହେମଦସ୍ତାରେ ପିଟି ଆତ୍ମହତ୍ୟା କଲେ ବାପା

**ଚାନ୍ଦବାଲି,୨।୪(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଁଶଡ଼ା ଥାନା ଅଧୀନ ତୋଟାପଡ଼ା ଗାଁର ଜେନାସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅକୁ ହେମଦସ୍ତାରେ ପିଟି ଗୁରୁତର କରିବା ପରେ ବାପା ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ତୋଟାପଡ଼ା ଗାଁ ଜେନାସାହିର ସୁରେନ୍ଦ୍ର ଜେନା ଅପରାହ୍ନରେ କୌଣସି କାରଣରୁ ରାଗିଯାଇ ଅଷ୍ଟମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ଗୀତାଞ୍ଜଳିଙ୍କୁ ହେମଦସ୍ତାରେ ପିଟି ଗୁରୁତର କରିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ଏକ ଗଛରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଗୀତାଞ୍ଜଳିଙ୍କୁ ଗୁରୁତର ଅବସ୍ଥାରେ ପଡ଼ୋଶୀମାନେ ଉଦ୍ଧାର କରି ପ୍ରଥମେ ତିହିଡ଼ି ମେଡିକାଲ ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଘଟଣାସ୍ଥଳରେ ଘଣ୍ଟେଶ୍ୱର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, କିଛି ମାସ ହେବ ସୁରେନ୍ଦ୍ରଙ୍କ ସ୍ତ୍ରୀ ନିଖୋଜ ଥିବାରୁ ବାପା ଝିଅ ଘରେ ରହୁଥିଲେ।

# ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସବାବପତ୍ର ବାଜ୍ୟାପ୍ତି

## ଠିକାସଂସ୍ଥା ଟଙ୍କା ପ୍ରଦାନରେ ଅବହେଳାରୁ କାର୍ଯ୍ୟାନୁଷ୍ଠାନ

**ସମ୍ବଲପୁର,୨।୪ (ପ୍ରମୋଦ ବହିଦାର)**

ଠିକାକାମ ବାବଦ ଟଙ୍କା ନ ଦେବାରୁ ବୁଧବାର ସମ୍ବଲପୁର ଜାତୀୟ ରାଜପଥ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି ଅଦାଲତ। ୨୦୦୭-୨୦୦୮ ମସିହାରେ କେନ୍ଦୁଝର ଜିଲା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ପ୍ରାୟ ୧୨କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ କାମ ଠିକାସଂସ୍ଥା ଓରିଏଣ୍ଟ କନ୍‌ଷ୍ଟ୍ରକ୍‌ଶନ୍ ପ୍ରାଇଭେଟ୍ ଲିମିଟେଡ୍ କରିଥିଲା। ହେଲେ ଏହି କାର୍ଯ୍ୟ ବାବଦକୁ ଜାତୀୟ ରାଜପଥ(ଏନ୍‌ଏଚ୍) ଡିଭିଜନ ଉକ୍ତ ଠିକାସଂସ୍ଥାକୁ ୭୪ଲକ୍ଷ ୧୬ହଜାର ୧୧୮ ଟଙ୍କା ପ୍ରଦାନ କରି ନ ଥିଲା। ଏହାକୁ ସମ୍ପୃକ୍ତ ଠିକାସଂସ୍ଥା ସମ୍ବଲପୁର ସିନିୟର ଡିଭିଜନ ସିଭିଲ୍ ଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାରକରି ଅଦାଲତ ୨୦୧୩ ମସିହାରେ ଆବେଦନକାରୀ ଠିକାସଂସ୍ଥାକୁ ବକେୟା ଟଙ୍କା ଉପରେ ସୁଧକୁ ମିଶାଇ ମୋଟ ୧ କୋଟି ୪୨ଲକ୍ଷ ୨ହଜାର ୮୬୬ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏନ୍‌ଏଚ୍ ଡିଭିଜନ ପକ୍ଷରୁ ଉକ୍ତ ଟଙ୍କା ପ୍ରଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଅଦାଲତ ପକ୍ଷରୁ ଗତ ମାର୍ଚ୍ଚ ୭ରେ ଜାରି ନିର୍ଦ୍ଦେଶ ଅନୁସାରେ ବୁଧବାର ଅଦାଲତର ପ୍ରୋସେସ ସର୍ଭରମାନେ ସମ୍ବଲପୁର ଜାତୀୟ ରାଜପଥ ଡିଭିଜନର ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଅସ୍ଥାବର ସମ୍ପତ୍ତି ଓ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି। ସେଥିମଧ୍ୟରେ କାର୍ଯ୍ୟାଳୟ ଆଲମାରୀ, ଟେବୁଲ, ଚୌକି, କମ୍ପ୍ୟୁଟର, ପ୍ରିଣ୍ଟର, ଫ୍ୟାକ୍ସ ମେଶିନ, ଟିଭି, ମନିଟର, ଇନ୍‌ଭର୍ଟର ଆଦି ସାମଗ୍ରୀ ରହିଛି।



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମ୍ପତି ଜବତ ହେଉଛି।

ଅଦାଲତରେ ଏହି ମାମଲାକୁ ପରିଚାଳନା କରୁଥିବା ଠିକାସଂସ୍ଥା ଓକିଲ ସୌରୀ ନାରାୟଣ ପାଢ଼ୀ କହିଛନ୍ତି, ବାରମ୍ବାର ଅନୁରୋଧ ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ବକେୟା ରାଶି ପ୍ରଦାନ କରି ନ ଥିଲେ। ଫଳରେ ସମ୍ପୃକ୍ତ ଠିକାସଂସ୍ଥାର ଆବେଦନ କ୍ରମେ ଅଦାଲତ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ସମ୍ବଲପୁର ଜାତୀୟ ରାଜପଥ ସର୍କଲର ବ୍ୟକ୍ତିଗତ ସହାୟକ ଶ୍ୟାମ ସୁନ୍ଦର ପ୍ରସାଦ ରାମ କହିଛନ୍ତି, ଏ ବାବଦରେ ବିଭାଗର ଉଚ୍ଚ ଅଧିକାରୀମାନେ ହିଁ କହିପାରିବେ। ତେବେ ଅଦାଲତଙ୍କ ପକ୍ଷରୁ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ରକୁ ବାଜ୍ୟାପ୍ତ କରାଯାଇଥିବା ସେ କହିଛନ୍ତି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେହଟି ସରୁଆ ମୁହଁଟି ଚେପା**
**ଏହାକୁ ପରତେ ନ ଯିବ ବାପା।**

ଅପେକ୍ଷାକୃତ ଶରୀର ପତଳା ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଧ ଘଡ଼ିକି ଆଶା**
**ପୁଅ ମୁଣ୍ଡକୁ ଆଶା।**

କୃପଣ ବ୍ୟକ୍ତି ହାତରୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ଚାହିଁ ନ ଥାନ୍ତି। ଖର୍ଚ୍ଚ କଥା ପଡ଼ିଲେ ଦେହରୁ ରକ୍ତ ଶୁଖିଯାଇଥାଏ। ଗୋଟିଏ ପଟେ ପିଲାର ଭଲ ମନ୍ଦ ନେଇ ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତାଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭାରପ୍ରାପ୍ତ ସମବାୟ ସମିତି ସମ୍ପାଦକ ଗିରଫ

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅର୍ଥ ଆତ୍ମସାତ

**ବାଲେଶ୍ୱର,୨।୪(ବାଞ୍ଛାନିଧି ଦେ)**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷତିପୂରଣ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦୁର୍ଗାଦେବୀ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଗିରିଶ ଚନ୍ଦ୍ର ବେହେରାଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ଏ ନେଇ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ ୨୦୧୮ ଅନୁଯାୟୀ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ହେବା ସହ ଗିରିଶଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ସୂଚନା ଅନୁଯାୟୀ, ୨୦୨୧-୨୩ ମସିହା ମଧରେ ଚାଷ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଦୁର୍ଗାଦେବୀ ଅଞ୍ଚଳର ୩୮ଜଣ ଚାଷୀଙ୍କ କ୍ଷତିପୂରଣ ବାବଦ ୫ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗର ତଦନ୍ତରେ ସମ୍ପୃକ୍ତ କ୍ଷତିପୂରଣ ଅର୍ଥ ବାବଦରେ ଗିରିଶ ଉପଯୁକ୍ତ ତଥ୍ୟ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା।

# ପ୍ରେମିକଙ୍କୁ ଅପହରଣ କରି ୧୦ ଲକ୍ଷର ମୁଣ୍ଡଜାମିନ

## ପ୍ରେମିକାଙ୍କ ସହ ୪ ଯୁବକ ହୋଟେଲରୁ ଗିରଫ

- ହୋଟେଲରେ ବନ୍ଦୀ କରି ରଖିଥିଲେ, ଉଦ୍ଧାର କଲା ପୋଲିସ
- ବଡ଼ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହାୟତାରେ କାଣ୍ଡ ଭିଆଇଥିଲେ







ଗିରଫ ଯୁବତୀଙ୍କ ସମେତ ଅଭିଯୁକ୍ତ।

**ଭୁବନେଶ୍ୱର,୨।୪(ସତ୍ୟଜିତ୍ ରାଉତ)**

ନିବିଡ଼ ପ୍ରେମ ସମ୍ପର୍କରୁ ଲିଭ୍ ଇନ୍। ପରେ ପ୍ରେମିକାଙ୍କ ଚରିତ୍ର ଉପରେ ସନ୍ଦେହ ବଢ଼ିବାରୁ ହୋଇଥିଲା ଝଗଡ଼ାର ସୂତ୍ରପାତ। ଏଥିପାଇଁ ପ୍ରେମିକାଙ୍କୁ ଶାସ୍ତି ଦେବାକୁ କରିଥିଲେ ବଡ଼ ଷଡ଼ଯନ୍ତ୍ର। ବଡ଼ ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହଯୋଗରେ ନିଜ ଲିଭ୍ ଇନ୍ ପାର୍ଟନରଙ୍କୁ ନିଘୁଞ୍ଚ ମାଡ଼ ମାରିବା ସହ କରାଇଥିଲେ ଅପହରଣ। ଏପରି କି ଅଭିଯୁକ୍ତମାନେ ମୁଣ୍ଡ ଜାମିନ ପାଇଁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ମାମଲାରେ କମିଶନରେଟ୍ ପୋଲିସ ବୁଧବାର ଭୁବନେଶ୍ୱରର ଏକ ହୋଟେଲରୁ ଅପହର୍ତ୍ତାଙ୍କ କବଳରୁ ଜଗତସିଂହପୁର ଜିଲା ଘଡ଼ିମୂଳ ଗାଁର ଅପହୃତ ଯୁବକ ସୋମନାଥ ସ୍ୱାଇଁଙ୍କୁ ଉଦ୍ଧାର କରିଛି। ଏଥିସହ ପ୍ରେମିକା ଝାଡ଼ଖଣ୍ଡ ଜାମସେଦପୁରର ପ୍ରାପ୍ତି ଶର୍ମା(୨୩), ତାଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ଏବଂ ଅନ୍ୟ ୩ ଯୁବକଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପ୍ରାପ୍ତିଙ୍କ ବଡ଼ବଉଣୀଙ୍କ ପୁରୁଷବନ୍ଧୁ ପାହାଳ ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମର ଆକାଶ କୁମାର ପରିଜା(୨୯) ଏବଂ କଳିଙ୍ଗନଗର ଶାମପୁରରେ ରହୁଥିବା ଢେଙ୍କାନାଳ ଜିଲା କାମାକ୍ଷାନଗରର ରାକେଶ ଚନ୍ଦ୍ର ବାରିକ(୩୩), ପାରାଦୀପର ଶ୍ୟାମସୁନ୍ଦର ସାହୁ (୨୨) ଓ ଭରତପୁରର ଶିବରାମ ବେହେରା(୨୮)। ଅଭିଯୁକ୍ତଙ୍କ ନିକଟରୁ ଏକ ଆଇ-୨୦ କାର୍ (ଓଡି୦୫-ଏଜେଡ୍-୩୫୮୭), ହୋଣ୍ଡା ସିଟି କାର୍ (ଓଡି୦୨-ଏପି-୩୪୪୩), ୮ ମୋବାଇଲ, ଆକ୍ରମଣରେ ବ୍ୟବହୃତ ବାଡ଼ି, କାଠଫାଳିଆ ଜବତ ହୋଇଛି। କୋର୍ଟ ଚାଲାଣ ପରେ ୫ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ପ୍ରେମିକା ପ୍ରାପ୍ତିଙ୍କ ସହ ସୋମନାଥ ଝାରପଡ଼ା ମହାବୀରନଗର ଲେନସ୍ଥିତ ଭଡ଼ାଘରେ ୩ବର୍ଷ ହେବ ଲିଭ୍ ଇନ୍‌ରେ ରହୁଥିଲେ। ସୋମନାଥଙ୍କ ଅନ୍ୟ ପରିବାର ସଦସ୍ୟମାନେ ଜାମସେଦ୍‌ପୁରରେ ରୁହନ୍ତି। ପ୍ରାପ୍ତି ଆଉ ଜଣେ ଯୁବକଙ୍କ ସହ ସମ୍ପର୍କ ରଖିଥିବା ସୋମନାଥ ସନ୍ଦେହ କରିଥିଲେ। ଫଳରେ ଉଭୟଙ୍କ ମଧରେ କିଛିଦିନ ହେଲା ଝଗଡ଼ା ହେଉଥିଲା। ଗତ ୩୦ତାରିଖରେ ସୋମନାଥ ଓ ପ୍ରାପ୍ତିଙ୍କ ମଧରେ ପ୍ରବଳ କଥା କଟାକଟି ଓ ବଚସା ହୋଇଥିଲା। ଏତିକିବେଳେ ପ୍ରାପ୍ତିଙ୍କୁ ସୋମନାଥ ମାଡ଼ ମାରିଥିଲେ। ସୋମନାଥ ମାଡ଼ ମାରିଥିବା ନେଇ ପ୍ରାପ୍ତି ନିଜ ବଡ଼ଭଉଣୀଙ୍କୁ କହିଥିଲେ। ପରେ ବଡ଼ଭଉଣୀ ଆକାଶଙ୍କୁ କହିଥିଲେ। ସେହିଦିନ ଆକାଶ କାର୍‌ରେ ଅନ୍ୟ ୩ ସହଯୋଗୀଙ୍କ ସହ ଝାରପଡ଼ାସ୍ଥିତ ଭଡ଼ାଘରକୁ ଆସିଥିଲେ। ସେମାନେ ସୋମନାଥଙ୍କୁ କାଠଫାଳିଆ, ବାଡ଼ି ଆଦିରେ ଆକ୍ରମଣ କରିବା ସହ ବଳପୂର୍ବକ ଅପହରଣ କରିନେଇଥିଲେ। ଅଭିଯୁକ୍ତମାନେ ସୋମନାଥଙ୍କୁ ସମ୍ ହସ୍ପିଟାଲ ନିକଟ ଏକ ହୋଟେଲକୁ ନେଇ ବନ୍ଦୀ କରି ରଖିଥିଲେ। ଜଣେ ଅଭିଯୁକ୍ତ ମାର୍ଚ୍ଚ ୩୧ ରାତି ପ୍ରାୟ ୧୦ଟା ୩୦ରେ ସୋମନାଥଙ୍କ ମୋବାଇଲରୁ ଜାମ୍‌ସେଦପୁରରେ ରହୁଥିବା ତାଙ୍କ ଭଉଣୀ ଅଞ୍ଜିତାଙ୍କୁ କଲ୍ କରିଥିଲେ। ସୋମନାଥଙ୍କୁ ମୁକୁଳାଇବା ପାଇଁ ସେମାନେ ୧୦ ଲକ୍ଷ ଟଙ୍କା ମାଗିଥିଲେ। ଏହି ଘଟଣାରେ ଅଞ୍ଜିତା ଭୁବନେଶ୍ୱର ଆସି ଖାରବେଳନଗର ଅଞ୍ଚଳରେ ସୋମନାଥ ରହୁଥିବା ଶୁଣିବାକୁ ପାଇ ଉକ୍ତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଭାଇଙ୍କ ସହ ରହୁଥିବା ପ୍ରାପ୍ତି ହିଁ ଏନେଇ ଜାଣିଥିବା ସେ ଆଶଙ୍କା କରି ପୋଲିସକୁ ଜଣାଇଥିଲେ। ଥାନାରେ ମାମଲା (ନଂ.୧୩୧/୨୦୨୫) ରୁଜୁ ହେବା ସହ ତଦନ୍ତ ପାଇଁ ପୋଲିସ ୩ଟି ଟିମ୍ ଗଠନ କରିଥିଲା। ଫୋନ କଲ୍, ସିସିଟିଭି ଫୁଟେଜ୍ ଏବଂ ଅନ୍ୟ ବୈଷୟିକ ତଥ୍ୟ ସାହାଯ୍ୟରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ମାମଲା ରୁଜୁ ହେବାର ୬ଘଣ୍ଟା ଭିତରେ ଅପହର୍ତ୍ତାଙ୍କ କବଳରୁ ଅପହୃତଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨।୪

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ବର୍ନ ୟୁନିଟ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୬ ଶଯ୍ୟା ବିଶିଷ୍ଟ ବର୍ନ ୟୁନିଟ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଦ୍ୱାରା ପ୍ରଦାନ କରାଯିବ। ବିଶେଷ କରି ପୋଡ଼ିହୋଇଯାଇଥିବା ଅନେକ ଗୁରୁତର ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ। ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ବର୍ନ ୟୁନିଟ୍ ଗମ୍ଭୀର ଭାବେ ଆଘାତ ହୋଇଥିବା ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ପାଇଁ ସମର୍ପିତ ରହିଛି। ଏଥିରେ ଜରୁରିକାଳୀନ ଚିକିତ୍ସା, ସର୍ଜରି,



ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଆଇସିୟୁ ଏବଂ ପୁନର୍ବାସନ ସେବା ଯୋଗାଇ ଦିଆଯାଉଛି। ରୋଗୀଙ୍କ ଭଲ ଭାବେ ଚିକିତ୍ସା କରିବା ପାଇଁ ଏହି ବର୍ନ ୟୁନିଟ୍‌ରେ ବ୍ୟକ୍ତିଗତ ଆଇସୋଲେଶନ ୱାର୍ଡ ସୃଷ୍ଟି କରାଯାଇଛି, ଯାହାକି ସଂକ୍ରମଣ ହେବା ସମ୍ଭାବନାକୁ କମ୍ କରିଥାଏ।

ଏହି ଅବସରରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ, ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ମଧୁର ଗୋପାଲ , କ୍ଲଷ୍ଟର ଡାଇରେକ୍ଟର ସୁଧାକର କାଣ୍ଟିପୁଡି, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲର ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ବିଶ୍ୱଜିତ ମିଶ୍ର ଏବଂ ଡାକ୍ତର କୀର୍ତ୍ତିକେତନ ପ୍ରଧାନ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ କହିଛନ୍ତି , ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ବର୍ନ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିଭଳି ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, ହସ୍ପିଟାଲରେ ବର୍ନ ୟୁନିଟ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଖୁସି ଖବର। ଏହା ଫଳରେ ଆମେ ସମସ୍ତ ପ୍ରକାର ବର୍ନ ସମସ୍ୟାର ସଫଳ ଚିକିତ୍ସା କରିବା ପାଇଁ ସହାୟକ ହେବ। ଏଥିପାଇଁ ସେ ବର୍ନ ୟୁନିଟ୍‌ର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏକ ସୌଜନ୍ୟମୂଳକ ସାକ୍ଷାତ ସହ ପୁଷ୍ପ ଗୁଚ୍ଛଦେଇ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଉଛନ୍ତି। ଏହି ପରିପ୍ରେକ୍ଷୀରେ ଅଗ୍ରୱାଲ ମାଝୀଙ୍କ ସହ ଓଡ଼ିଶାର ନିବେଶ ଓ କମ୍ପାନୀର କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨।୪

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯୩ (୫୯୨.୯୩) ପଏଣ୍ଟ ବୃଦ୍ଧି ଘଟି ୭୬,୬୧୭ (୭୬,୬୧୭.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୧୬୭ (୧୬୬.୬୫) ପଏଣ୍ଟ ବଢି ୨୩,୩୩୨ (୨୩,୩୩୨.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ବଜାର ଚାହିଦାକୁ ଦେଖି ବ୍ୟବସାୟ କରିବା ଉଚିତ

**କେନ୍ଦୁଝର ଜିଲା ବଡ଼ବିଲଠାରେ ଏସେନ୍ ହିରୋର ନିର୍ଦ୍ଦେଶକ ପ୍ରଦୀପ କୁମାର ଥାକରଙ୍କ ଜନ୍ମ। ସେଠାରେ ସ୍କୁଲ ପଢ଼ା ସାରିବା ପରେ ଭୁବନେଶ୍ୱର ବିଜେବି କଲେଜରୁ ବାଣିଜ୍ୟରେ ସମ୍ମାନ ସହ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାନ୍ସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ ପରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମାତ୍ର ସେ ଚାକିରିରେ ବାନ୍ଧି ହୋଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟ ଜଗତରେ ପାଦ ଦେଇଥିଲେ। ଖଣି ବ୍ୟବସାୟ, ରିୟଲ ଇଷ୍ଟେଟ୍ ଓ ଅଟୋମୋବାଇଲ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଚିତ ଥାକରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**



ପ୍ରଦୀପ କୁମାର ଥାକର

**ପ୍ର- ଚାକିରି ଜୀବନରୁ ବ୍ୟବସାୟିକ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ- ଦିଲ୍ଲୀଠାରେ ମୋଦି ଜେରକ୍ସ କମ୍ପାନୀରେ ଫାଇନାନ୍ସମ୍ୟାନେଜର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି। ମାତ୍ର ବ୍ୟବସାୟ ପ୍ରତି ମୋର ବେଶ୍ ରୁଚି ଥିଲା। ବଡ଼ବିଲରେ ମୋ ବାପାଙ୍କ ଖଣି ବ୍ୟବସାୟ ଥିଲା। ତେଣୁ ବାପାଙ୍କ ପ୍ରେରଣାରେ ମୁଁ ପାରିବାରିକ ବ୍ୟବସାୟରେ ଯୋଗଦେଲି। ପୂର୍ବରୁ ମୋର ୨ ବଡ଼ଭାଇ ମଧ ଖଣି ଖନନ କାର୍ଯ୍ୟରେ ବାପାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ମୁଁ ବ୍ୟବସାୟକୁ ଆଉ ଟିକେ ମେକାନାଇଜ କରି ବଡ଼ ବଡ଼ ଯନ୍ତ୍ର ଲଗାଇ ଅଭିବୃଦ୍ଧି କରାଇଲି। ୧୯୯୭ ମସିହାରେ ଦାମୀ ଖଣିଖୋଳା ମେଶିନ କୋମାସୁ ବଡ଼ବିଲ ଓ କେନ୍ଦୁଝରରେ ବିକ୍ରୟ ଆରମ୍ଭ କଲି। କେନ୍ଦୁଝର ଜିଲା ଖଣି ପରିବ୍ୟାପ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ଏହି ମେଶିନର ବିକ୍ରୟ ଓ ସେବା ବେଶ୍ ଭଲ ଚାଲିଲା।

**ପ୍ର- ଖଣି ବ୍ୟବସାୟ ଥିବା ସତ୍ତ୍ୱେ ରିୟଲ ଇଷ୍ଟେଟ୍‌କୁ ବାଛିଲେ କାହିଁକି?**

ଉ- ୨୦୦୩ରେ ବଡ଼ବିଲଠାରେ ଖଣି ବ୍ୟବସାୟ ସହ ସମ୍ପୃକ୍ତ ଓ ଖନନରେ ଯୋଡ଼ି ହୋଇଥିବା ବହୁ ଲୋକ କାର୍ଯ୍ୟରତ ଥାଆନ୍ତି। ମାତ୍ର ଏଠାରେ ବସବାସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ନ ଥିଲା। ଏହାର ଆବଶ୍ୟକତାକୁ ମୁଁ ଉପଲବ୍ଧି କରି ପ୍ରଥମେ ବଡ଼ବିଲଠାରେ ଏସେନ୍ କନ୍‌ଷ୍ଟ୍ରକ୍ସନ୍ ଆରମ୍ଭ କଲି। ଏହି ପ୍ରକଳ୍ପରେ ୪ଟି ବ୍ଲକରେ ୧୦୦ଟି ଫ୍ଲାଟର ଯୋଜନା ରହିଥିଲା। ସେତେବେଳେ ଫ୍ଲାଟର ଚାହିଦା ଭଲ ଥିବା ହେତୁ ମୁଁ ସଫଳ ହେଲି ଓ ଏହି ଅଭିଜ୍ଞତାକୁ ନେଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଲାଇଫ୍ ଷ୍ଟାଇଲ୍ ଇନ୍‌ଫୋସିଟି ଗ୍ରୀନ୍ ନାମରେ ଆଉ ଏକ ପ୍ରକଳ୍ପ ଆରମ୍ଭ କଲି।

**ପ୍ର- ବର୍ତ୍ତମାନ ରିଅଲ୍ ଇଷ୍ଟେଟ ବ୍ୟବସାୟରେ ଉନ୍ନତି କିପରି ଦେଖୁଛନ୍ତି?**

ଉ- ରିଅଲ ଇଷ୍ଟେଟ୍ ବ୍ୟବସାୟରେ ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବଡବିଲ, ଝାରସୁଗୁଡ଼ା ଓ ବରଗଡ଼ ଆଦି ଅଞ୍ଚଳରେ ଆମେ ୪୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିପାରିଛୁ। ଏଥିରେ ପ୍ରାୟତଃ ୨୦୦୦ରୁ ଅଧିକ ଫ୍ଲାଟ୍ ଆମେ ବିକ୍ରି କରିପାରିଛୁ। ପରେ ଖୁସି ରିୟଲକନ୍ ପ୍ରାଇଭେଟ ଲିମିଟେଡ୍ ଆରମ୍ଭ କରି ବଡ଼ ପ୍ରକଳ୍ପକୁ ନିର୍ମାଣ କରିବାରେ ନିଷ୍ପତ୍ତି ନେବାକୁ ହେଲା।

**ପ୍ର- ଦୁଇ ଦୁଇଟି କ୍ଷେତ୍ରରେ ସଫଳ ହେବା ପରେ ଅଟୋ ମୋବାଇଲ ବ୍ୟବସାୟ କଥା କିପରି ଚିନ୍ତା କଲେ?**

ଉ- ପୂର୍ବରୁ ଅଟୋମୋବାଇଲର ଅଭିଜ୍ଞତା ଥିଲା। ଉତ୍ତର ପିଢ଼ିକୁ ନୂଆ ଦିଗ ଦେଖାଇବା ପାଇଁ ଏସେନ୍ ଅଟୋ ମୋବାଇଲ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ ପାଇଁ ଚିନ୍ତା କରିଥିଲୁ। ଓଡ଼ିଶାରେ ୨ ଚକିଆଯାନର ବହୁଳ ବ୍ୟବହାର ରହିଛି। ଏଥିରେ ମୋର ବଡ଼ ପୁତୁରା ସୌରଭ ଥାକର୍ ମୁଖ୍ୟ ଭୂମିକା ନେଇ ସବୁ ଦେଖାଶୁଣା କରୁଛନ୍ତି। ସେ ମୋଠାରୁ କେବଳ ଆର୍ଥିକ କ୍ଷେତ୍ରରେ ପରାମର୍ଶ ନେଇଥାନ୍ତି। କଟକର ଶିଖରପୁର ଓ ପୁରୀ ଘାଟସ୍ଥିତ ହିରୋ ମୋଟୋ କର୍ପ ଆମନ୍ତ୍ରଣ କ୍ରମେ ହିରୋ ପ୍ରିମିୟା- ଶୋରୁମ ଖୋଲିବାର ନିଷ୍ପତ୍ତି ନେଲୁ। ଏଥିରେ ୧୫୦ ସିସିରୁ ୬୫୦ ସିସି ପର୍ଯ୍ୟନ୍ତ ପ୍ରିମିୟମ୍ ଯାନ ପ୍ରତି ବିଶେଷ ଧ୍ୟାନ ଦେଲୁ। ଗୋଟିଏ ସ୍ଥାନରେ ଯୁବବର୍ଗ ଏବଂ ବାଇକ୍ ଲଭରଙ୍କ ଆଶା ପୂରଣ କରିବାରେ ସଫଳ ହୋଇପାରିଛୁ।

**ପ୍ର- ବ୍ୟବସାୟିକ ସଫଳତା କେତେ ସନ୍ତୋଷ ପ୍ରଦାନ କରିଥାଏ? ଆଗାମୀ ଦିନରେ ବ୍ୟବସାୟ ବଢ଼ାଇବାର ଯୋଜନା ରହିଛି କି?**

ଉ- ବ୍ୟବସାୟରେ ଏକ ଛୋଟ ଆରମ୍ଭରୁ ନେଇ ୨୦୦ ଲୋକଙ୍କୁ ନିଯୁକ୍ତି ପ୍ରଦାନର ଯାତ୍ରା ଖୁବ୍ ସନ୍ତୋଷଜନକ ରହିଛି। ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ଆମ ସହ ଯେବେଠାରୁ ଯୋଡ଼ି ହୋଇଛନ୍ତି ସେବେଠାରୁ ଛାଡ଼ିଯିବାକୁ ଚାହାନ୍ତି ନାହିଁ। ଆମେ ଉଚ୍ଚଶିକ୍ଷିତ କିମ୍ବା କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ଉପରେ ବିଶ୍ୱାସ ରଖୁନା ବରଂ ଆମ କମ୍ପାନୀରେ ନିଯୁକ୍ତ ହେଉଥିବା କର୍ମଚାରୀଙ୍କୁ ଶିକ୍ଷିତ ଓ ଦକ୍ଷ କରିବା ପାଇଁ ସମୟ ଓ ସୁଯୋଗ ପ୍ରଦାନ କରିଥାଉ। ବ୍ୟବସାୟରେ କେତେ ଲାଭବାନ ହେଲୁ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଆମ କମ୍ପାନୀର କେତେ ଲୋକ ଉତ୍ତମ ଜୀବନଯାପନ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଆମେ ଓଡ଼ିଶା ସହିତ ଅନ୍ୟ ରାଜ୍ୟରେ ୨ ଚକିଆ ଓ ୪ ଚକିଆ ଯାନର ଡିଲରଶିପ୍ ସ୍ଥାପନ କରିବୁ। ଏହା ବ୍ୟତୀତ ଅନ୍ୟାନ୍ୟ ଜିଲାର ସଦର ମହକୁମାରେ ହାଉସିଂ ପ୍ରୋଜେକ୍ଟ କରିବାର ଲକ୍ଷ୍ୟ ରହିଛି।

**ପ୍ର- ନୂତନ ଯୁବପିଢ଼ି ପାଇଁ ଆପଣଙ୍କ ସନ୍ଦେଶ କ'ଣ ରହିବ?**

ଉ- ଶୃଙ୍ଖଳିତ କାମ କଲେ ସଫଳତା ନିଶ୍ଚିତ। ନିରବଚ୍ଛିନ୍ନ ପରିଶ୍ରମ ବଜାର ଚାହିଦାକୁ ଆଖି ଆଗରେ ରଖି ବ୍ୟବସାୟ କଲେ, ସଫଳତା ବାଟ କଢ଼ାଇ ନେବ।

ସାକ୍ଷାତ୍‌କାର - **ପ୍ରଦୀପ୍ତ ରଥ**, କଟକ

# ଟାଟା ଷ୍ଟିଲ୍‌ର ଏଫ୍‌ଏଏମ୍‌ଡି ପୁରସ୍କୃତ

ଭୁବନେଶ୍ୱର,୨।୪

ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ନିକଟରେ ବେଷ୍ଟ ଇଣ୍ଟିଗ୍ରେଟେଡ୍ ୱାଟର ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଶ୍ରେଷ୍ଠ ସମନ୍ୱିତ ଜଳ ପରିଚାଳନା ପ୍ରକଳ୍ପ) ପାଇଁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୱାଟର ଡାଇଜେଷ୍ଟ ୱାର୍ଲଡ ୱାଟର ଆୱାର୍ଡସ- ୨୦୨୫ରେ ଏଫ୍‌ଏଏମ୍‌ଡିକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଟାଟା ଷ୍ଟିଲ୍‌କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିର ପ୍ରକଳ୍ପ, ପ୍ରଯୁକ୍ତି ଓ ଇମ୍ପ୍ରୁଭମେଣ୍ଟ ମୁଖ୍ୟ ନତାଶା ଝା କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଭାରତର ପ୍ରିମିୟର ଜଳ ପତ୍ରିକା 'ୱାଟର ଡାଇଜେଷ୍ଟ' ପକ୍ଷରୁ ଆୟୋଜିତ ଏହି ସମାରୋହରେ ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଏବଂ କାର୍ଯ୍ୟକ୍ଷେତ୍ରରେ ସ୍ଥାୟିତ୍ୱ ପାଇଁ ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ସ୍ୱୀକୃତି ଦିଆଯିବା ସହ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜଳଯୋଦ୍ଧା ଓ ସେମାନଙ୍କ ସଫଳତାକୁ ସେଲିବ୍ରେଟ କରିବା ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏ ନେଇ ଟାଟା ଷ୍ଟିଲ୍(ଏଫ୍‌ଏଏମ୍‌ଡି)ର ଏକ୍‌ଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଭାରତ ହେଉଛି ଜଳାଭାବର ଏକ ଦେଶ ଏବଂ କୃଷି, ଗୋଷ୍ଠୀ ଓ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଏହି ନିଅଣ୍ଟ ସମ୍ବଳ ପାଇବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜଳ ଉପଯୋଗିତା କମ୍ କରିବା ଲାଗି ଆମେ ଆମ ତରଫରୁ ଉଦ୍ୟମ କରୁଛୁ। ଏହି ଯାତ୍ରାରେ ଅଭିନବ ଡିଜିଟାଲ ସମାଧାନ ଗ୍ରହଣ କରିବା ଦିଗରେ ଆମ ପ୍ରତିବଦ୍ଧତା ଓ ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ବହୁତ ଖୁସି ଅଛୁ।

# କିଟ୍, ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)

ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ କିଟ୍ ଓ ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଏହାର ଅଧ୍ୟକ୍ଷ ତଥା କେଲନିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ହେଉଛି ଶ୍ରୀଲଙ୍କାର ରସାୟନ ବିଜ୍ଞାନୀଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତିଷ୍ଠିତ ବୃତ୍ତିଗତ ସଂସ୍ଥା। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶୈକ୍ଷିକ ବିନିମୟ ଓ ମିଳିତ ଗବେଷଣା ପାଇଁ ପଦକ୍ଷେପ ନେବା ସହ ରସାୟନ ବିଜ୍ଞାନ କ୍ଷେତ୍ରରେ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମକୁ



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଓ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ଅଧ୍ୟକ୍ଷା ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ।

ପ୍ରୋତ୍ସାହିତ କରିବେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓପନ ୟୁନିଭର୍ସିଟି ଅଫ୍ ଶ୍ରୀଲଙ୍କାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ଥେଲମା ଆବେସିଂଘେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତା କିଟ୍ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଗବେଷଣା, ଅଧ୍ୟାପକ ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଏବଂ ଜ୍ଞାନର ଆଦାନପ୍ରଦାନ ପଦକ୍ଷେପକୁ ସହଜ କରିବ ବୋଲି ଆଶା କରାଯାଉଛି।

# ୫ଜି ଡାଉନ୍‌ଲୋଡ୍ ସ୍ପିଡ୍‌ରେ ଜିଓ ଦ୍ରୁତତମ

ମୁମ୍ବାଇ,୨।୪

୫ ଜି ଡାଉନ୍‌ଲୋଡ୍ ସ୍ପିଡ୍ ଦୌଡ଼ରେ ରିଲାଏନ୍ସ ଜିଓ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଛି ବୋଲି ଓକଲା ପକ୍ଷରୁ କୁହାଯାଇଛି। ଏପରିକି ଓକଲା ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୨୫୮.୫୪ ଏମ୍‌ବିପିଏସ୍ ରେକର୍ଡ କରାଯାଇଛି। ଏୟାରଟେଲ୍ ୨୦୫.୧ ଏମ୍‌ବିପିଏସ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଓକଲା ୨୦୨୪ ଜୁଲାଇ ଏବଂ ଡିସେମ୍ବର ମଧ୍ୟରେ ସାରା ଦେଶରୁ ଏହି ତଥ୍ୟ ସଂଗ୍ରହ କରିଥିଲା। ରିଲାଏନ୍ସ ଜିଓ ୫ଜି ସହିତ ସାମଗ୍ରିକ ଭାବରେ ମଧ ଦ୍ରୁତତମ ମୋବାଇଲ୍ ନେଟ୍‌ୱର୍କର ଆଖ୍ୟା ମଧ ହାସଲ କରିଛି। ଜିଓ ଭାରତରେ ସବୁଠାରୁ ଦ୍ରୁତ ମୋବାଇଲ ସ୍ପିଡ୍ ନେଟ୍‌ୱର୍କ ପ୍ରଦାନକାରୀ ଅପରେଟର ଭାବରେ ଉଭା ହୋଇଛି। ଜିଓର ସାମଗ୍ରିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ୧୫୮.୬୩ ଏମବିପିଏସ ରହିଥିବା ବେଳେ ଏୟାରଟେଲର ସ୍ପିଡ୍ ଜିଓର ଦୁଇତୃତୀୟାଂଶ ଅର୍ଥାତ୍ ପ୍ରାୟ ୧୦୦.୬୭ ଏମ୍‌ବିପିଏସ୍ ବୋଲି ମାପ କରାଯାଇଛି। ଭୋଡାଫୋନ୍ ଆଇଡିଆ ୨୧.୬ ଏମବିପିଏସ ସହିତ ତୃତୀୟ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ, ଜିଓ ସାରା ଦେଶରେ ସର୍ବାଧିକ ୫ଜି ଉପଲବ୍ଧତା ରେକର୍ଡ କରିଥିଲା, ଅର୍ଥାତ୍, ଜିଓ ନେଟ୍‌ୱର୍କ ସର୍ବାଧିକ ସ୍ଥାନରେ ଉପଲବ୍ଧ ରହିଛି। ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, ଜିଓର ୭୩.୭% ଉପଭୋକ୍ତା ଅଧିକାଂଶ ସମୟ ଜିଓର ୫ଜି ନେଟ୍‌ୱର୍କ ବ୍ୟବହାର କରୁଛନ୍ତି, ଯାହା ଅନ୍ୟ ଯେକୌଣସି ଅପରେଟର ଅପେକ୍ଷା ବେଶ୍ ଅଧିକ। ମୋବାଇଲ କଭରେଜ୍ ଦୃଷ୍ଟିରୁ, ଜିଓ ୬୫.୬୬ କଭରେଜ୍ ସ୍କୋର ସହିତ ପ୍ରଥମ ସ୍ଥାନରେ ଥିଲା ବେଳେ ଏୟାରଟେଲ୍ ୫୮.୧୭ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ରିଲାଏନ୍ସ ଜିଓ ଦ୍ରୁତତମ ମୋବାଇଲ ନେଟ୍‌ୱର୍କ ଏବଂ ଉନ୍ନତ ମୋବାଇଲ କଭରେଜ୍ ଉଭୟରେ ପ୍ରଥମ ସ୍ଥାନ ହାସଲ କରିଛି।

# ପାରାଦୀପ ବନ୍ଦର ଲଗାତର ଦ୍ୱିତୀୟ ଥର ନମ୍ବର-୧



ପାରାଦୀପ, ୨।୪(ଶରତ ରାଉତ)

ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପ ଲଗାତର ଦ୍ୱିତୀୟ ବର୍ଷ ପାଇଁ ନମ୍ବର-୧ ସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦୀପ ବନ୍ଦର ସମୁଦାୟ ୧୫୦.୪୧ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକଟନ୍) ପଣ୍ୟ କାରବାର କରିଛି। ଯାହା ପୂର୍ବବର୍ଷ ତୁଳନାରେ ୭.୬୫% ଅଭିବୃଦ୍ଧି ବୋଲି କୁହାଯାଇଛି। ଏହି ଅବସରରେ ବୁଧବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଓ ଅନ୍ୟ ସମସ୍ତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି କେକ୍ କାଟି ଉତ୍ସବ ପାଳନ କରିଥିଲେ। ପରେ ଖବରଦାତାମାନଙ୍କୁ ପଣ୍ୟ କାରବାର ସମ୍ପର୍କରେ ଅଧ୍ୟକ୍ଷ ହାରାନ୍ଧ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ବିଶ୍ୱରେ ଲୁହାପଥର ଓ କୋକିଂ କୋଇଲା କାରବାର ନୈରାଶ୍ୟ ଜନକ ଥିବାବେଳେ ପାରାଦୀପ ବନ୍ଦର ସେଥିରେ ବିଶେଷ ପ୍ରଭାବ ପଡିନାହିଁ। ଏହାସତ୍ତ୍ୱେ ପଣ୍ୟ କାରବାର ଅଭିବୃଦ୍ଧି ହୋଇଛି ଏବଂ ଲଗାତର ଦ୍ୱିତୀୟ ଥର ପାଇଁ ଦେଶର ପ୍ରଥମ ସ୍ଥାନ ହାସଲ କରିଛି। ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୪୫.୦୩ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଚଳିତବର୍ଷ କେତେକ ବ୍ୟବସ୍ଥାରେ ଉନ୍ନତି ଯୋଗୁ ଏହା ସମ୍ଭବ ହୋଇପାରିଛି। ସମୁଦାୟ ପଣ୍ୟ କାରବାର ମଧ୍ୟରେ କେବଳ କୋଷ୍ଟାଲ ପରିବହନ ୪୨.୩୬ ଏମ୍‌ଏମ୍‌ଟି ରହିଛି। କଣ୍ଟେନର କାର୍ଗୋ କାରବାର ୧୧୧ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରେଲୱେ କାରବାର କ୍ଷେତ୍ରରେ ୫.୩୨% ବୃଦ୍ଧି ପାଇଛି। ସମୁଦାୟ ୨୨,୮୧୮ରେକ ପଣ୍ୟ ନେବା ଆଣିବା କରିଛି। ବର୍ଥ କ୍ଷେତ୍ରରେ ଦୈନିକ ୩୪,୨୮୩ ମେଟ୍ରିକଟନ୍ ପଣ୍ୟ କାରବାର ହୋଇଛି। ଆଗକୁ କାରବାର ବୃଦ୍ଧି ପାଇଁ ୱେଷ୍ଟର୍ଣ୍ଣ ଡକ୍ କାର୍ଯ୍ୟ ଚାଲିଛି। ଏହା ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ କରାଯାଇଛି।

# ମୁମ୍ବାଇରେ କେଭିଆଇସିର ମେଗା ଡିଷ୍ଟ୍ରିବ୍ୟୁଶନ

ମୁମ୍ବାଇ,୨।୪ (ଅଭୟ ଦାଶ)

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କମିଶନ ବା କେଭିଆଇସି)ର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ 'ମେଗା ଡିଷ୍ଟ୍ରିବ୍ୟୁଶନ' କାର୍ଯ୍ୟକ୍ରମର ଆୟୋଜନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୋଟ ୧୬,୩୭୭ ମେଶିନ, ଟୁଲ୍‌କିଟ୍ ଏବଂ ଉପକରଣ ଆଦି ବିଭିନ୍ନ ବର୍ଗଙ୍କୁ ବଣ୍ଟନ କରାଯାଇଥିଲା। ବିଶେଷକରି ୧୬,୩୭୭ଟି ଟୁଲ୍‌କିଟ୍ ଏବଂ ଉପକରଣ ବଣ୍ଟନ କରାଯାଇଥିଲା। ସେଥରେ ୩,୯୫୦ ମହୁମାଛି ବାକ୍ସ, ୭,୦୬୭ ବୈଦ୍ୟୁତିକ କୁମ୍ଭାରଚକ, ୧,୩୫୦ ଚମଡ଼ା ଉତ୍ପାଦନ ମରାମତି ଟୁଲ୍‌କିଟ୍, ୩୯୦ ଚମଡା ଚପଲ ତିଆରି ଉପକରଣ, ୪୨୦ ଇଲେକ୍ଟ୍ରିସିଆନ୍ ଟୁଲ୍‌କିଟ୍, ୮୦ ଏସି ମରାମତି ଟୁଲ୍‌କିଟ୍, ୩୦୦ ପ୍ଲମ୍ବର ଟୁଲ୍‌କିଟ୍, ୬୦ ମୋବାଇଲ ମରାମତି ଟୁଲ୍‌କିଟ୍, ୯୭୧ ସିଲେଇ ମେଶିନ, ୨୭୮ ହାତ ତିଆରି କାଗଜ ତିଆରି ମେଶିନ, ୩୪୯ ସ୍ୱୟଂଚାଳିତ ଅଗରବତି ତିଆରି ମେଶିନ, ୬୦ ପେଡାଲଚାଳିତ ଅଗରବତି ତିଆରି ମେଶିନ, ୩୨୦ ଟର୍ନଉଡ ମେଶିନ, ୧୮୦ କାଠ ଖେଳଣା ତିଆରି ମେଶିନ, ୪୬୦ ଅଦରକାରୀ କାଠ କାରୁକାର୍ଯ୍ୟ ମେଶିନ ଏବଂ ୨୯୨ କୃଷିଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ମେଶିନ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ମନୋଜ କୁମାର କହିଥିଲେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଏ ପର୍ଯ୍ୟନ୍ତ ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୧୦ ଖଦି ପ୍ରତିଷ୍ଠାନକୁ ସଂଶୋଧିତ ବଜାର ବିକାଶ ସହାୟତା (ଏମ୍‌ଏମ୍‌ଡିଏ) ଅଧୀନରେ ୨୧୫ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛି, ଯାହା ଦ୍ୱାରା ୧,୪୬,୨୪୬ କାରିଗର ଉପକୃତ ହୋଇଛନ୍ତି। ଏହା ବ୍ୟତୀତ ଆଇଏସ୍‌ଇସି କାର୍ଯ୍ୟକ୍ରମ ମାଧ୍ୟମରେ ୧୧୫୩ଖଦିପ୍ରତିଷ୍ଠାନକୁ୪୦କୋଟିଟଙ୍କାର ଅନୁଦାନ ରାଶି ମଧ ପ୍ରଦାନ କରାଯାଇଛି । ୩୮୧୭ କାରିଗରଙ୍କୁ ଉପକୃତ କରୁଥିବା ଖଦି ପ୍ରତିଷ୍ଠାନକୁ ୩୨.୭୩ କୋଟି ଟଙ୍କାର ଅତିରିକ୍ତ ଏମ୍‌ଏମ୍‌ଡିଏ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳର ସଦସ୍ୟ ନାଗେନ୍ଦ୍ର ରଘୁବଂଶୀ, ପୂର୍ବାଞ୍ଚଳର ସଦସ୍ୟ ମନୋଜ କୁମାର ସିଂହ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିପୁଲ ଗୋୟଲ, ବିଭାଗୀୟ ଅର୍ଥନୈତିକ ପରାମର୍ଶଦାତା ସିମି ଚୌଧୁରୀ ଏବଂ କେଭିଆଇସି କେନ୍ଦ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଦେଶବ୍ୟାପୀ ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କେଭିଆଇସିର ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ସମେତ ଅଧ୍ୟକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାୟକ ପ୍ରଶାନ୍ତଙ୍କ ଭାଷଣକୁ ନେଇ ହୋହଲ୍ଲା

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନବେଳେ ମଞ୍ଚରେ ରୋଚକ ଦୃଶ୍ୟ**

**ପୂର୍ବ ସରକାର, ପ୍ରଶାନ୍ତଙ୍କୁ ଟାର୍ଗେଟ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ**

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ କଟକ ଜିଲା ସତ୍ୟଭାମାପୁରଠାରେ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟକ୍ରମବେଳେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ମଞ୍ଚ ଉପରେ ନିଜ ଭାଷଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁଣଗାନ କରିବାରୁ ମଞ୍ଚ ତଳେ ଥିବା ଲୋକେ ଏବଂ ଭାଜପା କର୍ମୀ ହୋହଲ୍ଲା କରିଥିଲେ। ପରେ ସେହି ମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାୟକଙ୍କ କଥାକୁ କାଉଣ୍ଟର କରିଥିଲେ। ସେ କହିଥିଲେ, ଏହା ରାଜନୈତିକ ମଞ୍ଚ ନୁହେଁ। ଏହି ମଞ୍ଚରେ କେଉଁ ସରକାର କେଉଁ ସମୟରେ କ'ଣ କାମ କରିଥିଲା, ତାହା କହିବା ଉପଯୁକ୍ତ ସମୟ ନୁହେଁ। ଏହି ମଞ୍ଚ ଓଡ଼ିଆଙ୍କ ସ୍ୱାଭିମାନ, ଓଡ଼ିଆଙ୍କ ଭାବନାକୁ ପ୍ରଦର୍ଶନ କରିବାର ମଞ୍ଚ। ଓଡ଼ିଶା ଦିବସରେ ପ୍ରତ୍ୟେକ ଓଡ଼ିଆ ରାଜ୍ୟର ଉନ୍ନତି ପାଇଁ କାମ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମସ୍ତେ ଏକଜୁଟ୍ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ସୁରଜ କହିଥିଲେ।


ତାମିଲନାଡୁର ମଦୁରାଇରେ ବୁଧବାର ସିପିଆଇ-ଏମର ୨୪ତମ ପାର୍ଟି କଂଗ୍ରେସରେ କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଆଇ-ଏମ ନେତା ପିନାରାୟୀ ବିଜୟନ, ଦଳର ମଧ୍ୟବର୍ତ୍ତିକାଳୀନ ସଂଯୋଜକ ପ୍ରକାଶ କରାଟ, ସିପିଆଇ-ଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟ ବିମାନ ବୋଷ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଅଛନ୍ତି।

# ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା: ପ୍ରକାଶ କରାଟ

ଚେନ୍ନାଇ: ୨।୪

ତାମିଲନାଡୁର ମଦୁରାଇରେ ଚାଲିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ୨୪ତମ କଂଗ୍ରେସ ପ୍ରତିକ୍ରିୟାଶୀଳ ଶକ୍ତିକୁ ପଛକୁ ଠେଲିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଶକ୍ତିକୁ ଏକତ୍ରିତ ହେବାକୁ ସିପିଆଇ(ଏମ୍) ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ ଆହ୍ୱାନ ଦେଇଛନ୍ତି। ଆସନ୍ତୁ ଆମେ ଏକ ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା। ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ଧାରାରେ ଲୋକଙ୍କୁ ଗଣତନ୍ତ୍ର ଏବଂ ସମାଜବାଦ ଆଡ଼କୁ ନେଇଯିବା ବୋଲି ସେ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କରାଟ ଏଭଳି କହିଛନ୍ତି।

# ବିଧାନସଭାରେ କୋଶଳ ତାତି

**■ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ମିଳୁ**

**■ଶାସକ, ବିରୋଧୀଙ୍କ ଏକମତ**

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି ନେଇ ବୁଧବାର ବିଧାନସଭାରେ ତାତି ଜୋର୍ ଧରିଛି। କିଛିଦିନ ପୂର୍ବରୁ ଭାଜପାର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର ଏହି ପରିପ୍ରେକ୍ଷୀରେ ମନ୍ତବ୍ୟ ଦେଇ ସାରା ରାଜ୍ୟରେ ଚର୍ଚ୍ଚାର ପରିଧି ଭିତରକୁ ଆସିଥିବାବେଳେ ବୁଧବାର ଗୃହ ଭିତରେ ବିରୋଧୀ ଓ ବାହାରେ ଶାସକ ଦଳ ସଭ୍ୟ ଏହି ସ୍ୱରକୁ ଶାଣିତ କରିଛନ୍ତି।

ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଭାଷା ହେଉଛି ଗୋଟିଏ ଅଞ୍ଚଳର ଆତ୍ମା। ଭାଷାକୁ ଛାଡ଼ି କୌଣସି ଅଞ୍ଚଳ ବଞ୍ଚିପାରିବ ନାହିଁ। ତେବେ ଗତ ମଙ୍ଗଳବାର ରାଜ୍ୟବ୍ୟାପୀ ଓଡ଼ିଶା ତଥା ଉତ୍କଳ ଦିବସ ମହାସମାରୋହରେ ପାଳିତ ହେଲା। ଯେଉଁ ସଂକଳ୍ପ ନେଇ ଓଡ଼ିଶା ଦିବସ ପାଳନ କରାଯାଉଛି ତାହା ସାର୍ଥକ ହେଉନାହିଁ। ରାଜ୍ୟର ୧୧ ଜିଲାର ଦେଢ଼କୋଟି ଲୋକ କୋଶଳୀ ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଅନେକ ବର୍ଷ ହେବ ଏହି ଭାଷାକୁ ଅନ୍ୟତମ ରାଜ୍ୟ ଭାଷା ଭାବେ ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏହାକୁ ସ୍ୱୀକୃତି ପ୍ରଦାନ କରନ୍ତୁ। ଏହି ଭାଷାରେ ରାମାୟଣ, ମହାଭାରତ, ହଜାର ହଜାର କବିତା ଓ କ୍ଷୁଦ୍ରଗଳ୍ପ ଲେଖାହୋଇଛି। ଏହି ଭାଷାର ନିଜସ୍ୱ ଅଭିଧାନ ମଧ୍ୟ ରହିଛି। ଏହି ଅଭିଧାନର ରଚୟିତା ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ ହେଉଛି। ପଦ୍ମଶ୍ରୀ ହଳଧର ନାଗ କୋଶଳୀ ଭାଷାରେ ବହୁ ଗ୍ରନ୍ଥ ରଚନା କରିଛନ୍ତି। ସମ୍ବଲପୁରୀ ସଙ୍ଗୀତ 'ରଙ୍ଗବତୀ' ଗୀତ ସାରା ଭାରତରେ ଚର୍ଚ୍ଚିତ। ଦିଲ୍ଲୀରେ ଯେତେବେଳେ ସଙ୍ଗୀତ କାର୍ଯ୍ୟକ୍ରମରେ ରଙ୍ଗବତୀ ଗୀତ ବାଜେ ସମସ୍ତେ ଝୁମନ୍ତି। ସଂସଦରେ ମଧ୍ୟ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ତଥା ତତ୍କାଳୀନ ଏମ୍‌ପି ସୁରେଶ ପୂଜାରୀ ଏବଂ ମୁଁ ଏହି ପ୍ରସଙ୍ଗ ଉଠାଇ ଦାବି ରଖିଥିଲୁ ବୋଲି ପ୍ରସନ୍ନ କହିଛନ୍ତି।



ଏଥିସହ ସେ କହିଛନ୍ତି, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୋଶଳୀ ଭାଷାକୁ ସ୍ଥାନିତ କରାଯାଉ। ସମ୍ବିଧାନର ନିୟମ ଅନୁଯାୟୀ, ରାଜ୍ୟ ସରକାର ଚାହିଁଲେ ଆଉ ଏକ ଭାଷାକୁ ମଧ୍ୟ ରାଜ୍ୟ ଭାଷାର ମାନ୍ୟତା ଦେଇପାରିବେ, ଏଥିପାଇଁ ସ୍ୱତନ୍ତ୍ର ପ୍ରାବଧାନ ଅଛି। ଏନେଇ ରାଜ୍ୟ ସରକାର କେନ୍ଦ୍ରକୁ ଆଉଥରେ ପ୍ରସ୍ତାବ ପଠାନ୍ତୁ। ଏହା ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ। ଏଥିପାଇଁ କୌଣସି ଆଇନଗତ ବାଧା ନାହିଁ। ରାଷ୍ଟ୍ରପତିଙ୍କର ମଧ୍ୟ କ୍ଷମତା ଅଛି, ସେ ଚାହିଁଲେ ରାଜ୍ୟର ଦ୍ୱିତୀୟ ଭାଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ତେଣୁ କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦିଆଯାଉ। ନଚେତ୍ ପାକିସ୍ତାନରେ ଯେଭଳି ଭାଷାଗତ ବିଭେଦତାକୁ ନେଇ ଦୁଇଟି ଦେଶ ସୃଷ୍ଟିହେଲା, ୨୦ରୁ ୨୫ ବର୍ଷ ପରେ ଓଡ଼ିଶାରେ ସେହିଭଳି ପରିସ୍ଥିତି ଉପୁଜିପାରେ ବୋଲି ପ୍ରସନ୍ନ କହିଥିଲେ।

ପରେ ଏହି ଦାବିକୁ ସମର୍ଥନ ଜଣାଇ ବିଜେଡି ସଦସ୍ୟ ଦିବ୍ୟଶଙ୍କର ମିଶ୍ର କହିଥିଲେ, କିଛିଦିନ ପୂର୍ବରୁ କେନ୍ଦ୍ର ସରକାର ୫ଟି ଭାଷାକୁ ମାନ୍ୟତା ଦେଇଛନ୍ତି। ଆସାମ, ମହାରାଷ୍ଟ୍ର ଓ ବିହାର ଭଳି ରାଜ୍ୟରେ ଦୁଇଟି ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଦିଆଯାଇଛି। ତେଣୁ ରାଜ୍ୟ ସରକାର ଏନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ଯଥାଶୀଘ୍ର କୋଶଳୀ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ।

ସେହିପରି ଗୃହ ବାହାରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ, ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦେବାରେ କୌଣସି ଅସୁବିଧା ନାହିଁ।

# ଅନାସ୍ଥା ସପକ୍ଷରେ ୨୦ କାଉନସିଲରଙ୍କ ଭୋଟ


ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା କାଉନସିଲରମାନେ।

**ବ୍ୟାସନଗର ପୌରାଧକ୍ଷାଙ୍କୁ ବିରୋଧ**

**■୬ ଜଣ କାଉନସିଲର ଅନୁପସ୍ଥିତ**

**■ହାଇକୋର୍ଟରେ ମାମଲା, ଝୁଲି ରହିଲା ବିଜ୍ଞପ୍ତି**

ଯାଜପୁର/ଯାଜପୁର ରୋଡ଼ (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି),୨।୪

ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ବୁଧବାର ଅନାସ୍ଥା ଭୋଟ ଗ୍ରହଣ କରାଯାଇଛି। ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ୨୦ ଜଣ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଛନ୍ତି। ଅନ୍ୟ ୬ ଜଣ କାଉନସିଲର ଅନୁପସ୍ଥିତ ଥିଲେ। ତେବେ ପୌରାଧକ୍ଷା ସଙ୍ଗୀତାଙ୍କ ହାଇକୋର୍ଟରେ ଡବ୍ଲ୍ୟୁପିସି ନମ୍ବର ୮୪୬୬/୨୦୨୫ ଏବଂ ଆଇଏ ନମ୍ବର ୪୮୯୦/୨୦୨୫ରେ ଏକ ମାମଲା ବିଚାରାଧୀନ ଥିବାରୁ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ ବିଜ୍ଞପ୍ତି ଝୁଲି ରହିପାରେ ବୋଲି ସୂଚନା ମିଳିଛି। ଆସନ୍ତା ୧୫ ତାରିଖରେ ପରବର୍ତ୍ତୀ ଶୁଣାଣିରେ ଚୂଡ଼ାନ୍ତ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ପୌରାଧକ୍ଷା ସଙ୍ଗୀତା ପଦବୀ ହରାଇବା ନିଶ୍ଚିତ ବୋଲି କାଉନସିଲରମାନେ ଆଶାବ୍ୟକ୍ତ କରିଛନ୍ତି। ଏଠାରେ ବିଜେଡିରୁ ନିର୍ବାଚିତ ପୌରାଧକ୍ଷାଙ୍କୁ ଅଧିକାଂଶ ଦଳୀୟ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବାରୁ ବିଜେଡିର ଭିତିରିଆ କଳି ପଦାରେ ପଡ଼ିଛି।

ଗତ ପ୍ରାୟ ୨ ମାସ ହେବ ବ୍ୟାସନଗର ପୌରପରିଷଦରେ ରାଜନୈତିକ ଛକାପଞ୍ଝା ଲାଗି ରହିଥିଲା। ବିଜେଡିରୁ ପ୍ରାର୍ଥୀ ହୋଇ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଅନାସ୍ଥା ମତଦାନର ଅଧ୍ୟକ୍ଷତା ଓ ପରିଚାଳନା କରିଥିଲେ। ମ୍ୟୁନିସିପାଲ ଆଇନ ୧୯୫୦ ଧାରା ୫୪ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦୁଇ ତୃତୀୟାଂଶ ମତ ଗୃହୀତ ହେଲେ ତାହା କାଏମ ରହିବାର ବ୍ୟବସ୍ଥା ରହିଛି। ତେଣୁ ୨୦ ଜଣ ଏହାର ସପକ୍ଷରେ ମତଦାନ କରିଥିବାରୁ ଅତିରିକ୍ତ ଜିଲାପାଳ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କୁ ରିପୋର୍ଟ ପ୍ରେରଣ କରିଛନ୍ତି। ମୋଟ ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ଚୁନିଆ ନାୟକ, ମଣୀନ୍ଦ୍ର କୁମାର ସାହୁ, ରଶ୍ମିତା ରାଉତ, ଭରତ ଓଝା, ସରୋଜିନୀ ସେଠୀ ଓ ଅଶୋକ କୁମାର ରାଉତ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଜୟ କୁମାର ଜେନା, କୁମାରୀ କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଅଶୋକ କୁମାର ଦାସ, ସରିତା ଜେନା, ସନ୍ତୋଷ କୁମାର ବରାଳ, ବୁଦୁନି ଦରାଇ, ସିଦ୍ଧାର୍ଥ ଶଙ୍କର ସାମଲ, ସୁବାସ ଚନ୍ଦ୍ର ବଳ, ଶିବାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡା, ଉର୍ମିଳା ପରିଡା, ସଙ୍ଗୀତାଙ୍କୁ ତାଙ୍କ ଦଳର କାଉନସିଲରମାନେ ବିରୋଧ କରି ଆସୁଥିଲେ। ଏଥିରେ ଅନ୍ୟ ଦଳର କାଉନସିଲରମାନେ ମଧ୍ୟ ସମର୍ଥନ କରୁଥିଲେ। ବିଜେଡିର ଏହି ଭିତିରି କଳି ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ସହରର ବିକାଶ ପ୍ରତି ଧ୍ୟାନ ନ ଦେଇ କେବଳ ମନମାନିଶାସନ ଚଳାଇଥିବା ଅଭିଯୋଗ କରି କାଉନସିଲରମାନେ ତାଙ୍କ ବିରୋଧରେ ମାର୍ଚ୍ଚ ୬ରେ ଅନାସ୍ଥା ପ୍ରସ୍ତାବ ଲାଗି ଆବେଦନ କରିଥିଲେ। ଏହିକ୍ରମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଭୋଟ ଗ୍ରହଣ କରାଯାଇ ଅପରାହ୍ନ ୨ଟାରେ ଗଣତି ହୋଇଥିଲା। ହେଲେ ଫଳାଫଳ ରିପୋର୍ଟ ଦେବାରେ ବିଳମ୍ବ କରିବାରୁ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅପରାହ୍ନ ୩ଟା ପରେ ଫଳାଫଳ ଘୋଷଣା କରାଯାଇଥିଲା। ପ୍ରିଜାଇଡିଂ ଅଫିସର କୁମୁଦିନୀ ରାଉତ, ପାର୍ଥସାରଥି ନାୟକ, ଦିଲ୍ଲୀପ ସେଠୀ ଓ ରବୀନ୍ଦ୍ର କୁମାର ରାଉତ ଅନାସ୍ଥା ସପକ୍ଷରେ ମତଦାନ କରିଥିଲେ।

ବ୍ୟାସନଗର ପୌର ପରିଷଦର ଅତୀତକୁ ଅବଲୋକନ କଲେ ୨୦୧୩ରୁ ଏହା ୪ର୍ଥ ଥର ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। କୌଣସି ଅନାସ୍ଥା ପ୍ରସ୍ତାବରେ ପୌରାଧକ୍ଷାଙ୍କ ପଦବୀ ଯାଇ ନ ଥିବାବେଳେ ଏଥର ପଦବୀ ହରାଇବା ପ୍ରାୟ ସୁନିଶ୍ଚିତ ହୋଇଛି। ଏ ନେଇ ପୌରାଧକ୍ଷା ସଙ୍ଗୀତା କହିଛନ୍ତି, ସେ ଜଣେ ଆଦିବାସୀ ମହିଳା ହୋଇଥିବାରୁ ବ୍ୟାସନଗର ପୌର ପରିଷଦ ପରିଚାଳନା କରିବା କେତେଜଣ ନେତାଙ୍କୁ ହଜମ ହେଲାନି। ତାଙ୍କୁ ପଦବୀରୁ ହଟାଇବାକୁ ଷଡ଼ଯନ୍ତ୍ର କରାଯାଇଛି। ଆରମ୍ଭରୁ ରବର ଷ୍ଟାମ୍ପ ଭଳି ବ୍ୟବହାର କରିବାକୁ ଉଦ୍ୟମ କରାଗଲା ଏବଂ ସେ ସେଥିରେ ଅରାଜି ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ଏହାବାଦ୍ କୋରେଇ ବିଜେଡିର ଏକାଧିକ ମୁରବି ଥିବାରୁ କେହି ନିଷ୍ପତ୍ତି ନେଇ ପାରି ନ ଥିଲେ। ଏଥିପାଇଁ କୋରେଇ ବିଜେଡିର କେତେଜଣ ନେତାଙ୍କୁ ସଙ୍ଗୀତା ଦାୟୀ କରିଛନ୍ତି।

# ଲୋକଙ୍କ ସହ ଯୋଡ଼ିହୁଅ: ମନମୋହନ

ବଲାଙ୍ଗୀର,୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଭାଜପା ସାଂଗଠନିକ ବୈଠକ ବୁଧବାର ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ। ଏହି ବୈଠକରେ ଭାଜପା ପୂର୍ବତନ ଜିଲା ସଭାପତି ତଥା ସଙ୍ଗଠକ ଶିବାଜୀ ମହାନ୍ତି, ବରିଷ୍ଠ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅମିତ ସିଂ ନିନା ପରିଚାଳନା କରିଥିଲେ। ବୁଥ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ କିଭଳି ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ମିଶି ସଚେତନତାମୂଳକ କାର୍ଯ୍ୟ କରିବା ସେ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ସାମଲ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ସାଂଗଠନିକ ମୂଳଦୁଆକୁ ସୁଦୃଢ଼ କରିବା ମନ୍ତ୍ର ଦେଇଥିଲେ। ଲୋକଙ୍କ ସହ ଯୋଡି ହେବାକୁ ପରାମର୍ଶ ଦେବା ସହ ଭାଜପା ଆଗାମୀ ଦିନରେ କିଭଳି ସମାଜ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଇଛି କହିଥିଲେ। ଆଗାମୀ ଦୁଇଟି ପକ୍ଷରେ ସାଂଗଠନିକ ଓ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ସୂଚନା ଦେଇ ସେ ଏପ୍ରିଲ ୨ରୁ ୧୪ ତାରିଖ ପ୍ରଥମ ପକ୍ଷ ଏବଂ ୧୫ରୁ ୩୦ ତାରିଖ ଦ୍ୱିତୀୟ ପକ୍ଷ ପାଳନ କରାଯିବ ବୋଲି ସେ କହିଥିଲେ ।


## Classified Everyday
0674-2580101, 9692975378


REAL ESTATE

**SALE**

**Building for sale 70,000 sqft. with land area 11 acre of land near Brahmapur, Ganjam for Hospital/College/School. Contact No- 8260780200.** D-76806



**Newly opened spa in puri. Professional body massage available. 9861984834.** D-3394

**AFFIDAVIT**

I, NIRANJAN SAMANTARAY, S/o- Gagan Chandra Samantray, resident of At- Flat No.- 303, Block- A, Nageswar Residency, Kalarahanga, Bhubaneswar, Urban, Odisha, India, PIN-751024 declare by this affidavit No.- 656 dtd. 02.04.2025 that now onwards I shall be known as NIRANJAN SAMANTRAY for all future purposes. D-009

By virtue an affidavit sworn before Executive Magistrate, Dhenkanal, dtd. 11.03.2025, No.- 1783 I, Sumitra Moharana, W/o- Laxmidhar Moharana, Village- Solagadia, Post.- Lethaka, P.S.- Nihalprasad, Dist.- Dhenkanal (Odisha)- 759016, declare that I have changed my name from Rama Moharana to Sumitra Moharana. Henceforth, I shall be known as SUMITRA MOHARANA for all purposes.
Sumitra Moharana
D-73586

ମୁଁ, ମଞ୍ଜୁଲତା ବେହେରା, ସ୍ୱାମୀ- ନରେନ୍ଦ୍ର କୁମାର ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ସତ୍ୟପାଠ ସି.ଏଫ୍.ନମ୍ବର ୫୬, ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଏବେଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମଞ୍ଜୁଲତା ପଣ୍ଡିତ ଭାବରେ ପରିଚିତ ହେବି। ଧ-୦୦୭

ମୁଁ, ନରେନ୍ଦ୍ର ବେହେରା, ପିତା- ସ୍ୱର୍ଗତ ଯଦୁନାଥ ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ଶପଥପତ୍ର ସି.ଏଫ୍.ନମ୍ବର ୫୫ ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ନରେନ୍ଦ୍ର କୁମାର ବେହେରା ଭାବରେ ପରିଚିତ ହେବି। ଧ-୦୦୬

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Jena Amartya, S/o- Pravakar Jena, resident of Ward No.- 18, Pandara Square, Rasulgarh, P.O./P.S.- Mancheswar, Dist.-Khorda, PIN- 751025 Odisha declare by this affidavit No.- 82 Dtd.- 02.04.2025 that now onwards I shall be known as J Amartya for all future purposes. D-010

By virtue of an affidavit before Executive Magistrate, Sadar, Cuttack on dtd. 02.04.2025 I, Sri Shubham Sahoo, S/o- Pranakrushna Sahoo, Dadhapatna, Barang, Cuttack declare that I have changed my name from Shubham Sahoo to Pritish Ranjan Sahoo. Henceforth, I shall be known as Pritish Ranjan Sahoo for all purpose.
D-011

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ବର୍ଷ ଶ୍ରାଦ୍ଧବାର୍ଷିକୀ**



ଂପ୍ରବୀଣା କାନୁନ୍‌ଗୋ
ସ୍ୱାମୀ- ପ୍ରିୟରଞ୍ଜନ କାନୁନ୍‌ଗୋ
ଦଇତାପଡ଼ା ସାହି, ପୁରୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭପାଇଁ ଚିରସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:- ସ୍ୱାମୀ, ଝିଅ- ରୋଜାଲିନ୍, ଶ୍ୱେତାଲିନ୍, ଜ୍ୱାଇଁ- ଦେବେନ୍ଦ୍ର, ପ୍ରଶାନ୍ତ, ନାତି- ଶୁଭ, ସତ୍ୟମ୍, ନାତୁଣୀ- ଶ୍ରୀ ଏବଂ ପରିବାରବର୍ଗ।
ଧ-୦୦୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



# ଚିନ୍ତା କରୁଛନ୍ତି ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ଏପରିକି ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ କେତୋଟି ବିଷୟକୁ ନେଇ ପ୍ରଯୋଜନା ସଂସ୍ଥା ଏବଂ ତାଙ୍କ ଭିତରେ ତୁ ତୁ ମେଁ ମେଁ ଜାରି ରହିଛି। କଥା କ'ଣ କି ନିକଟରେ ମୃଣାଳଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ଏହାର କାହାଣୀକୁ ନେଇ ତାଙ୍କ ମନରେ କେତେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। କେବଳ ସେତିକି ନୁହେଁ, ଏଥିରେ ନିଜ ଭୂମିକାଟି ଆହୁରି ଦମଦାର ହେଉ ବୋଲି ସେ ପ୍ରଯୋଜକଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ନେଇ ଚିନ୍ତା କରାଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଛି। ଆଉ ତା'ପରେ ଏହି ଅଫରକୁ ନେଇ ଦୋଛକିରେ ପଡ଼ିଛନ୍ତି ମୃଣାଳ। ''ଯଦି ଦୁଇ ସପ୍ତାହ ଭିତରେ ମୋତେ କିଛି ଫାଇନାଲ ସୂଚନା ନ ମିଳେ ତେବେ ଏହି ଅଫରକୁ ମୁଁ ହାତଛଡ଼ା କରିପାରେ ବୋଲି କହନ୍ତି ମୃଣାଳ।'' ଏଭଳି ଅଫରକୁ ସେ ଗ୍ରହଣ କରୁଛନ୍ତି ନା ହାତଛଡ଼ା କରୁଛନ୍ତି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

# 'ଅନାମ'ରୁ ଆରମ୍ଭ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କର ମୃତ୍ୟୁ ହେବା ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ 'ଅନାମ' ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। ୨୦୧୨ରେ ନିର୍ମିତ 'ଅଗ୍ନିପଥ'ର 'ଚିକ୍‌ନି ଚମେଲି' ଗୀତ ତାଙ୍କ କୋରିଓଗ୍ରାଫି କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇଥିଲା। ଏହି ଗୀତଟି କ୍ୟାଟ୍ରିନା କୈଫଙ୍କୁ ନେଇ ଦୃଶ୍ୟାୟିତ ହୋଇଥିଲା। ଗଣେଶଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ସନମ ରେ', 'ବାଗୀ', 'ଟୟଲେଟ୍-ଏକ ପ୍ରେମ କଥା' (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), 'ଜୁଡୱା-୨', 'ବାଗୀ-୨', 'କେଜିଏଫ : ଚାପ୍ଟର-୧ (ହିନ୍ଦୀ ଭର୍ସନ), 'ସିମ୍ବା', 'କୁଲି ନଂ ୱାନ', 'ପୁଷ୍ପା: ଦ ରାଇଜ' ଏବଂ 'ବ୍ରହ୍ମାସ୍ତ୍ର'। ତାଙ୍କ ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ହେଉଛନ୍ତି ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି ଗଣେଶ ମଧ୍ୟ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି।


ଗଣେଶ ଆଚାର୍ଯ୍ୟ

## ରିଲିଜ ଅପେକ୍ଷାରେ

# ଦେବାଶିଷ ଯାହା ଚାହୁଁଥିଲେ...

ଯେତେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଆଉ ଏକ ଭୂମିକା ପାଇବା ପରେ ଦେବାଶିଷ ପାତ୍ର କେମିତି ଖୁସିରେ ଉଛୁଳୁଛନ୍ତି। ରିଲିଜ ଅପେକ୍ଷାରେ ରହିଥିବା ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଆଉ ଏଭଳି ଏକ ଭିନ୍ନ ଧରଣର ଚରିତ୍ରଟିଏ ପାଇବା ପରେ ତାହାର ସଫଳତାକୁ ନେଇ ଢେର୍ ଆଶା ବାନ୍ଧିଛନ୍ତି ଏହି ଅଭିନେତା। ଆଗଧାଡ଼ିର ନାଟ୍ୟକାର ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି। ଆର୍.ଆର୍. ଇଭେଣ୍ଟସ ଆଣ୍ଡ୍ ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ରମେଶ ବାରିକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏ ସମ୍ପର୍କରେ ଦେବାଶିଷ କହନ୍ତି, ''ଏଭଳି ଏକ ଭୂମିକାଟିଏ ପାଇବା ପରେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। ପୁଣି ସୁଧାଂଶୁ ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଚରିତ୍ରରେ କ'ଣ ରହିଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ।'' ଡା. ନିର୍ମଳ ନାୟକ, ଜେ.ପି. ୱାର୍ଡସ୍ମିଥ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଗୌରବ ଆନନ୍ଦ। ଏଥିରେ ଦେବଶିଷଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ ସଙ୍ଗୀତା। ଏମାନଙ୍କ ବ୍ୟତୀତ ଅନନ୍ୟା ମିଶ୍ର, ଚୌଧୁରୀ ବିକାଶ ଦାସ, କେକେ, ପୃଥ୍ୱୀରାଜ, ସୋମା ଭୌମିକ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


'ଗଣ୍ଡ ଭୈରବ' ଫିଲ୍ମରେ ଦେବାଶିଷ

# ସରକାରୀ କ୍ୱାଇଁ


ପୁପିନ୍ଦର

ଅନେକେ ସରକାରୀ କ୍ୱାଇଁଟିଏ ଚାହିଁଥାଆନ୍ତି। ଏହା ପଛରେ ତ ଅନେକ କାରଣ ରହିଛି। କିନ୍ତୁ ସରକାରୀ କ୍ୱାଇଁଟିଏ କରିବା ପରେ ଜଣେ କିଭଳି ପରିସ୍ଥିତିର ସାମ୍ନା କରୁଛି ତାହାକୁ ଉକ୍ତ ସିନେମାରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ସିନେମାଟିର ଟାଇଟଲ ରହିଛି 'ସରକାରୀ କ୍ୱାଇଁ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଶୋକ କୁମାର ବେହେରା। କାହାଣୀ ରଚନା କରିଛନ୍ତି ଶିବାନୀ ବେହେରା। ଖାସ୍ କଥା ହେଲା ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। ଏ ସମ୍ପର୍କରେ ସେ କହନ୍ତି, ''ସରକାରୀ କ୍ୱାଇଁକୁ ନେଇ ଏହି ଫିଲ୍ମର କାହାଣୀ କି ମୋଡ ନେଉଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ। ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ସମସ୍ତେ ଚେଷ୍ଟା କରିଛନ୍ତି। ଆଶା ରଖିଛି ଦର୍ଶକ ଆମର ପରିଶ୍ରମର ମୂଲ୍ୟ ନିଶ୍ଚୟ ବୁଝିବେ।'' ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ପୁପିନ୍ଦର। ସବୁଠାରୁ ଖାସ୍ କଥା ହେଲା, ଅପେରା ଜଗତର ବିଶିଷ୍ଟ ଅଭିନେତା ବାପି ପଣ୍ଡା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅଭିଷେକ ରଥ, ତନୁଶ୍ରୀ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ବୁଲୁ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ନିରଞ୍ଜନ।

# ରାକେଟ୍

ଅପରାଧୀଙ୍କ ପାଇଁ ଆଇନ କାନୁନ ଯେତିକି ଦୃଢ଼ ହେଉଛି ସେହି ଅନୁସାରେ ସେମାନେ ନିଜର କାୟା ବିସ୍ତାର କରୁଛନ୍ତି। ଦିନକୁ ଦିନ ସମାଜରେ ବିଭିନ୍ନ ପ୍ରକାର ଅପରାଧ ବଢ଼ିଚାଲିଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହା କେବଳ ରାଜ୍ୟ କିମ୍ବା ଦେଶ ଭିତରେ ସୀମିତ ନାହିଁ କେତେକ ଅପରାଧର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଥିବାର ଅନେକ ନଜୀର ରହିଛି। ଏବେ ବିଭିନ୍ନ ପ୍ରକାର ରାକେଟ୍ କାମ କରୁଛି। ଏଭଳି ଏକ ବଡ଼ ତଥା ଚାଞ୍ଚଲ୍ୟକର ରାକେଟକୁ ନେଇ ନିର୍ମିତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ରାକେଟ୍'। ଚଳିତ ମାସ ୨୫ ତାରିଖରେ ଦର୍ଶକମାନେ ଏହି ଫିଲ୍ମଟିକୁ ବଡ଼ ପରଦାରେ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। କାହାଣୀ ରଚନା କରିଛନ୍ତି ହେମନ୍ତ ପାତ୍ର। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। କ୍ୟାମେରାରେ ଦାୟିତ୍ୱ ତୁଲାଇଛନ୍ତି ଆର୍. ଭଗତ ସିଂ ଏବଂ ସମ୍ପାଦନାରେ ଅଛନ୍ତି ସୁକୁମାର ମଣି। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫିରେ ଅଛନ୍ତି ଏସ୍. କେ. ମୁରଲୀଧରନ୍। ଦୀର୍ଘଦିନର ବ୍ୟବଧାନ ପରେ ସେ ପୁଣି ଥରେ ଓଡ଼ିଆ ସିନେମାକୁ ଫେରୁଛନ୍ତି। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଡ୍ଡୀ ଏବଂ 'ନଟିଆ' ଫେମ୍ ସ୍ମୃତି ରଞ୍ଜନ ମହାନ୍ତି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।


'ରାକେଟ୍' ଫିଲ୍ମରେ ନମ୍ରତା ଥାପ୍ପା

# ବୁଦ୍ଧିମତୀ ତାପସୀ

ତାପସୀ ପାନ୍ନୁଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡ଼ିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡ଼େ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ତାଙ୍କର କେତେଜଣ ସାମ୍ବାଦିକଙ୍କ ସହ ସାମ୍ନାସାମ୍ନି ହୋଇଯାଇଥିଲା। ସେମାନେ ଯେଉଁ ପ୍ରଶ୍ନସବୁ ପଚାରିଲେ ସେଗୁଡ଼ିକର ଉତ୍ତର ତାପସୀ ବେଶ୍ ଥଣ୍ଡା ମିଜାଜରେ ଦେଇଥିଲେ। କେବଳ ସେତିକି ନୁହେଁ, କୁଲ୍ କୁଲ୍ ତାପସୀ ସେହି ସମୟରେ ଶାହରୁଖଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ନେଇ ସେ କହନ୍ତି, 'ମୁଁ ଯେତେବେଳେ ସାମ୍ବାଦିକମାନଙ୍କୁ ସାମ୍ନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଶାହରୁଖଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ତାଙ୍କ ଅଭିନୟରେ ଭିନ୍ନତା ରହିଛି।'' ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏହି ଅଭିନେତ୍ରୀ। ୨୦୧୦ରେ ତେଲୁଗୁ ଫିଲ୍ମ 'ଝୁମାନ୍ଦି ନାଡମ'ରୁ ସେ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଠିକ୍ ଏହାର ପରବର୍ଷ ତାଙ୍କୁ ତାମିଲ ଫିଲ୍ମ (ଅଡ୍ଡୁକାଲାମ)ରେ ମଧ୍ୟ ବ୍ରେକ୍ ମିଳିଥିଲା। ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଡେଭିଡ୍ ଧାୱନଙ୍କ 'ଚସ୍‌ମେ ବଦ୍ଦୁର'।


ତାପସୀ

# ଦଶ ହଜାରରୁ ଜଣେ...

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ପୋଘଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏହି ଭୂମିକା ପାଇଁ ଗ୍ରୀନ୍ ସିଗନାଲ ପାଇବାକୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିସନ୍‌ରେ ପ୍ରାୟ ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ପ୍ରଯୋଜନା ସଂସ୍ଥା ସିଲେକ୍ଟ କରିଥିଲା। ହେଲେ ଏହି ଭୂମିକା ତାଙ୍କୁ ରାତାରାତି ଚର୍ଚ୍ଚାର ପରିସରକୁ ଆଣିଥିଲା। ଏଥିଲାଗି ସେ ତ ପରିଶ୍ରମ କରିଥିଲେ ହେଲେ ଏହାପଛରେ ଆଉ ଜଣେ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହନ୍ତି ସେ। ''ଯେତେବେଳେ ମୋତେ ବବିତା ପୋଘଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲ ଭାବରେ ବୁଝି ନେଇଥିଲି। ଯେହେତୁ ଏହା ରେସଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡିଥିଲା। ଜାତୀୟ ରେସଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କର ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ସେହି ସମୟ ସତେ ଯେପରି ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିଲା। ଯାହାହେଉ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ପରବର୍ତ୍ତୀ ସମୟରେ ମୋ କ୍ୟାରିୟର ପାଇଁ ଏହା ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହନ୍ତି ସାନ୍ୟା।''


ସାନ୍ୟା

ଧରିତ୍ରୀ
DHARITRI
51 Years



# ଆର୍‌ସିବିର ସମ୍ମାନଜନକ ସ୍କୋର

## ମହମ୍ମଦ ସିରାଜଙ୍କ ପ୍ରଭାବୀ ବୋଲିଂ



ମହମ୍ମଦ ସିରାଜ

**ବେଙ୍ଗାଲୁରୁ, ୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସମ୍ମାନଜନକ ସ୍କୋର କରିଛି। ଲିଆମ ଲିଭିଂଷ୍ଟୋନଙ୍କ ଅର୍ଦ୍ଧଶତକ ସହାୟତାରେ ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଛି। ଗୁଜରାଟ ଟାଇଟନ୍ସ ବୋଲର ମହମ୍ମଦ ସିରାଜ ପ୍ରଭାବୀ ବୋଲିଂ କରି ମାତ୍ର ୧୯ ରନଦେଇ ୩ଟି ଉଇକେଟ ଅକ୍ତିଆର କରିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଅଧିନାୟକ ଶୁବମନ ଗିଲ୍। ପୂର୍ବ ୨ ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ ଦେଇ ଆସିଥିବା ଆରସିବି ଏଠାରେ କିନ୍ତୁ ତାହାର ପୁନରାବୃତ୍ତି କରିପାରି ନ ଥିଲା। କାଗିଶୋ ରାବାଡ଼ାଙ୍କ ସ୍ଥାନରେ ସାମିଲ ହୋଇଥିବା ଅର୍ଶଦ ଖାଁ ଓ ପୂର୍ବରୁ ଆରସିବି ପକ୍ଷରୁ ଖେଳିଥିବା ମହମ୍ମଦ ସିରାଜ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଅର୍ଶଦ ମାତ୍ର ୭ ରନ କରିଥିବା ବିରାଟ କୋହଲିଙ୍କୁ ଆଉଟ କରି ଆରସିବିକୁ ଶକ୍ତ ଝଟ୍‌କା ଦେଇଥିଲେ। ଏହାପରେ ସିରାଜ ଯଥାକ୍ରମେ ଦେବଦତ୍ତ ପଡିକାଲ (୪) ଓ ଫିଲିପ ସଲ୍ଟ (୧୪)ଙ୍କୁ ପ୍ୟାଭିଲିୟନ ପଠାଇବାରୁ ଆରସିବି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ରଜତ ପଟିଦାରଙ୍କୁ ଈଶାନ୍ତ ଶର୍ମା ପ୍ୟାଭିଲିୟନ ପଥ ଦେଖାଇବାରୁ ୬.୨ ଓଭର ବେଳକୁ ଆରସିବି ସ୍କୋର ୪୨/୪ ହୋଇ ଯାଇଥିଲା। ଲିଆମ ଲିଭିଂଷ୍ଟୋନ ଓ ଜୀତେଶ ଶର୍ମା ସତର୍କତାର ସହ ଖେଳି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ତେବେ ୫ମ ଉଇକେଟରେ ୫୨ ରନ ଯୋଗ ହେବାପରେ ଜୀତେଶ (୩୩)ଙ୍କୁ ଆଉଟ କରି ପାର୍ଟନରଶିପ୍ ଭାଙ୍ଗିଥିଲେ ରବିଶ୍ରୀନିବାସନ ସାଇ କିଶୋର। ସେ କୃନାଲ ପାଣ୍ଡ୍ୟା(୫)ଙ୍କୁ ମଧ ନିଜ ପରବର୍ତ୍ତୀ ଓଭରରେ ଆଉଟ କରିଥିଲେ। ଲିଭିଂଷ୍ଟୋନ କେତେକ ଦର୍ଶନୀୟ ଶଟ୍ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ସେ ୪୦ ବଲ୍‌ରୁ ୫୪ (୧ ଚୌକା, ୫ ଛକା) ରନ କରିବାପରେ ସିରାଜଙ୍କ ତୃତୀୟ ଶିକାର ବନିଥିଲେ। ସିରାଜ ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲ୍‌ରେ ମାତ୍ର ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଶେଷ ଭାଗରେ ଟିମ୍ ଡାଭିଡ ଦ୍ରୁତ ୩୨ (୧୮ ବଲ, ୩ ଚୌକା, ୨ ଛକା) ରନ କରିବାରୁ ଆରସିବି ସ୍କୋର ୧୬୯ରେ ପହଞ୍ଚି ପାରିଥିଲା। ଗୁଜରାଟ ପକ୍ଷରୁ ସିରାଜଙ୍କ ବ୍ୟତୀତ ସାଇ କିଶୋର ୨ଟି ଏବଂ ଅର୍ଶଦ ଖାଁ, ପ୍ରସିଦ୍ଧ କ୍ରିଷ୍ଣା ଓ ଈଶାନ୍ତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୬୯/୮ (ଲିଆମ ଲିଭିଂଷ୍ଟୋନ-୫୪, ଜୀତେଶ ଶର୍ମା-୩୩, ଟିମ୍ ଡାଭିଡ-୩୨, ମହମ୍ମଦ ସିରାଜ-୩/୧୯, ଆର. ସାଇକିଶୋର-୨/୨୨, ପ୍ରସିଦ୍ଧ କ୍ରିଷ୍ଣା-୧/୨୬, ଅର୍ଶଦ ଖାଁ-୧/୧୭, ଈଶାନ୍ତ ଶର୍ମା-୧/୨୭)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)

**କୋଲ୍‌କାତା ବନାମ ହାଇଦ୍ରାବାଦ**

ସ୍ଥାନ: କୋଲ୍‌କାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୨ | ୦ | ୪ | +୨.୨୬୬ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | +୦.୬୨୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

# ସାମ୍‌ସନ ରାଜସ୍ଥାନ ଦଳର ନେତୃତ୍ୱ ନେବେ

**ବେଙ୍ଗାଲୁରୁ,୨।୪(ପି.ଟି.)**

ସଞ୍ଜୁ ସାମ୍‌ସନ ଚଳିତ ଆଇପିଏଲ୍‌ରେ ଉଇକେଟ୍ କିପିଂ କରିବା ସହ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ଦଳର ନେତୃତ୍ୱ ସମ୍ଭାଳିଥିଲେ। ତାଙ୍କୁ ଏଥିଲାଗି ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ଠାରୁ ଅନୁମତି ମିଳିଥିଲା। ଗତ ଫେବୃଆରୀରେ ଇଂଲଣ୍ଡ ବିପକ୍ଷ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌ରେ ପେସର ଜୋଫ୍ରା ଆର୍ଚ୍ଚରଙ୍କ ଏକ ବାଉନ୍ସର ସାମ୍‌ସନଙ୍କ ଡାହାଣହାତ ବିସି ଆଙ୍ଗୁଠିରେ ବାଜିଥିଲା। ଏଥିଯୋଗୁ ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି କାରଣରୁ ସେ ଚଳିତ ଆଇପିଏଲ୍‌ରେ ପ୍ରଥମ ୩ ମ୍ୟାଚ୍‌ରେ ରାଜସ୍ଥାନ ଦଳର ନେତୃତ୍ୱ ନେଇପାରି ନ ଥିଲେ। କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ଏନ୍‌ସିଏର ଅନୁମତି ଲାଗି ମେଡିକାଲ ଟିମ୍ ଦ୍ୱାରା ତାଙ୍କ ଫିଟ୍‌ନେସ୍‌ର ମୂଲ୍ୟାଙ୍କନ କରାଯାଇଥିଲା। ସେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବେ। ରାଜସ୍ଥାନ ଏବେ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଅଛି।

# ଗୋଆ ପାଇଁ ଖେଳିବେ ଜୟସ୍ୱାଲ



ଯଶସ୍ୱୀ ଜୟସ୍ୱାଲ

**ମୁମ୍ବାଇ,୨।୪(ପି.ଟି.)**

ଭାରତୀୟ ଓପ୍‌ନର ଯଶସ୍ୱୀ ଜୟସ୍ୱାଲ ବ୍ୟକ୍ତିଗତ କାରଣରୁ ମୁମ୍ବାଇ ଛାଡ଼ି ଗୋଆ ପାଇଁ ଘରୋଇ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଜୟସ୍ୱାଲ ମଙ୍ଗଳବାର ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ) ଆଗରେ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ। ଏମ୍‌ସିଏଠାରୁ ଅନୁମତି ମିଳିସାରିଥିବାରୁ ସେ ୨୦୨୫-୨୬ ସିଜନରେ ଗୋଆ ପାଇଁ ଖେଳିବେ।

ହଁ, ଏହା ନିଶ୍ଚିତ ଭାବେ ଚକିତ କଲାଭଳି ଘଟଣା। ସେ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ କିଛି ନିଶ୍ଚିତ ଚିନ୍ତା କରିଥିବେ। ସେ ଆମକୁ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ଏବଂ ଆମେ ତାହାକୁ ଗ୍ରହଣ କରିଛୁ ବୋଲି ଏମ୍‌ସିଏର ଜଣେ ଅଧିକାରୀ ବୁଧବାର କହିଛନ୍ତି। ଜୟସ୍ୱାଲ ଅନ୍ତିମଥର ମୁମ୍ବାଇ ପାଇଁ ଗତ ଜାନୁଆରୀରେ ଜମ୍ମୁ-କଶ୍ମୀର ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ୍‌ର ଉଭୟ ଇନିଂସରେ ସେ ଯଥାକ୍ରମେ ୪ ଓ ୨୬ ରନ୍ କରିଥିଲେ ଏବଂ ମୁମ୍ବାଇ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଗୋଆ କ୍ରିକେଟ ଆସୋସିଏଶନ(ଜିସିଏ) ସମ୍ପାଦକ ଶାମ୍ବା ଦେଶାଇ କହିଛନ୍ତି ଯେ, ସେ ଆମ ଦଳରେ ଖେଳିବାକୁ ଚାହୁଁଛନ୍ତି। ଆମେ ତାଙ୍କୁ ସ୍ୱାଗତ କରୁଛୁ। ସେ ଆମ ପାଇଁ ପରବର୍ତ୍ତୀ ସିଜନରେ ଖେଳିବେ। ସେ ଜାତୀୟ ଦଳ ଲାଗି ଡ୍ୟୁଟିରେ ନ ଥିବା ବେଳେ ଗୋଆ ଦଳର ଅଧିନାୟକ ହୋଇପାରିବେ। ସେ ଭାରତୀୟ ଦଳ ପାଇଁ ଖେଳନ୍ତି। ଏଣୁ ସେ ଅଧିନାୟକ ହୋଇପାରିବେ।

## ଘରୋଇ କ୍ରିକେଟ

ଆମେ ଏ ଦିଗରେ କାମ କରିବୁ। ଆମେ ତାଙ୍କ ଉପଲବ୍ଧତା ସମ୍ପର୍କରେ ଏପର୍ଯ୍ୟନ୍ତ କଥା ହୋଇନାହୁଁ। ଜୟସ୍ୱାଲ ତୃତୀୟ ମୁମ୍ବାଇ କ୍ରିକେଟର ଭାବେ ଗୋଆ ଦଳରେ ଯୋଗଦେଇଛନ୍ତି। ତାଙ୍କ ପୂର୍ବରୁ ସିଦ୍ଧେଶ ଲାଡ୍ ଓ ଅର୍ଜୁନ ତେନ୍ଦୁଲକର ଗୋଆ ଦଳରେ ଯୋଗଦେଇଥିଲେ। ୨୦୨୩ ଜୁଲାଇ ଟେଷ୍ଟରେ ପଦାର୍ପଣ କରିଥିବା ଜୟସ୍ୱାଲ ଏପର୍ଯ୍ୟନ୍ତ ୧୯ ମ୍ୟାଚ୍‌ରେ ୪ ଶତକ ଓ ୧୦ ଅର୍ଦ୍ଧଶତକ ସହ ୫୨ ଆଭରେଜ୍‌ରେ ରନ୍ କରିଛନ୍ତି।

# କଟକରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ

## ଭାରତର ୨୦୨୫ ଘରୋଇ ସିଜନ କାର୍ଯ୍ୟସୂଚୀ ଘୋଷିତ

**ନୂଆଦିଲ୍ଲୀ,୨।୪(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଆନୁଷ୍ଠାନିକ ଭାବେ ଭାରତୀୟ ଦଳ ଲାଗି ଘରୋଇ ଅନ୍ତର୍ଜାତୀୟ ୨୦୨୫ ସିଜନର କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ସିଜନରେ ଓଡ଼ିଶାର କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ ଖେଳାଯିବ।

ଅକ୍ଟୋବର ୨ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ଟିମ ଇଣ୍ଡିଆର ଘରୋଇ ସିଜନ ଆରମ୍ଭ ହେବ। ସିରିଜର ପ୍ରଥମ ମ୍ୟାଚ ଅହମ୍ମଦାବାଦରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ କୋଲକାତାରେ ଅକ୍ଟୋବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀୟ ଦଳର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଲାଗି ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁତ୍ୱପୂର୍ଣ୍ଣ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପରେ ଦକ୍ଷିଣ ଆଫ୍ରିକା ଏକ ସମ୍ପୂର୍ଣ୍ଣ କ୍ରିକେଟ ସିରିଜ ପାଇଁ ଭାରତ ଗସ୍ତରେ ଆସିବ। ଗୁଆହାଟୀରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯିବ। ପ୍ରଥମ ଥର ପାଇଁ ଗୁଆହାଟୀ କୌଣସି ଟେଷ୍ଟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହି ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୧୪ ତାରିଖରେ ନୂଆଦିଲ୍ଲୀରେ ଖେଳାଯିବ। ୨୨ ତାରିଖରୁ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ଅନୁଷ୍ଠିତ ହେବ। ଏହାପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ନଭେମ୍ବର ୩୦ ତାରିଖରେ ରାଞ୍ଚିରେ ପ୍ରଥମ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଦୁଇଟି ମ୍ୟାଚ ରାଇପୁର (ଡିସେମ୍ବର ୩) ଓ ବିଶାଖାପାଟନମ (ଡିସେମ୍ବର ୬)ରେ ହେବ। ଦିନିକିଆ ପରେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ। ସିରିଜର ପ୍ରଥମ ମ୍ୟାଚ ଡିସେମ୍ବର ୯ ତାରିଖରେ କଟକରେ ଖେଳାଯିବ। ପରବର୍ତ୍ତୀ ୪ଟି ମ୍ୟାଚ ଯଥାକ୍ରମେ ନୂଆ ଚଣ୍ଡିଗଡ଼ (ଡିସେମ୍ବର ୧୧), ଧର୍ମଶାଳା (୧୪), ଲକ୍ଷ୍ନୌ (୧୭) ଓ ଅହମ୍ମଦବାଦ (୧୯)ରେ ଅନୁଷ୍ଠିତ ହେବ।

# ମେସିଙ୍କ ବଡିଗାର୍ଡ ଟଚ୍‌ଲାଇନରୁ ବାସନ୍ଦ

**ମାୟାମି,୨।୪:** ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ବଡିଗାର୍ଡ ୟାସିନେ ଚେଉକୋଙ୍କୁ ଇଣ୍ଟର ମାୟାମି ମ୍ୟାଚ୍ ବେଳେ ଆର୍ଜେଣ୍ଟିନା ଫରୱାର୍ଡଙ୍କୁ ଟଚ୍‌ଲାଇନରେ ସୁରକ୍ଷା ଯୋଗାଇବାରୁ ବାସନ୍ଦ କରାଯାଇଛି। ମେଜର ଲିଗ୍ ସକର(ଏମ୍‌ଏଲ୍‌ଏସ୍) ପକ୍ଷରୁ କୁହାଯାଇଛି ଯେ, ଦଳୀୟ ସୁରକ୍ଷା ଗାର୍ଡଙ୍କ ସମ୍ପର୍କିତ ନିୟମରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବିଭିନ୍ନ ଦଳକୁ ଫିଲ୍ଡରେ ବେଞ୍ଚ ନିକଟରେ ସୁରକ୍ଷା ଯୋଗାଇବା ପାଇଁ ସୁରକ୍ଷା ଗାର୍ଡ ଦିଆଯାଇଛି। ଚେଉକୋଙ୍କୁ କେବଳ ଲକର ରୁମ୍ ଓ ମିକ୍ସଡ ଜୋନ୍‌ରେ ସୁରକ୍ଷା ଯୋଗାଇବାକୁ ଅନୁମତି ମିଳିବ। ସେମାନେ ମୋତେ ଫିଲ୍ଡରେ ପ୍ରବେଶ କରିବାକୁ ଅନୁମତି ଦେଉନାହାନ୍ତି। ମୁଁ ୭ ବର୍ଷ ଲାଗି ୟୁରୋପରେ ଥିଲି।

# କିଟ୍‌ରେ ଆନ୍ତଃ ଜୋନ୍ ମହିଳା ବିଶ୍ୱବିଦ୍ୟାଳୟ କ୍ରିକେଟ



ଅତିଥିଙ୍କ ଗହଣରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଦଳ।

**ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଦେଶର ୧୬ଟି ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ଅବସରପ୍ରାପ୍ତ ଏନ୍‌ଆଇଏସ୍ କ୍ରିକେଟ କୋଚ୍ ଅଜିତ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସବୁ ଦଳର ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଆସୋସିଏଟ୍ ଭେଟେରାନ୍ ଚାମ୍ପିୟନ



ଚାମ୍ପିୟନ ଆସୋସିଏଟ୍ ଭେଟେରାନ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ସେକେଣ୍ଡ ଇନିଂସ୍ କ୍ରିକେଟ କପ୍

**ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)**

ସେକେଣ୍ଡ ଇନିଂସ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏବଂ ସନ୍ଧ୍ୟା ସାଥୀ ସଂଘ ସହଯୋଗରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ସିଜନ-୨ରେ ଆସୋସିଏଟ୍ ଭେଟେରାନ୍ସ(ଏଭି) ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ଏବି ୟୁନିକନକୁ ହରାଇ ଦେଇଛି। ଚାମ୍ପିୟନ ଦଳର ରାଜେଶ କୁମାର ପାଇକରାୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ରନରଅପ୍ ଦଳର ଦେବାଶିଷ ଫାଇଟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଦଳର ସଞ୍ଜୟ କୁମାର ଶତପଥୀ ଶ୍ରେଷ୍ଠ ବୋଲର, ରାଜେଶ କୁମାର ପାଇକରାୟ ଶ୍ରେଷ୍ଠ ବ୍ୟାଟର ଏବଂ ଟିସିଏସ୍ ଦଳର କାନ୍ତ ଏ. ପଟ୍ଟନାୟକ ପ୍ଲେୟର ଅଫ ଦି ସିରିଜ ପୁରସ୍କାର ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସୋଆ ଗ୍ରାଉଣ୍ଡରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସନ୍ଧ୍ୟା ସାଥୀ ସଂଘ ସଭାପତି ନୀହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ମାନସ ସାହୁ ଓ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଦୃଷ୍ଟିବାଧିତ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)**

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ(ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ୍(ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଭାରତର ଶ୍ରେଷ୍ଠ ଦୃଷ୍ଟିହୀନ ଚେସ୍ ପ୍ରତିଭାଙ୍କ ମଧ୍ୟରେ ଗୌରବ ପାଇଁ ଲଢ଼େଇର ମଞ୍ଚ ପ୍ରସ୍ତୁତ କରିଛି। ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇ ଗ୍ରୁପ୍‌ର ଅଧ୍ୟକ୍ଷ ସିଲ୍ପି ସାହୁ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା, ଏଆଇସିଏଫ୍‌ବି ଉପସଭାପତି କିଷାନ ଗାଙ୍ଗୁଲି, କୋଷାଧ୍ୟକ୍ଷ ସ୍ୱପ୍ନିଲ ଶାହା, ଓସିଏଭିସି ସମ୍ପାଦକ ସୌନ୍ଦର୍ଯ୍ୟ ପ୍ରଧାନ ଏବଂ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

୧୫ ରାଜ୍ୟର ମୋଟ ୫୨ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୩ ଅନ୍ତର୍ଜାତୀୟ ପଦକ ବିଜେତାଙ୍କ ସହ ଓଡ଼ିଶାର ୪ ପ୍ରତିଯୋଗୀ ସାମିଲ। ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୫ ଖେଳାଳି ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ୨ଟି ପ୍ରତିଯୋଗିତା ହେଲା ଆଇବିସିଏ ଚେସ୍ ଅଲିମ୍ପିଆଡ୍(ସର୍ବିଆ, ଜୁନ୍-୨୦୨୫) ଓ ଆଇବିସିଏ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ (ପୋଲାଣ୍ଡ, ଅଗଷ୍ଟ-୨୦୨୫)। କର୍ଣ୍ଣାଟକର କିଷାନ ଗାଙ୍ଗୁଲି(୨୦୧୩ ରେଟିଂ) ପ୍ରତିଯୋଗିତାର ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ(୧୯୫୨), ଗୁଜରାଟର ଦର୍ପନ ଇରାନୀ(୧୯୩୯), ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନ(୧୯୨୮) ଓ ଶୁଭେନ୍ଦୁ ପାତ୍ର(୧୮୭୪) ସହ ଅନ୍ୟ ୪ ସିଡେଡ୍ ଖେଳାଳି ରହିଛନ୍ତି। ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ କ୍ରୀଡ଼ା ବିଭାଗର ସମର୍ଥନ ରହିଛି।



ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ